₹ : 25


# ଆମରି ସତ୍ୟ

## AMARI SATYA

ଦ୍ୱାଦଶ ବର୍ଷ, ଷଷ୍ଠ ସଂଖ୍ୟା
ମାସିକ, ମାର୍ଚ୍ଚ-୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24




Happy New Year
2022
May your troubles be less,
and your blessing be more, and nothing but
happiness come through your door!
Soni Jewellers
Raja Bazar, Jatni, Odisha Mob. 7978114496

# ଆମରି ସତ୍ୟ

# AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**

**ଦ୍ୱାଦଶ ବର୍ଷ - ନବମ ସଂଖ୍ୟା - ମାର୍ଚ୍ଚ, ୨୦୨୨**


**ପ୍ରତିଷ୍ଠାତା**
**ଡ. ପ୍ରମୋଦ ଚନ୍ଦ୍ର ଦାଶ**
୯୪୩୭୨୮୧୬୫୫

ସମ୍ପାଦକ
**ଡ. ପ୍ରସନ୍ନ କୁମାର ଜେନା**
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ
**ଶ୍ରୀ ସତ୍ୟବାଦୀ ବଳିଆରସିଂହ**
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
**ଶ୍ରୀ ତ୍ରିଲୋଚନ ମହାପାତ୍ର**
୯୯୩୮୯୯୪୮୨୨

ସହ ସମ୍ପାଦକ
**ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ**
୯୪୩୮୭୩୪୮୧୬
**ଡ. ଅଜୟ କୁମାର ସ୍ୱାଇଁ**
୯୪୩୭୨୮୧୪୮୨
**ଡ. ଭବାନୀ ଶଙ୍କର ଦାଶ**
୯୪୩୭୧୩୧୯୯୬
**ଶ୍ରୀମତୀ ରଶ୍ମିତା ନାୟକ**
୯୪୩୮୩୬୩୦୩୦

**ସଂଯୋଜକ**
**ଡ. ନିରଞ୍ଜନ ମହାନ୍ତି**
୯୪୩୭୧୬୦୩୫୫
**ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ**
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
**ଶ୍ରୀ ସର୍ବେଶ୍ୱର ମହାପାତ୍ର**
୯୯୩୮୪୪୨୪୨୮
**ଶ୍ରୀ ସମରଜିତ୍ ପଟ୍ଟନାୟକ**
୯୮୬୧୧୨୧୨୦୫
**ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ**
୭୦୭୭୯୮୩୮୪୦
**ଡ. ପ୍ରେମଚାନ୍ଦ ମହାନ୍ତି**
୯୪୩୭୧୨୭୮୨୦
**ଡ. ରଶ୍ମିରଞ୍ଜନ ନାଥ**
୯୯୮୬୧୪୭୭୧୯୫
**ଡ. ଗୌରହରି ମିଶ୍ର**
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
**ଶ୍ରୀ ରାଜୀବ ରଥ**
୭୫୦୪୬୬୯୭୯୨
**ଶ୍ରୀ ପ୍ରୀତମ୍ ବଳୀୟାରସିଂହ**
୯୯୩୭୫୮୧୩୧୮



**ଯୋଗାଯୋଗ:**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in • Email:amarisatya@gmail.com , amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ସ୍ମାର୍ଟ କ୍ଲାସ ରୁମ | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୦୫ |
| ୫. | ବଂଶୀ ଡାକେ ରହି ରହି | ବାବାଜୀ ଚରଣ ଜେନା | ୦୬ |
| ୬. | ବିଜ୍ଞାନ ବିଚିତ୍ରା | ପ୍ରେମଚାନ୍ଦ ମହାନ୍ତି | ୦୭ |
| ୭. | ଅପେକ୍ଷା କରିଥିବାବେଳେ... | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୦ |
| ୮. | ରକ୍ତଦାନ ପାଇଁ ସ୍ଲୋଗାନ | ଅଜୟ କୁମାର ସେଠୀ | ୧୨ |
| ୯. | ଅଳ୍ପାୟୁ ଅଭିମନ୍ୟୁ | ପଦ୍ମନାଭ ପାଣିଗ୍ରାହୀ | ୧୩ |
| ୧୦. | ସାବଧାନ ! ... | ବିଭୂତିଭୂଷଣ ସେନାପତି | ୧୫ |
| ୧୧. | କାଶତଣ୍ଡୀ | ନାରାୟଣ ଦାସ | ୧୬ |
| ୧୨. | କିସ କଥା - ବ୍ୟାଙ୍କ୍ କଥା | ଘନବିହାରୀ ମହାରଣା | ୧୭ |
| ୧୩. | ମୁଁ ଥିଲି ସେନାପତି | ଧ୍ରୁବ ରଣା | ୧୯ |
| ୧୪. | କାହାପାଇଁ କିଏ ସୁନ୍ଦର | ସୁଷମା ପରିଡ଼ା | ୧୯ |
| ୧୫. | କେତେ ଗୌରବଦୀପ୍ତ ... | ହରୀଶଚନ୍ଦ୍ର ପୃଷ୍ଟି | ୨୦ |
| ୧୬. | ଗ୍ରାମପଥ | ବେଣୁଧର ସୁତାର | ୨୧ |
| ୧୭. | ଜୁନିଅର କ୍ରିକେଟରେ... | ଆଶିଷ କୁମାର ରାୟ | ୨୨ |
| ୧୮. | ବାର୍ଦ୍ଧକ୍ୟ ଭାବନା | ଆଦିକନ୍ଦ ରାମ | ୨୩ |
| ୨୦. | ସମ୍ବାଦ ବିଚିତ୍ରା | | ୨୪ |
| ୨୧. | ସାଧାରଣ ଜ୍ଞାନ | | ୨୫-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୫)



**ରମେଶ ମଙ୍ଗରାଜ**


କଳାଚାନ୍ଦ ମୋର କାଳିଆଠାକୁର
ଦେହ ଦେଉଳରେ ସେମିତି ଥାଆ
ତମପାଇଁ ପ୍ରଭୁ ହୃଦୟ ମନ୍ଦିର
ଚିରଦିନ ଲାଗୁଥାଉ ତ' ନୂଆ ।।୦।।
ତମ ଭାବଥିଲେ ଜଗତ ଭିତରେ
ଅଭାବ କିଛି ତ' ରହିବନାହିଁ
ବଂଚିଛି ମୁଁ ଖାଲି ତମରିପାଇଁ
ତୁମେ ମୋ ପରାଣ ସୁବାସ ଚନ୍ଦନ
ଫେରା ଚଇତାଳି ମଳୟ ବାଆ । ।।୧।।
କଳାଚାନ୍ଦ ମୋର.............
ଜୀବନରେ ମୋର ନାହିଁ କିଛି ଦୁଃଖ
ତମରି ପାଇଁକି ସୁଖରେ ଅଛି
ତୁମରି ନାଆଁରେ ତୁମରି ଦୁଆରେ
ଆନନ୍ଦରେ ଦିନ କଟିଯାଉଛି
ତୁମେ ମୋର ବନ୍ଧୁ ଆହେ ଜଗବଂଧୁ
ତମେ ରାହା ମୋର ତମେ ତ' ସାହା । ।।୨।।
କଳାଚାନ୍ଦ ମୋର.............

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୬୨୮୦**



ଦାନୀ ହେବାଟା ଖୁବ୍ ସହଜ - କିନ୍ତୁ ନ୍ୟାୟ-ପରାୟଣ ହେବାଟା ବହୁତ କଷ୍ଟ ।





# ସମ୍ପାଦକୀୟ....

ଯୁଦ୍ଧ କ୍ଷତିକାରକ ଓ ଏହା ମଣିଷ ସମାଜ ଉପରେ ଲଦି ହୋଇଯାଉଥିବା ଗୋଟିଏ ମନୁଷ୍ୟକୃତ ମହାବିପତ୍ତି। ଏହା ଏକ ସଙ୍ଗରେ ମୃତ୍ୟୁର ବିଭୀଷିକା ସହ ରୋଗ, କ୍ଷୁଧା, ଦାରିଦ୍ର୍ୟ ଓ ଧ୍ୱଂସର ମହାତାଣ୍ଡବ ସୃଷ୍ଟି କରି ପାରୁଥିବା ଏକ ଆକସ୍ମିକ ଦୁର୍ବିପାକ। ଅବଶ୍ୟ ଏହାକୁ ଆକସ୍ମିକ ବୋଲି କହିହେବନି। ଯେହେତୁ ଏହା ମନୁଷ୍ୟକୃତ, ତେଣୁ ଏହାକୁ ମଣିଷର ଖିଆଲି ମନର ଆବେଗରହିତ ପରିଭାଷା ବୋଲି କୁହାଯାଇପାରେ। କାରଣ, ଯୁଦ୍ଧ ବୁଝିବିଚାରି କରାଯାଏ। ଆଉ ସବୁଠାରୁ ବିସ୍ମୟକର କଥା ହେଲା, ଏହା କିଛି ରାଷ୍ଟ୍ରମାନଙ୍କର ସଚେତନ ନେତୃବୃନ୍ଦଙ୍କ ବିସ୍ତାରବାଦୀ ମାନସିକତା ଓ ସେହି ନିଷ୍ପତ୍ତିର ଦୁଷ୍ପରିଣାମ, ଯାହାକୁ ସମୟାନ୍ତରେ ବିଶ୍ୱ ଭୋଗକରିଆସୁଛି।

କାହିଁକି କେଜାଣି, ମଣିଷ ବାରମ୍ବାର ଭୁଲ କରିଚାଲେ? ସେଇଥିପାଇଁ ଜର୍ଜ ବର୍ଣ୍ଣାଡ୍ ଶ ଏକଦା କହିଥିଲେ, ଇତିହାସର ପୁନରାବୃତ୍ତି ଯଦି ସତ୍ୟ, ତାହାହେଲେ ସେହି ଇତିହାସରୁ କିଛି ନଶିଖିପାରିବା ହେଉଛି ମଣିଷପକ୍ଷେ ମହାନ ବିଡ଼ମ୍ବନା। ଏହି କାଳଜୟୀ ବାକ୍ୟଟି ଗୋଟିଏ କଳ୍ପନାବିଳାସୀ, ଭାବପ୍ରବଣ ସାହିତ୍ୟିକର ହୋଇପାରେ, ମାତ୍ର ତାହା ଭିତରେ ମଣିଷର ଯେଉଁ ଅସାମର୍ଥତା ଓ ଅସହାୟତାକୁ ସୂଚେଇ ଦିଆଯାଇଛି, ତାହା ସାଂପ୍ରତିକ ମଣିଷ ପାଇଁ ସାଂଘାତିକ ତାଚ୍ଛଲ୍ୟ ନିଶ୍ଚୟ। କାରଣ, ସମ୍ଭାବନାର ପାହାଚ ପରେ ପାହାଚ ଚଢ଼ି ଭୂବମଣ୍ଡଳରେ ନିଜର ଅହଂକାର ସାବ୍ୟସ୍ତ କରିପାରିଥିବା ମଣିଷ ଆଜି ନିଜର ଭୂବନମଣ୍ଡଳକୁ ଖିନ୍‌ଭିନ୍ କରି ନଷ୍ଟ କରିବାରେ ବ୍ୟସ୍ତ। ନିଜର ବ୍ୟକ୍ତିଗତ ଯିଦି ଯେତେବେଳେ ବଳବତ୍ତର ହୋଇଯାଏ, ସେତେବେଳେ ମଣିଷ ଭିତରେ ଅଯଥା ଅହଂକାର ଗୁଡ଼ିଏ ଜମାଟ ବାନ୍ଧେ। ସେହି ଅହଂକାର ତାକୁ ବିବେକ ଓ ବିଚାରଶୂନ୍ୟ କରିଦିଏ। ଅନ୍ୟମାନଙ୍କ ଉପସ୍ଥିତି ତା ପାଇଁ ଅସହ୍ୟ ହୋଇପଡ଼େ। ସେ ଅତ୍ୟାଚାରୀ ହୋଇଯାଏ।

ହାୟରେ ମଣିଷ ! ଟିକିଏ ଇତିହାସର ପୃଷ୍ଠା ଲେଉଟାଇ ଦେଖ ! ଦୁଇଦୁଇଟା ମହାଯୁଦ୍ଧ ଏ ବିଶ୍ୱ ଦେଖିଛି। ତାର କରାଳ ପରିଣତିକୁ ମଧ୍ୟ ଏ ବିଶ୍ୱ ଭୋଗିଛି। ଆଜି ବି ହିରୋସୀମା ଓ ନାଗାସାକି ସେହି ଅଭିଶପ୍ତ ସକାଳର ହୃଦୟଥରା ବିବରଣୀ ପ୍ରଦାନ କରନ୍ତି। ତଥାପି କଣ ହେଲା ? ଏ ବିଶ୍ୱ କିଛି ଶିଖିଲାନି କି ଶିଖିବାକୁ ଟିକିଏ ବି ଚେଷ୍ଟା କଲାନି। କେବଳ ଯୁଦ୍ଧର ଘନଘଟା ଭିତରେ ନିଜ ପୌରୁଷର ମୂଲ୍ୟାୟନ କରିବାକୁ ଚେଷ୍ଟାକଲା। ଏବେ ବି କରୁଛି ମଧ୍ୟ।

ଏମିତିରେ ଦେଖିଲେ ଏ ବିଶ୍ୱ କମ କଷ୍ଟରେ ନାହିଁ। ପ୍ରାକୃତିକ ଦୁର୍ବିପାକ - ବନ୍ୟା, ବାତ୍ୟା, ମରୁଡ଼ି, ସୁନାମୀ ଓ ସବୁଠାରୁ ଅଧିକ ବିପଜ୍ଜନକ ସାବ୍ୟସ୍ତ ହୋଇଥିବା ଏବଂ ପ୍ରାୟ ଦୁଇ ବର୍ଷ କାଳ ବିଶ୍ୱକୁ କବାଟକିଳି ବନ୍ଦୀ କରି ରଖିଥିବା କରୋନା ବିଶ୍ୱମାରୀର କରାଳ ପରିଣତି ଏ ବିଶ୍ୱ ସହିଛି। ଯା ସହ ଆତଙ୍କବାଦ, ସନ୍ତ୍ରାସବାଦ ଭଳି ଅନେକ ବିଚ୍ଛିନ୍ନତାବାଦୀମାନଙ୍କ ଅତ୍ୟାଚାରକୁ ମଧ୍ୟ ଏ ବିଶ୍ୱ ସହୁଛି। ଏତେ ଭିତରେ ବି ସାମ୍ରାଜ୍ୟବାଦୀମାନଙ୍କ ମାନସିକତାରେ କୌଣସି ପରିବର୍ତ୍ତନ କେବେ ଆସିନାହିଁ କି ଆସିବାର ନାଁ ଧରୁନାହିଁ।

ସେହି ପରିପ୍ରେକ୍ଷୀରେ, ରୁଷ-ୟୁକ୍ରେନ୍ ଭିତରେ ଚାଲିଥିବା ଯୁଦ୍ଧକୁ ଦେଖିଲେ ଏହା ଭବିଷ୍ୟତରେ କୋଉ ଭଳି ମୋଡ଼ ନେବ ତାହା କହିହେଉନାହିଁ। ଗୋଟିଏ ପଟେ ୟୁକ୍ରେନ୍ ନାଟୋର ନିକଟତର ହେବାକୁ ଚେଷ୍ଟା କରୁଥିବାବେଳେ ରୁଷ ଏହାକୁ ବିରୋଧ କରିବାର ପ୍ରତିକ୍ରିୟା, ଯୁଦ୍ଧରେ ରୂପାନ୍ତରିତ ହୋଇଛି। ଏ ଯୁଦ୍ଧର ଭୟାବହତା ଏତେ ବେଶୀ ଯେ, ତାହା ୟୁକ୍ରେନକୁ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ କରିଦେଲାଣି। ଗୋଟିଏ ପଟେ ଆମେରିକା ଓ ନାଟୋଭୁକ୍ତ ଦେଶ ଏବଂ ଅନ୍ୟପଟେ ରୁଷ୍, ଉଭୟଙ୍କର ବୟାନବାଜି ବେଳୁବେଳ ତୀବ୍ରତର ହେଉଛି, ଯାହା ଅନ୍ୟ ଏକ ବିଶ୍ୱଯୁଦ୍ଧକୁ ସୂଚନାଦେବା କେହି କେହି ଅନୁମାନ କଲେଣି।

ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ ? ? ?

ଆଇନ୍‌ଷ୍ଟାଇନ୍ ଏକଦା କହିଥିଲେ, ତୃତୀୟ ବିଶ୍ୱଯୁଦ୍ଧ ପରେ ଯଦି ଆଉ କେବେ ଚତୁର୍ଥ ବିଶ୍ୱଯୁଦ୍ଧ ହୁଏ, ତେବେ ତାହା ଠେଙ୍ଗା ଓ ପଥରରେ ହେବ !

ପାଠକେ, ଏ କଥାର ମର୍ମ ପ୍ରାୟତଃ ଆପଣମାନେ ବୁଝିସାରିଥିବେ ?


ଡ. ପ୍ରସନ୍ନ କୁମାର ଜେନା



ପଇସାଟିକୁ ଖତ ବା ସାର ସହିତ ତୁଳନା କରାଯାଇପାରେ, ତାକୁ ଖେଳାଇଦେଲେ ଯାଇ ଭଲ ଫଳ ମିଳେ।

# ହିତ ବାଣୀ





## ଗୀତା

ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ
ଯଥୋଲ୍ୱେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ।

ଅର୍ଥ – ଯେପରି ଅଗ୍ନି ଧୂମଦ୍ୱାରା ଆବୃତ ହୋଇଥାଏ, ଦର୍ପଣ ଧୂଳିଦ୍ୱାରା ଆବୃତ ହୋଇଥାଏ କିମ୍ବା ଗର୍ଭସ୍ଥିତ ଶିଶୁ ଯେପରି ଜରାୟୁଦ୍ୱାରା ଆବୃତ ହୋଇଥାଏ, ଠିକ୍ ସେହିପରି ଜୀବ ବିଭିନ୍ନ ପ୍ରକାରର କାମଦ୍ୱାରା ଆବୃତ ହୋଇଥାଏ। ଏହି ମାନବଜନ୍ମରେ ଜୀବ ଜଣେ ଉପଯୁକ୍ତ ଗୁରୁଙ୍କ ଅଧୀନରେ ସାଧନାକରି ଭଗବତଚେତନା ବୃଦ୍ଧି କରିବାଦ୍ୱାରା ଏ କାମ ରୂପକ ଶତ୍ରୁକୁ ଜୟ କରିପାରିବ।

## ଚାଣକ୍ୟ ନୀତି

ଉଦ୍ୟୋଗେ ନାସ୍ତି ଦାରିଦ୍ର୍ୟଂ ଜପତୋ ନାସ୍ତି ପାତକମ୍ ।
ମୌନେ ଚ କଳହୋ ନାସ୍ତି ନାସ୍ତି ଜାଗରିତେ ଭୟମ୍ ॥

ପରିଶ୍ରମ କଲେ ଦାରିଦ୍ର୍ୟ ନ ରହେ
ଜପ କଲେ ପାପ ଦୂର,
ମଉନ ରହିଲେ କଳହ ନହୁଏ
ଭୟ ନାହିଁ ଜାଗ୍ରତର ।

## ଲୋକବିଚାର

କବି କାରିଗର ଯେ ଚିତ୍ରକାର
ଭବ ଦରିଆରୁ କରନ୍ତି ପାର ।
କରନ୍ତି ସମାଜେ ହିତ ସାଧନ
ଦାରୀ ମଦୁଆ ଏ ଅସାବଧାନ ॥

## ଖନାବଚନ

ଗୀତ ନାଶ ଯାଏ ବାଟରେ
ପାଣି ନାଶ ଯାଏ ଫାଟରେ
ସ୍ତିରୀ ନାଶ ଯାଏ ହାଟରେ
ବୁଦ୍ଧି ନାଶ ଯାଏ କୂଟରେ ॥

## ଭାଗବତ ବାଣୀ

**ଭକତି କଲେ ଜ୍ଞାନ ହୋଏ ।**
**ଜୀବ ନ ପଡ଼େ ମାୟା ମୋହେ ॥**
**କପଟ ଧର୍ମ ଯା'ର ନାହିଁ ।**
**ସ୍ୱଭାବେ ଶାସ୍ତ୍ର ସେ ବୋଲାଇ ।**

## ଓଡ଼ିଆ ଲୋକବାଣୀ

ଅଙ୍ଗୁଳି ପ୍ରବେଶେ, ବାହୁ ପ୍ରବେଶଇ, କରୁ ଯେବେ ଅବହେଳା।
କ୍ଷୁଦ୍ର ଛିଦ୍ର ପଥେ, ଜଳ ପଶି ପଶି, ବୁଡ଼ାଇ ଦିଏଟି ଭେଳା।



ଚୋରି କରିବା ବା ଚୋରିମାଲ ରଖିବା ଉଭୟ ଦୋଷାବହ ହେଲାଭଳି ପରନିନ୍ଦା କରିବା ଓ ଶୁଣିବା ଉଭୟ ଦୋଷାବହ।

# ସ୍ମାର୍ଟ କ୍ଲାସ ରୁମ

ଡ.ପ୍ରମୋଦ ଚନ୍ଦ୍ର ଦାଶ

ଭାରତୀୟ ପାରମ୍ପାରିକ ଶିକ୍ଷା ବ୍ୟବସ୍ଥା ପୁସ୍ତକକୈନ୍ଦ୍ରିକ ଏବଂ ଘୋଷା ବିଦ୍ୟା ଉପରେ ଆଧାରିତ ଥିଲା। କିନ୍ତୁ ସମୟର ପରିବର୍ତ୍ତନ ଏବଂ ଶିକ୍ଷାର ଉନ୍ନତ ମାନବୃଦ୍ଧି ପରେ ଉକ୍ତ ଶିକ୍ଷା ବର୍ତ୍ତମାନ ଦକ୍ଷତା ବିକାଶ କରିବାରେ ସାହାଯ୍ୟ କରିପାରୁନାହିଁ। ତେଣୁ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଦକ୍ଷତା ବିକାଶ କରିବାପାଇଁ ସମୟ ଆସିଛି। ଯେଉଁଥିରେ ଶିକ୍ଷାପ୍ରଣାଳୀ ଏବଂ ଶିକ୍ଷାଦାନ କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟା ର ପ୍ରବେଶ କରିଛି। ଏହା କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ ବରଂ ବଞ୍ଚିବାପାଇଁ ଆବଶ୍ୟକ ଥିବା ସବୁକ୍ଷେତ୍ରରେ ଏହି ଟେକ୍‌ନୋଲୋଜିକୁ ଗ୍ରହଣ କରାଯାଇଛି। ଏହାଦ୍ୱାରା ଆମର ଜୀବନଶୈଳୀର ପରିବର୍ତ୍ତନ ଘଟିଛି। ପ୍ରତ୍ୟେକ କ୍ଷେତ୍ରରେ ସ୍ମାର୍ଟଫୋନ୍, ବିଭିନ୍ନ ପ୍ରକାର ସଫ୍ଟୱୟାର ଏବଂ ଆପ୍‌ଗୁଡ଼ିକ ଆମକୁ ସମସ୍ତ କାର୍ଯ୍ୟ କରିବାପାଇଁ ସହଜ ଏବଂ ତୁରନ୍ତ ଫଳାଫଳ ପାଇବାରେ ସାହାଯ୍ୟ କରୁଛି।

ଅତୀତର ଶିକ୍ଷା ଜ୍ଞାନବର୍ଦ୍ଧନ ସହିତ ତତ୍ତ୍ୱଭିତ୍ତିକ ଥିଲା। କିନ୍ତୁ ବର୍ତ୍ତମାନ ଏହା ଦକ୍ଷତା ବିକାଶ ଏବଂ କର୍ମ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି। ତେଣୁ ବର୍ତ୍ତମାନ ଶିକ୍ଷାକୁ ଏକ ବ୍ୟବସାୟିକ ଦୃଷ୍ଟିକୋଣରୁ ଗ୍ରହଣ କରାଯାଇଛି।

ପ୍ରତ୍ୟେକ ବ୍ୟବସାୟରେ ନିଶ୍ଚିତ ଭାବରେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବାପାଇଁ ବ୍ୟବସ୍ଥାମାନ ସୃଷ୍ଟି କରାଯାଇଛି। ସେହିପରି ଆଜିର ବିଦ୍ୟାଳୟଗୁଡ଼ିକୁ ସ୍ମାର୍ଟ ବିଦ୍ୟାଳୟରେ ପରିଣତ କରିବାପାଇଁ ସ୍ମାର୍ଟ କ୍ଲାସ ଏବଂ ସ୍ମାର୍ଟ ଶିକ୍ଷକମାନଙ୍କର ଆବଶ୍ୟକତା ଅଛି।

## ସ୍ମାର୍ଟ ଶ୍ରେଣୀଗୃହ :-

ସ୍ମାର୍ଟ ଶିକ୍ଷା ସବୁବେଳେ ଟେକ୍‌ନୋଲୋଜି ସକ୍ଷମ ହୋଇଥାଏ ଏବଂ ସ୍ମାର୍ଟ ଶ୍ରେଣୀଗୃହ ମାଧ୍ୟମରେ ଉନ୍ନତ ହାର୍ଡ୍‌ୱାର ଏବଂ ଅଭିନବ ସଫ୍ଟୱୟାରର ଟେକ୍‌ନୋଲୋଜି ଏକୀକରଣ କରାଯାଇ ସ୍ମାର୍ଟ ଶ୍ରେଣୀଗୃହର ଧାରଣା ଆଜି ଅଗ୍ରଭାଗରେ ପହଞ୍ଚିପାରିଛି। ଯେଉଁ ଶ୍ରେଣୀଗୃହରେ ଡିଜିଟାଲ ଶିକ୍ଷାଦାନ, ଡିଜିଟାଲ ଡିସ୍‌ପ୍ଲେ ଟ୍ୟାବ୍, ହ୍ୱାଇଟ୍ ବୋର୍ଡ଼ ସହାୟକ ଶ୍ରବଣ ଉପକରଣ ଏବଂ ଅନ୍ୟାନ୍ୟ ଅଡ଼ିଓ ଏବଂ ଭିଜୁଆଲ୍ ଉପାଦାନଗୁଡ଼ିକ ଏକୀଭୂତ କରାଯାଇ ଶିକ୍ଷାଦାନକୁ ସହଜ ଏବଂ ଆକର୍ଷଣୀୟ କରାଯାଇଥାଏ ତାହାକୁ ସ୍ମାର୍ଟ ବା ଡିଜିଟାଲ ଶ୍ରେଣୀଗୃହ କୁହାଯାଇଥାଏ। ଏହା ଶିକ୍ଷକ, ଶିକ୍ଷାର୍ଥୀମାନଙ୍କୁ ସହଜ ଶିକ୍ଷାଦାନ ଏବଂ ଶିକ୍ଷାଗ୍ରହଣରେ ସହଜ କରିବା ସହିତ ଆକର୍ଷଣୀୟ ମଧ୍ୟ କରିଥାଏ। ବିଶେଷକରି ଅଡ଼ିଓ, ଭିଡ଼ିଓ, ଆନିମେସନ୍, ଇମେଜ୍, ମଲ୍ଟିମିଡ଼ିଆ ଇତ୍ୟାଦି ଛାତ୍ରଛାତ୍ରୀମାନଙ୍କପାଇଁ ବିଶେଷ ଆକର୍ଷଣୀୟ ଓ ଅଧିକ ଇଣ୍ଟରାକ୍ଟିଭ କରାଇଥାଏ।

ସ୍ମାର୍ଟ ଶ୍ରେଣୀଗୃହ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ସୃଜନଶୀଳତା, ଅଧିକ ଅଭିନବ ଚିନ୍ତାଧାରା, ଅଧିକ ପ୍ରଶ୍ନ ଏବଂ ସମାଧାନ ଆଣିବାର ଦକ୍ଷତା ବୃଦ୍ଧି ପାଇଥାଏ। ଶିକ୍ଷାର୍ଥୀମାନେ ତାଙ୍କର ସକ୍ରିୟ ଶିକ୍ଷଣତା, ସ୍ଥିରତା, ଧୈର୍ଯ୍ୟ ଓ ସହନଶୀଳତା ଏବଂ ନମନୀୟତା ଭଳି ଗୁଣଗୁଡ଼ିକ ବିକାଶ କରିଥାନ୍ତି। ବିଶେଷକରି ସହଯୋଗୀ ଶିକ୍ଷଣ ମାଧ୍ୟମରେ ଜଟିଳ ଚିନ୍ତାଧାରା, ଜଟିଳ ସମାଲୋଚକ, ଏବଂ ସମସ୍ୟା ସମାଧାନକ୍ଷ କୌଶଳ ବିକାଶ କରିବା ସହିତ ନିଜର ବେଗ ଅନୁସାରେ ଶିକ୍ଷାଲାଭ କରନ୍ତି ଏବଂ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

## ସ୍ମାର୍ଟ ଶ୍ରେଣୀଗୃହର ଉପାଦାନ :-

ସ୍ମାର୍ଟ ଶ୍ରେଣୀଗୃହର ସାଧାରଣ ଉପାଦାନଗୁଡ଼ିକ ହେଉଛି – ହାର୍ଡ୍‌ୱୟାର ଉପକରଣ, ଡ଼େକ୍ସଟପ୍, ଲାପ୍‌ଟପ୍, ଟାବ୍‌ଲେଟ, ଆଇପ୍ୟାର୍ଡ଼, ଏଲ୍.ସି.ଡ଼ି. ପ୍ରୋଜେକ୍ଟର, ଡିଭିଡ଼ି/ ଭି.ସି.ଆର୍., ଇଣ୍ଟରାକ୍ଟିଭ ହ୍ୱାଇଟ୍‌ବୋର୍ଡ, ମାଇକ୍ରୋଫୋନ୍ ଇତ୍ୟାଦି । ତାହାସହିତ ବିଭିନ୍ନ ପ୍ରକାରର ଶିକ୍ଷାଦାନକୁ ସହଜ କରିବାପାଇଁ ଆବଶ୍ୟକୀୟ ଉନ୍ନତ ସଫ୍ଟୱ୍ୟାର ଟେକ୍‌ନୋଲୋଜି ଏବଂ ସବୁ ଉପକରଣଗୁଡ଼ିକୁ ରଖିବା ଏବଂ ବ୍ୟବହାରରେ ଲଗାଇବାପାଇଁ ଏକ ଶ୍ରେଣୀଗୃହ ବା ସଭାକକ୍ଷ। ବିଶେଷକରି କଂପୁଟର ସହିତ ପ୍ରୋଜେକ୍ଟରକୁ ସଂଯୁକ୍ତ କରାଯାଇ ପ୍ରଦର୍ଶନ ପ୍ୟାନେଲଗୁଡ଼ିକରେ ସଂଯୋଗ କରାଯିବା ଆବଶ୍ୟକ। ଯାହାଦ୍ୱାରା ଶିକ୍ଷକ ସଂପୂର୍ଣ୍ଣ ରୂପେ ବିଭିନ୍ନପ୍ରକାର ବିଷୟବସ୍ତୁକୁ ଉପସ୍ଥାପନା କରିବା ସହିତ ଉପସ୍ଥାପନାଗୁଡ଼ିକୁ ହାଇଲାଇଟ୍ କରି ଚିହ୍ନେଇବାରେ ସାହାର୍ଯ୍ୟ କରିଥାନ୍ତି।

## ସ୍ମାର୍ଟ ସ୍କୁଲ :-

ସ୍ମାର୍ଟ ସ୍କୁଲ ସାଧାରଣ ବିଦ୍ୟାଳୟଠାରୁ ଭିନ୍ନ। କାରଣ ଏହାର ପାଠ୍ୟକ୍ରମ, ଶିକ୍ଷାଦାନ, ମୂଲ୍ୟାଙ୍କନ, ଶିକ୍ଷାଦାନ ଶିକ୍ଷାସାମଗ୍ରୀ ଏବଂ ବିଦ୍ୟାଳୟ ପରିଚାଳନାରେ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରାଯାଇଥାଏ। ସମସ୍ତ ଶ୍ରେଣୀଗୃହଗୁଡ଼ିକୁ ଭର୍ଚୁଆଲ କରାଯାଇ ଟାବ୍‌ଲେଟ ବା କଂପୁଟରଦ୍ୱାରା କଲମ ଓ ନୋଟ୍‌ବୁକ୍ ବ୍ୟବହାର ଯାହା ପାରମ୍ପାରିକ ତାହା ବଦଳାଇ ଦିଆଯାଏ। ଲେଜର ଏବଂ ବିଭିନ୍ନପ୍ରକାରର କାଗଜପତ୍ରର ରକ୍ଷଣାବେକ୍ଷଣ କରିବାର ବିଶେଷ ଆବଶ୍ୟକତା ନାହିଁ। ସଫ୍ଟୱ୍ୟାର ମାଧ୍ୟମରେ ଗୋଟିଏ ସ୍ଥାନରେ ରଖାଯାଇଥାଏ। ବିଶେଷକରି ସମସ୍ତ ତଥ୍ୟକୁ କ୍ଲାଉଡ୍‌ରେ ସଂରକ୍ଷଣ କରାଯାଏ। ହଜିଯାଇଥିବା ତଥ୍ୟ ଏବଂ ପୁନରୁଦ୍ଧାର ପାଇଁ ସମୟ ଏବଂ ପରିଶ୍ରମର ଆବଶ୍ୟକତା ନଥାଏ।



ହସିବା ଭଗବତ୍ ଗୁଣ ଏବଂ କାନ୍ଦିବା ମାନବୀୟ ଗୁଣ।

ହଜିଯାଇଥିବା ତଥ୍ୟକୁ ଖୁବ୍ ଶୀଘ୍ର ଉପଲବ୍ଧ କରାଯାଇପାରେ।

**ସ୍ମାର୍ଟ ଶିକ୍ଷକ :-**

ଶିକ୍ଷକମାନେ ପୁସ୍ତକ ପରିବର୍ତ୍ତେ ଏକ ପାଠ୍ୟଯୋଜନାର ଡିଜିଟାଲ ଡିଜାଇନ୍ ପ୍ରସ୍ତୁତ କରିଥାନ୍ତି। ଏହା ସମସ୍ତ ବିଷୟବସ୍ତୁ ସହିତ ଜ୍ଞାନର ଏକ ଡାଟାବେସ୍। ତେଣୁ ଶିକ୍ଷକମାନଙ୍କୁ ଜ୍ଞାନର ଡାଟାବେଶ୍ ଅନ୍‌ଲାଇନ୍ ଭିଡ଼ିଓ ସହିତ ପରିଚିତ ହେବାକୁ ପଡ଼ିବ। ସେତିକି ନୁହେଁ ଅନ୍‌ଲାଇନ୍ ଲର୍ଣ୍ଣିଂ ସଫ୍ଟୱୟାର, ଇ-ଲର୍ଣ୍ଣିଂ ଟିଉଟୋରିଆଲ ଏବଂ ଅନ୍‌ଲାଇଇ ମଲ୍‌ଟିମିଡ଼ିଆ ପାଠ୍ୟକ୍ରମ ସହିତ ଟ୍ରାକ୍ ରଖିବାକୁ ପଡ଼ିବ। ଜଣେ ସ୍ମାର୍ଟଶିକ୍ଷକ ଶିକ୍ଷାଗତ ୱେବ୍‌ସାଇଟ୍, ଅନ୍‌ଲାଇନ୍ ଦୁଇମାର୍ଗ ବାର୍ତ୍ତାଳାପ, ଅନ୍‌ଲାଇନ୍ ଭିଡ଼ିଓ ଋଟିଙ୍ଗ୍ ସହ ଶିକ୍ଷଣ ସୁବିଧା ବିକାଶପାଇଁ ନୂତନ ସଫ୍ଟଓୟାରର ବ୍ୟବହାର ବିଷୟରେ ସଚେତନ ହେବା ଉଚିତ୍।

ଡିଜିଟାଲ ମିଶନ ଅଫ୍ ଇଣ୍ଡିଆ ଉଭୟ ଶିକ୍ଷାଦାନ ଏବଂ ବିଦ୍ୟାଳୟ ପରିଋଳନାରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗକୁ ଏକ ମିଶନ ଭାବେ ଗ୍ରହଣ କରିଛି। ଭାରତରେ ୧୦, ୭୭୮ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଲ୍ୟାବ୍ ଏବଂ ୪୨,୩୧୧ ଶ୍ରେଣୀଗୃହ କରିବାପାଇଁ ୨୦୨୦ - ୨୧ ରେ ୧୦୦୩.୮ କୋଟି ଏବଂ ୨୦୨୧ - ୨୨ ରେ ୯୫୬.୯ କୋଟି ଟଙ୍କା କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। କିନ୍ତୁ ଭାରତର ବିଦ୍ୟାଳୟର ଏକ ତୃତୀୟାଂଶ ପିଲା ଅନ୍‌ଲାଇନ୍ ଶିକ୍ଷା ଲାଭ କରିପାରିଥିଲେ। ବିଶେଷତଃ ଦେଖାଦେଇଛି ୩୨.୫ ପ୍ରତିଶତ ପିଲାମାନେ ଅନ୍‌ଲାଇନ୍ କ୍ଲାସ୍ କରିପାରୁଛନ୍ତି। ତେଣୁ ଶିକ୍ଷା ବଜେଟ୍‌ରେ ୨୦୨୨-୨୩ ରେ ଏକ ଡିଜିଟାଲ ବିଶ୍ୱବିଦ୍ୟାଳୟ କରିବା ସହିତ ଆଞ୍ଚଳିକ ଭାଷାରେ ଶିକ୍ଷାଦାନପାଇଁ ୨୦୦ଟି ଚ୍ୟାନେଲ୍ ମାଧ୍ୟମରେ ଗୋଟିଏ ଶ୍ରେଣୀ ଏକ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମର ଆରମ୍ଭ କରାଯିବ। ସ୍ମାର୍ଟ ଶ୍ରେଣୀଗୃହଗୁଡ଼ିକପାଇଁ ମୋଟ୍ ଅନୁଦାନ ରାଶିର ୨ ଗୁଣ ବୃଦ୍ଧି କରାଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକଗୁଡ଼ିଏ ପାରମ୍ପାରିକ ବିଦ୍ୟାଳୟକୁ ସ୍ମାର୍ଟ ବିଦ୍ୟାଳୟରେ ପରିଣତ କରିଛନ୍ତି। ଏହା ଅତ୍ୟନ୍ତ ଆକର୍ଷଣୀୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଦେବାରେ ସାହଯ୍ୟ କରିପାରୁଛି।

ଗୁଣାତ୍ମକ ଶିକ୍ଷାର ଭରଚୁଆଲ ଶ୍ରେଣୀଗୃହ ଏବଂ ସ୍ମାର୍ଟ ବିଦ୍ୟାଳୟର ଆଧୁନିକୀକରଣ ନିଶ୍ଚିତ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରୁଛି ନିଶ୍ଚିତ କିନ୍ତୁ ସ୍ମାର୍ଟ ବିଦ୍ୟାଳୟର ଆବଶ୍ୟକୀୟ ଉପକରଣ ଏବଂ ସଫ୍ଟୱୟାରର ବ୍ୟବହାରପାଇଁ ସ୍ମାର୍ଟ ଶିକ୍ଷକମାନଙ୍କର ଆବଶ୍ୟକତା ଅଛି। ସ୍ମାର୍ଟ ଶ୍ରେଣୀଗୃହରେ କାର୍ଯ୍ୟ କରୁଥିବା ଶିକ୍ଷକମାନେ ସ୍ମାର୍ଟ ହେଲେ ଭାରତର ଡିଜିଟାଲ ଇଣ୍ଡିଆର ବିଭିନ୍ନ ପ୍ରକଳ୍ପଗୁଡ଼ିକ ସଫଳତା ପାଇପାରିବ ଏବଂ ସ୍ମାର୍ଟ ବିଦ୍ୟାଳୟର ପରିକଳ୍ପନାର ସ୍ୱପ୍ନ ସାର୍ଥକ ହୋଇପାରିବ।

ପ୍ରତିଷ୍ଠାତା - ଆମରି ସତ୍ୟ

# ବଂଶୀ ଡାକେ ରହି ରହି

ବାବାଜୀ ଚରଣ ଜେନା



ବିଜନରେ ବଂଶୀ ବଜାଇଲା କିଏ
ମିଠା ମିଠା ସୁର ଛାଇ
ରାଇ ତନୁ ମନ ପୁଲକିତ ହେଲା
ସେଇ ସୁର ଶୁଣି ଦେଇ
ବିଜନରେ ବଂଶୀ... ।୦।

ବଂଶୀ ଡାକେ ଯେବେ ରାଧା ରାଧା ବୋଲି
ସେ ନାମେ ଯମୁନା ନାଚେ ଢଳି ଢଳି
ପାଗଳିନୀ ହେଲା କିଶୋରୀ ର ମନ
ତୁଛ ଲାଗିଲା ତା ବସନ ଭୂଷଣ
ଆତୁର ମନରେ ଖୋଜିଛି ସେ କେତେ
କୃଷ୍ଣ ଙ୍କୁ ତ ଝୁରି ହୋଇ
ବିଜନରେ ବଂଶୀ... ।୧।

ଫୁଲମାନେ ଯେତେ ଆନମନା ହୋଇ
ମହକିତ କଲେ ସାରା ବନ ଭୂଇଁ
ଚନ୍ଦନ ଚନ୍ଦନ ବାସେ ଚଉଦିଗ
କାହ୍ନୁ ବିନା ତୁଛ ଏଇ ଅଙ୍ଗରାଗ
ଅଦିନେ ମଳୟ ହୋଇଲା ଚଞ୍ଚଳ
ପ୍ରେମଭକ୍ତି ସୁଧା ପିଇ
ବିଜନରେ ବଂଶୀ... ।୨।

ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ-୪
୯୪୩୭୮୩୪୭୧୯



ସଂସାରରେ ସତ୍ୟ ହିଁ ଏକମାତ୍ର ପ୍ରକୃତ ଆତ୍ମୀୟ, ସତ୍ୟ ଭିନ୍ନ ଆଉ କେହି ତୁମ୍ଭର ଆତ୍ମୀୟ ନୁହନ୍ତି।

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ଗୋମାଂସ ଭକ୍ଷଣକାରୀ ସାବଧାନ ରହନ୍ତୁ :-

ମିଚିଗାନସ୍ଥିତ ଏକ ଗୋମାଂସ ପ୍ରସ୍ତୁତକାରୀ ଫାର୍ମରୁ ବାହାରୁଥିବା ମାଂସର ବିଶ୍ଳେଷଣରୁ ଜଣା ପଡିଲା ଯେ ଏଥିରେ ପର ଏବଂ ପୋଲିଫ୍ଲୋରୋ ଆଲକିଲ ସଲଫୋନେଟ୍ସ ନାମକ ରାସାୟନିକ ପଦାର୍ଥ ଗଚ୍ଛିତ ହୋଇ ରହୁଛି। ଏହାକୁ ଫର ଏଭର କେମିକାଲ୍ସ ବୋଲି କୁହାଯାଏ କାରଣ, ଏହା ମଣିଷ ଶରୀର କୁହନ୍ତୁ କି ପରିବେଶ କୁହନ୍ତୁ କେଉଁଠି ବି ନଷ୍ଟ ହୁଏ ନାହିଁ। ଗାଈମାନଙ୍କୁ ଦିଆ ଯାଉଥିବା ଦାନାର ଚାଷ ପାଇଁ ସାଧାରଣତଃ ଶିଳ୍ପାଂଚଳ ସଂଲଗ୍ନ ଜମିକୁ ବଛା ଯାଇଥାଏ। କାରଖାନାରୁ ନିର୍ଗତ ଏହି ପଦାର୍ଥଟି ମାଟିରେ ମିଶି ଫସଲ ଏବଂ ଖାଦ୍ୟ ମାଧ୍ୟମରେ ଗାଈ ପେଟକୁ ଆସେ। ବାରମ୍ବାର ଏହି ମାଂସ ଭକ୍ଷଣ ଦ୍ୱାରା ମନୁଷ୍ୟ ଶରୀରରେ ଏହି ବିଷାକ୍ତ ପଦାର୍ଥଟି ଅଣ ବିଘଟିତ ହୋଇ ଜମା ହୋଇଚାଲେ। ଫଳ ସ୍ୱରୂପ ମନୁଷ୍ୟର ଅଜାଣତରେ ଲିଭର, ଥାଇରଏଡଠାରୁ ଆରମ୍ଭ କରି କୋଲେଷ୍ଟେରଲ ବଢିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିଯାଏ। ଏହି ଗାଈମାନଙ୍କ ମାଂସରେ ଯେଉଁ ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥଟି ମିଳିଛି ତାହା ହେଲା ପରଫ୍ଲୋରୋଅକ୍ଟେନ ସଲଫୋନିକ ଏସିଡ ବା ପିଏଫଓଏସ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଥିପାଇଁ ସତର୍କ କରି ଦିଆଯାଇଛି।

## ଜେମ୍ସ ୱେବ୍ ଟେଲିସ୍କୋପ :-



କଳ୍ପନା କରନ୍ତୁ ଆଜିକୁ ୧୩.୫ ବିଲିଅନ ବର୍ଷ ପୂର୍ବେ ସୃଷ୍ଟ କୌଣସି ଏକ ଗ୍ରହ କିମ୍ବା ଛାୟାପଥକୁ ଯଦି ଆମେ ଯନ୍ତ୍ର ସାହାଯ୍ୟରେ ଦେଖିପାରନ୍ତେ ତେବେ କେତେ ଖୁସି ଲାଗନ୍ତା। ଏହାକୁ ସମ୍ଭବ କରିବା ପାଇଁ ନାସାରେ ୬୦ ଦଶକରେ କାର୍ଯ୍ୟରତ ବୈଜ୍ଞାନିକ ତଥା ଆପୋଲୋ ସ୍ପେସ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଜେମସ ଇ ୱେବଙ୍କ ନାମରେ ନାମିତ ଏକ ଟେଲିସ୍କୋପ ଚେଷ୍ଟା ଚଲାଇଛି। ପ୍ରାୟ ୧୦ ବିଲିଅନ ଡଲାର ଖର୍ଚ୍ଚରେ ନିର୍ମିତ ଏହି ଟଲେସ୍କୋପର ଓଜନ ପ୍ରାୟ ୧୪୦୦ ପାଉଣ୍ଡ ବା ୬୩୫ କିଗ୍ରା ଅଟେ। ୨୦୨୧ ମସିହା ଡିସେମ୍ବର ୨୫ ତାରିଖରେ ଫ୍ରେଂଚ ଗୁଏନାରୁ ଏରିଆନ ୫ ରକେଟରେ ପ୍ରେରିତ ଏହି ଯନ୍ତଟି ପୃଥିବୀ ପୃଷ୍ଠରୁ ୧.୫ ମିଲିଅନ କିମି ଅର୍ଥାତ ପୃଥିବୀ ଓ ଚନ୍ଦ୍ରର ଦୂରତାର ପ୍ରାୟ ୪ ଗୁଣ ଦୂରରେ ଅବସ୍ଥାପିତ ହେବ। ଏଥିରେ ସଂଯୁକ୍ତ ଶକ୍ତିଶାଳୀ ଇନଫ୍ରାରେଡ କ୍ୟାମେରାଟି ଆମ ସୌର ଜଗତରେ ଘଟୁଥିବା ସମସ୍ତ ଘଟଣାବଳିକୁ ରେକର୍ଡ କରିବାକୁ ସକ୍ଷମ ଅଟେ। ଲେଗ୍ରେଞ୍ଜୀ ପଏଂଟ ବା ଏଲ-୨ ରେ ପହଂଚିବାକୁ ୧ ମାସ ଓ ଏହାର କ୍ୟାମେରା ସଂପୂର୍ଣ କାର୍ଯ୍ୟକ୍ଷମ ହେବାକୁ ଆଉ ୬ ମାସ ଅଧିକ ସମୟ ଲାଗିବ। ଉତକ୍ଷେପଣର ୨୭ ମିନିଟ ପରେ ଏହା କକ୍ଷ ପଥରେ ପହଂଚି ପ୍ରାୟ ୧୩ ଦିନରେ ଏକ ଟେନିସ କୋର୍ଟ ଆକାରର କ୍ଷେତ୍ରକୁ ପ୍ରଦକ୍ଷିଣ କରିବ। ଏଥିରେ ସଂଲଗ୍ନ ୧୦୦ ରୁ ଅଧିକ ମେକାନିଜମ୍ କାର୍ଯ୍ୟକ୍ଷମ ହେଲାପରେ ଏଲ-୨ ପଏଂଟରୁ ସବୁଠାରୁ ପ୍ରାଚୀନତମ ନକ୍ଷତ୍ର ଏବଂ ଛାୟାପଥ ସଂପର୍କରେ ସୂଚନା ଦେଇ ପାରିବ। ଏହି ଉନ୍ନତ ଟେଲିସ୍କୋପଟି ୩୦ ବର୍ଷ ପୁରୁଣା ହବଲ ଓ ଅବ୍ୟାହତି ନେଇ ସାରିଥିବା ସ୍ପାଇଜର ଟେଲିସ୍କୋପ ର ସ୍ଥାନ ପୁରଣ କରିବ। ଆରିଆନ ରକେଟରେ ଉତ୍ତମ ଭାବେ ଫିଟ ହେବା ପାଇଁ ଏହାକୁ ଅସଂଖ୍ୟ ଦର୍ପଣ ଓ ସୂର୍ଯ୍ୟ କିରଣ ନିରୋଧୀ ଆଚ୍ଛାଦକରେ ଘୋଡାଯାଇଛି। ଏଗୁଡିକୁ ଓରିଗାମୀ ଷ୍ଟାଇଲରେ ସଜାଯାଇଛି।ଏଥିରେ ଲାଗିଥିବା ଆଲୋକ ସଂଗ୍ରହକାରୀ ଦର୍ପଣ ଓ ତାପ ସଂବେଦୀ ଇନଫ୍ରାରେଡ ସଂଯନ୍ତ୍ରଗୁଡିକୁ ସୂର୍ଯ୍ୟତାପରୁ ରକ୍ଷା କରିବାକୁ ୫ ସ୍ତରୀୟ ସୌରତାପ ନିରୋଧକ ଆଚ୍ଛାଦକରେ ଘୋଡାଯାଇଛି। ଏହି ଟେଲିସ୍କୋପ ତିଆରିରେ ନାସା ସହିତ ୟୁରୋପିଆନ ଓ କାନାଡିଆନ ସ୍ପେସ ଏଜେନ୍ସି ସହଯୋଗ କରିଛନ୍ତି।

## ଫ୍ଲୋରୋନା କଣ ? :-

ଏହା କରୋନା ଭୂତାଣୁର ନୂତନ ଭାରିଏଂଟ ନୁହଁ ବରଂ ଯେତେବେଳେ ଜଣେ ମଣିଷ ଏକାସଂଗେ ଫ୍ଲୁ ଓ ସାର୍ସ–କୋଭିଡ ୨ ଦ୍ୱାରା ପୀଡିତ ହୁଅନ୍ତି ତାହାକୁ ଫ୍ଲୋରୋନା କୁହାଯାଏ। ପ୍ରଥମେ ଇସ୍ରାଏଲରେ ଏକ ଗର୍ଭବତୀ ନାରୀଠାରେ ଏହା ଦେଖା ଯାଇଥିଲା। ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ଏହା ଜଣଙ୍କଠାରୁ ଅନ୍ୟ ଜଣକୁ ଡେଇଁଥାଏ। ସାଧାରଣତଃ ପରିବାର ଭିତରେ ଅତି ନିବିଡ ଭାବେ ୬ଫୁଟ ଦୂରତାରୁ କମରେ ମିଳାମିଶା କରୁଥିବା ବ୍ୟକ୍ତିମାନଙ୍କୁ ଏହା ସଂକ୍ରମିତ ହୋଇଥାଏ। ତେବେ ପ୍ରଶ୍ନ ଉଠେ ଏକ ସଙ୍ଗେ ଦୁଇଟି ଭୂତାଣୁ ଜଣକୁ ଆକ୍ରମଣ କରି ପାରନ୍ତି କି ? ଯଦିଓ ଏହା ଅସାଧାରଣ ତଥାପି କୋଭିଡ ମହାମାରୀ ସମୟରେ ଏହା ବହୁ ଜଣକ କ୍ଷେତ୍ରରେ ଦୃଶ୍ୟମାନ ହୋଇଥିଲା। କୋଭିଡ ଭଳି ନାକରୁ ପାଣି ବୋହିବା, ଗଳାରେ ଦରଜ ଅନୁଭୁତ ହେବା .ସାମାନ୍ୟ ଜ୍ୱର ହେବା ଭଳି ଲକ୍ଷଣ ସବୁ ଏଥିରେ ଦେଖାଯାଏ। କିନ୍ତୁ ବିଭିନ୍ନ


ବ୍ୟକ୍ତିଙ୍କଠାରେ ଏହି ରୋଗର ଲକ୍ଷଣ ସ୍ୱଳ୍ପ, ମଧ୍ୟମ କିମ୍ବା ମାରାତ୍ମକ ହୋଇପାରେ। ଯଦିଓ ଏହା ସେତେଟା ମାରାତ୍ମକ ନୁହଁ ତଥାପି ଯଦି ଇନଫ୍ଲୁଏଞ୍ଜା ସାର୍ସ କୋଭିଡ -୨ କୁ ନିମନ୍ତ୍ରଣ କରି ଆଣେ ତେବେ ଫୁସଫୁସରେ ଗୁରୁତର ସଂକ୍ରମଣ ଯୋଗୁଁ ଏହା ମୃତ୍ୟୁର କାରଣ ସାଜିପାରେ। ଏବେ ଆମେରିକା ଓ ୟୁରୋପରେ ଯେଉଁ ସାଂଘାତିକ ପରିସ୍ଥିତି ଉପୁଜିଛି ଏହାକୁ ଡେଲମିକ୍ରନ ମହାମାରି କୁହାଯାଉଛି ଅର୍ଥାତ ଏହା ଉଭୟ ଡେଲଟା ଏବଂ ଓମିକ୍ରନ ଭୂତାଣୁର ମିଳିତ ଆକ୍ରମଣ ଯୋଗୁଁ ହୋଇଛି।

## ରାସାୟନିକ ପ୍ରଦୂଷକ ବାୟୁ ପ୍ରଦୂଷଣକୁ ବିପଜ୍ଜନକ କରୁଛି :-

ଲାଗୋସ, ନ୍ୟୁୟର୍କ, ଟୋକିଓ ଏବଂ ଓ୍ୱାର୍ସା ଭଳି ସହରରେ ହୋଇଥିବା ଏକ ଗବେଷଣାରୁ ଜଣା ଯାଇଛି ଯେ ବିଭିନ୍ନ କଳକାରଖାନାରୁ ନିର୍ଗତ ରାସାୟନିକ ପଦାର୍ଥମାନ ବାୟୁରେ ଜମା ହୋଇ ପରିମାଣ ବଢ଼ିବା ସଙ୍ଗେ ସଙ୍ଗେ ତାହା ଅନ୍ୟ ମାରାତ୍ମକ ପଦାର୍ଥରେ ରୂପାନ୍ତରୀତ ହେବା ଫଳରେ ତାହା ଉତ୍କଟ ପରିବେଶଗତ ସମସ୍ୟାକୁ ଜନ୍ମ ଦେଉଛି। ବିଜ୍ଞାନାଗାରରେ ଥିବା ନମୁନା ସହ କଂପ୍ୟୁଟର ସିମୁଲେସନ ପଦ୍ଧତିରେ ଏହି ଦୂଷିତ ବାୟୁକୁ ତୁଳନା କରି ସେମାନେ ଏହି ନୂତନ ତଥ୍ୟ ଦେଇଛନ୍ତି। ମୁଖ୍ୟତଃ ତିନୋଟି ଉପାଦାନ ଯଥା ସ୍ଥାୟୀତ୍ୱ, ବିଷର ମାତ୍ରା ଏବଂ ଜୈବ ଏକତ୍ରୀକରଣ ଉପରେ ଏହା ପର୍ଯ୍ୟବେସିତ ହୋଇଛି। ଏଥିରୁ ଜଣାଯାଇଛି ଯେ ପୁଞ୍ଜୀଭୂତ ରାସାୟନିକ ପଦାର୍ଥର କାରଣ ଯୋଗୁଁ ସୃଷ୍ଟ ନୂତନ ପଦାର୍ଥ ଅଧିକ ବିଷାକ୍ତ, ଦୀର୍ଘସ୍ଥାୟୀ ହେବା ସହ ପରିବେଶର ଅଧିକ କ୍ଷତି କରୁଛି। ଟାୟାର ତିଆରି, ପ୍ଲାଷ୍ଟିକ ଉପକରଣ ପ୍ରସ୍ତୁତି, ଔଷଧ ଓ ଆଂଟି ଅକ୍ସିଡାଂଟ ପ୍ରସ୍ତୁତିରେ ବ୍ୟବହାର ଭଳି ହଜାର ହଜାର ସଂଖ୍ୟକ ରାସାୟନିକ ପଦାର୍ଥରେ ବାୟୁମଣ୍ଡଳ ଭରପୂର ହୋଇ ଗଲାଣି। ଏଗୁଡିକ ମଧ୍ୟରେ ଅଛି ପ୍ରାୟ ୯ ପ୍ରକାର ଅଗ୍ନି ନିର୍ବାପକ ପଦାର୍ଥ। କାଳକ୍ରମେ ଏହି ୯ ଟି ପଦାର୍ଥ ରୂପାନ୍ତରୀତ ହେଉଛି ୧୮୬ ଟି ଅନ୍ୟ ପଦାର୍ଥରେ। ସେହିପରି ଆକାଶରେ ୧୯ ଟି ଏପରି ନୂଆ ପଦାର୍ଥ ମିଳିଛି ପୂର୍ବେ ଯାହାର ଚିହ୍ନବର୍ଣ ନଥିଲା। ଏଗୁଡିକର ବିଷକ୍ରିୟା ପ୍ରାୟ ୧୦ ଗୁଣ ଅଧିକ। ଏବେ ପ୍ରଦୂଷଣର ମାତ୍ରା ଏତେ ବଢ଼ି ଯାଇଛି ଯେ ପ୍ରାୟ ୯୯% ଲୋକ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ୯୦% ଲୋକ ଏପରି ଅଂଚଳରେ ବାସ କରୁଛନ୍ତି ଯେଉଁଠି ବାୟୁର ପ୍ରଦୂଷକ ସ୍ତର ଅତି ମାରାତ୍ମକ ଅଟେ। ବିଶ୍ୱରେ ରୋଷେଇଶାଳରେ ପ୍ରଦୂଷଣ ସୃଷ୍ଟିକାରି ଜାଳେଣି ୨.୬ ବିଲିଅନ ଲୋକ ବ୍ୟବହାର କରୁଥିବା ସମୟରେ ନିର୍ଗତ ବାଷ୍ପ ଯୋଗୁଁ ୩.୮ ମିଲିଅନ ଲୋକଙ୍କ ଜୀବନହାନି ହେଉଥିବାବେଳେ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁସଂଖ୍ୟା ୭ ମିଲିଅନ ଅଟେ।

## ମଙ୍ଗଳ ଗ୍ରହରେ ଜଳ :-

ପ୍ରଥମେ ୨୦୦୬ ରେ ନାସା ଦ୍ୱାରା ମଙ୍ଗଳ ଗ୍ରହରେ ଟେରା ସିରେନମ୍ ଏବଂ ସେଂଚୁରୀ ମୋଂଟେସେ ନାମକ ଦୁଇଟି କ୍ରେଟରରେ ଜଳର ଉପସ୍ଥିତି ସଂପର୍କରେ ଘୋଷଣା କରା ଯାଇଥିଲା। ଏହି ତଥ୍ୟକୁ ୩୧ ମାର୍ଚ୍ଚ ୨୦୦୮ରେ ନାସାର ଫୋନିକ୍ସ ଲେଣ୍ଡର ଦୃଢ଼ୀକୃତ କଲା। କିନ୍ତୁ ସେଠାରେ ଏହା ବରଫାକାରରେ ଥିବା ସୂଚନା ମିଳିଥିଲା। କିନ୍ତୁ ଏଠାକାର ବହୁ ପରିତ୍ୟକ୍ତ ଭୂମି ରହିଛି ଯାହା



କେତେକ ଶୁଷ୍କ ନଦୀର ଅବଶେଷ ବୋଲି ଅନୁମାନ କରାଯାଏ। ସେହିପରି ଅନ୍ୟ ଏକ ଅଭିଯାନରେ ଜେଜେରୋ ନାମକ କ୍ରେଟରରେ ୩.୫ ବିଲିଅନ ବର୍ଷ ପୂର୍ବେ ବରଫାକାରରେ ଜଳପୂର୍ଣ ଥିବା ଏକ ହ୍ରଦର ଆବିଷ୍କାର ହୋଇଥିଲା । କିନ୍ତୁ ଏବେ ୨ ମାସ ତଳେ ୟୁରୋପିଆନ ସ୍ପେସ ଏଜେନ୍ସି ଦ୍ୱାରା ପ୍ରେରିତ ଏକ୍ସୋମାର୍ସ ଟ୍ରେସ ଗ୍ୟାସ ଅର୍ବିଟର ମଙ୍ଗଳ ପୃଷ୍ଠରେ ୨୪୦୦ ମାଇଲ ପରିମିତ ଏକ ବିସ୍ତୃତ ଅଂଚଳର ୩ ଫୁଟ ଗଭୀରତାରେ ତରଳ ଜଳର ସନ୍ଧାନ କରିଛି। ଏହି ଅଂଚଳକୁ ଭାଲେସ ମେରିନର୍ସ କୁହାଯାଏ ଯାହା ଶୁଷ୍କ ବାଲି ଓ ଧୂଳିରେ ପରିପୂର୍ଣ ଅଟେ। ଏହି ଅଂଚଳର ଆକାର ନେଦରଲାଣ୍ଡର ଆୟତନ ସଙ୍ଗେ ସମାନ ବୋଲି ରୁଷିଆର ମହାକାଶ ବିଜ୍ଞାନୀ ଆଲେକ୍ସି ମାଲାକୋଭ କହିଛନ୍ତି। ଏହି ଅଂଚଳଟି କାଣ୍ଡୋର ଚାଓସ ନାମକ ଉପତ୍ୟକା ମଧ୍ୟକୁ ପଶି ଆସିଛି। ଏହାକୁ ପୃଥିବୀର ପର୍ମାଫ୍ରଷ୍ଟ ଶୁଷ୍କ ଅଂଚଳ ସହ ତୁଳନା କରା ଯାଇପାରେ ଯେଉଁଠି ଜଳ ସ୍ଥାୟୀଭାବେ ବରଫ ଭାବେ ମାଟି ତଳେ ଅତି ନିମ୍ନ ତାପମାତ୍ରାରେ କେଉଁ ଆବହମାନ କାଳରୁ ରହି ଆସିଛି। ଏପରି ଅଂଚଳକୁ କେନିଅନ ସିଷ୍ଟମ କୁହାଯାଏ।

## ଚାଳକ ବିହୀନ ୧୮ ଚକିଆ ଟ୍ରକ :-

ଜାତୀୟ ରାଜପଥରେ ୧୦ ଚକିଆ, ୧୮ ଚକିଆ ମାଲ ବୋଝେଇ ଟ୍ରକକୁ ଦେଖିଲେ ମନେ ମନେ ଆମେ ଡ୍ରାଇଭରକୁ ଅଶେଷ ଧନ୍ୟବାଦ ଦେଇଥାଉ। କିନ୍ତୁ ଆମେରିକାର ଦକ୍ଷିଣ ଭାଗରେ ଥିବା ଟେକ୍ସାସ ସହରର ବହୁସ୍ତରୀୟ ରାସ୍ତାରେ ପ୍ରଥମ କରି ଏକ ୧୮ ଚକିଆ ମାଲବାହୀ ଟ୍ରକ ପୁଣି ବିନା ଡ୍ରାଇଭରରେ ଗତି କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ରାଡାର, ଲେଜର ସ୍କାନର, କ୍ୟାମେରା, ଜିପିଏସ ଆଂଟେନା ସହିତ ପାଇଲଟିଙ୍ଗ ସଫ୍ଟଓ୍ୱେର ଖଚିତ ଏହି ଯାନକୁ ଗୁଗୁଲ ଦ୍ୱାରା ପରିଚାଳିତ ଆଲଫାବେଟ କଂପାନୀ ପ୍ରସ୍ତୁତ କରିଛନ୍ତି। କେବଳ ଏହି କଂପାନୀ ନୁହଁ ବରଂ ହଷ୍ଟନ ଓ ସାନ ଆଂଟୋନିଓ ମଧ୍ୟରେ ଏମ୍ବାର୍କ ନାମକ କଂପାନୀ ଏବଂ ସେହି ଟେକ୍ସାସ ରେ ୧୦୦୦ କିମି



ଭୋଗ କରିବାରେ ରୋଗ ଭୟ ରହେ। ଦୁର୍ଜନର ପତନ ଭୟଥାଏ।

ରାସ୍ତାରେ ଅରୋରା ନାମକ କଂପାନୀ ମଧ୍ୟ ଏପରି ଯାନର ଚଳାଚଳ ପରୀକ୍ଷାମୂଳକ ଭାବେ ଆରମ୍ଭ କରିଛନ୍ତି। ଏହି ୩ଟି କମ୍ପାନୀ ମଧ୍ୟରେ ପ୍ରତିଯୋଗୀତା ଏତେ ବଢ଼ିଯାଇଛି ଯେ କେହି ନିଜ ଉତ୍ପାଦ ସଂପର୍କରେ କିଛି ସୂଚନା ଦେଉ ନାହାନ୍ତି। ତେବେ ଏହି କଂପାନୀମାନେ ଏତେ ବ୍ୟାକୁଳ ହେବାର କାରଣ କଣ ?

ଗୋଟିଏ ହେଲା ଏଥିରେ ଖର୍ଚ୍ଚ କମ ହେବ। ଯେପରିକି ଏମ୍ବାର୍କ କଂପାନୀର ମତରେ ୧ ମାଇଲ ପିଛା ଡ୍ରାଇଭର ଦ୍ୱାରା ଚାଳିତ ଟ୍ରକରେ ୧.୭୬ ଡଲାର ବଦଳରେ ଏଥିପାଇଁ ୦.୯୬ ଡଲାର ଖର୍ଚ୍ଚ ହେବ। ସେହିପରି ଲସଏଞ୍ଜେଲ୍ସ ରୁ ଡେଲାସ ଯିବା ପାଇଁ ସାଧାରଣ ଗାଡ଼ିକୁ ୩ ଦିନ ଲାଗୁଥିବା ବେଳେ ଏଥିରେ କେବଳ ୨୪ ଘଂଟା ଲାଗିବ। ପ୍ରତ୍ୟେକ ରାଷ୍ଟ୍ରର ଅର୍ଥନୀତିର ମେରୁଦଣ୍ଡ ସାଜିଥିବା ଏହି ମାଲ ପରିବାହୀ ଟ୍ରକର ଗତିଶୀଳତା ଡ୍ରାଇଭରମାନଙ୍କ ଏକଚାଟିଆ ମନୋବୃତ୍ତି ଉପରେ ନିର୍ଭର କରିଥାଏ। ସେମାନେ କ୍ଲାନ୍ତ ହେବାରୁ ଅଧିକାଂଶ ସମୟରେ ନିଜ ଗତିପଥରେ ବିଶ୍ରାମ ନେଇଥାନ୍ତି ଏବଂ ଅଧିକାଂଶ ଡ୍ରାଇଭର ନିୟମିତ ଅନ୍ତରାଳରେ ଛୁଟି ନେଇ ନିଜ ପରିବାର ସହ ସମୟ କଟାଇବାକୁ ଚାହାନ୍ତି।



ଅଧିକାଂଶ ସମୟରେ ଦୁର୍ଘଟଣା ଘଟିବା ଏକ ନିତ୍ୟନୈମିତିକ ଘଟଣାରେ ପରିଣତ ହୋଇଥାଏ। ଏହି ସବୁ ଅସୁବିଧା ସ୍ୱୟଂଚାଳିତ ଯାନରେ ନଥାଏ। ତେବେ ମନରେ ପ୍ରଶ୍ନ ଉଠେ ଯେ ସବୁ କମ୍ପାନୀ ଟେକ୍ସାସକୁ କାହିଁକି ନିଜ ପରୀକ୍ଷାଗାର ରୂପେ ଚୟନ କରନ୍ତି ?

ଏହାର ପାଂଚଟି କାରଣ ଅଛି।

୧) ଏଠାରେ ସର୍ବାଧିକ ସଂଖ୍ୟକ ଡ୍ରାଇଭର ଓ ଶିକ୍ଷିତ ଇଞ୍ଜିନିଅର ମିଳନ୍ତି।

୨) ଏଠିକାର ଜଳବାୟୁ ସେନ୍ସର ଗୁଡ଼ିକର ସୁଚାରୁ ପରିଚାଳନା ପାଇଁ ସର୍ବୋତ୍ତମ ଅଟେ।

୩) ଏହାର ପଡ଼ୋଶୀ ମେକ୍ସିକୋରୁ ପ୍ରତ୍ୟେହ ୮୫% ମାଲ ପରିବହନ ଟେକ୍ସାସକୁ ଟ୍ରକ ମାଧ୍ୟମରେ ହୋଇଥାଏ।

୪) ସେହିପରି ହ୍ୟୁଷ୍ଟନ ଓ ଡାଲାସରୁ ସୁଦୀର୍ଘ ରାସ୍ତାରେ ଏଠାକୁ ଗମନାଗମନର ସୁବିଧା ଉପଲବ୍ଧ ଅଛି।

୫) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଯେ ଏଠିକାର ଆଇନ କାନୁନ ଚାଳକ ବିହୀନ ଗାଡ଼ି ଚଳାଚଳ ପାଇଁ ଅନୁକୂଳ ଅଟେ। ଏସବୁର ଉର୍ଦ୍ଧ୍ୱରେ ରହିଛି ଜୀବନ ଜୀବିକାର କଥା। ୨୦୧୮ ମସିହାରେ ଷ୍ଟିଭ ଭିସେଲି ନାମକ ସାମାଜିକ ବିଜ୍ଞାନୀ ଏକ ଗବେଷଣାରୁ ସୂଚାଇ ଥିଲେ ଯେ ଆମେରିକାରେ ଦୈନିକ ୨,୯୪,୦୦୦ ଡ୍ରାଇଭର ଟ୍ରକ ଚଳାଇ ନିଜର ଜୀବିକା ନିର୍ବାହ କରିଥାନ୍ତି ତେଣୁ ଯଦି ଏହି ନୂତନ ଚାଳକ ବିହୀନ ଟ୍ରକ ଚାଲେ ତେବେ ଏମାନେ ଯିବେ କୁଆଡେ।

## ୩-ଡି ପ୍ରିଂଟିଂ ଦ୍ୱାରା କଂକ୍ରିଟର ବ୍ୟବହାରକୁ ରୋକି ହେବ :-

ଆଇଆଇଟି ଗୌହାଟୀର ଏକ ଗବେଷକ ଦଳ ୩ଡି ପ୍ରିଂଟିଂ କୌଶଳ ବ୍ୟବହାର କରି ସ୍ଥାନୀୟ ଶିଳ୍ପାଂଚଳରୁ ମିଳୁଥିବା ବର୍ଜ୍ୟ ବସ୍ତୁରୁ ସହରାଂଚଳରେ ବ୍ୟବହୃତ ଏପରି କେତେକ ଆସବାବ ପତ୍ର ତିଆରି କରିଛନ୍ତି ଯାହା ଆଶା ସଂଚାର କରିଛି ଯେ ଭବିଷ୍ୟତରେ ସମାନ ଭାବେ ବିଭିନ୍ନ ଡିଜାଇନର ଘର ତିଆରି କରା ଯାଇ ପାରିବ ଯଦ୍ୱାରା କଂକ୍ରିଟର ବ୍ୟବହାରକୁ ପ୍ରାୟ ୭୫% କମ କରା ଯାଇପାରିବ। ଏହି ଗୃହଗୁଡ଼ିକୁ ୩-ଡି ପ୍ରିଂଟେଡ ମଡ୍ୟୁଲାର ହାଉସ କୁହା ଯାଉଛି। ଏହାଛଡା ପାଦଚଲା ରାସ୍ତା, ସ୍ୱଳ୍ପ ଖର୍ଚ୍ଚର ଶୌଚାଳୟ ମଧ୍ୟ ତିଆରି ହୋଇ ପାରିବ। ଏହି ଗବେଷକ ଦଳ ଶିଳ୍ପାଂଚଳରୁ ବାହାରୁଥିବା ଅକାମି ବସ୍ତୁ ସବୁରୁ ଏକ ସୋଫା ତିଆରି କରିଛନ୍ତି ଯାହାର ଉଚ୍ଚତା ୦.୪ ମିଟର ଓ ଚଉଡା ମଧ୍ୟ ୦.୪ ମିଟର। ଏହା ଧନୁ ଆକୃତିର। ଏହାକୁ ଭିତ୍ତି କରି ସେମାନେ ଆଶା ପ୍ରକାଶ କରିଛନ୍ତି ଯେ ଗତାନୁଗତିକ କଂକ୍ରିଟ ଓ ଇଟା ବଦଳରେ ୩ଡି ପ୍ରିଂଟିଂ ଦ୍ୱାରା ବର୍ଜ୍ୟ ବସ୍ତୁକୁ ଉପଯୋଗ କରି ଘର ତିଆରି କଲେ ଅଳ୍ପ ଖର୍ଚ୍ଚରେ ପ୍ରଦୂଷଣ ରହିତ ଗୃହ ତିଆରି ହୋଇ ପାରିବ।

## ଟୋଙ୍ଗାର ଆଗ୍ନେୟଗିରି ବିସ୍ଫୋରଣ :-

ନିକଟ ଅତୀତରେ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପାଂଚଳରେ ଥିବା ଟୋଙ୍ଗାରେ ହୋଇଥିବା ଭୟାବହ ଆଗ୍ନେୟଗିରି ବିସ୍ଫୋରଣ ବୈଜ୍ଞାନିକମାନଙ୍କୁ ଚକିତ କରି ପକାଇଛି। ନାସାର ଆର୍ଥ ଅବଜାରଭେଟରୀ ଦ୍ୱାରା ପ୍ରକାଶିତ ତଥ୍ୟାନୁଯାୟୀ ଏହି ଉଦଗୀରଣରେ ଲାଭ ସହିତ ଅନ୍ୟ ଆବର୍ଜନା ଗୁଡ଼ିକ ୪୦ କିମି ଉଚ୍ଚତାକୁ ଉଠି ଆସିବା ସଙ୍ଗେ ସଙ୍ଗେ ସମୁଦ୍ରରେ ସୁନାମୀ ସୃଷ୍ଟି ହୋଇଥିଲା। ନାସା ବୈଜ୍ଞାନିକ ଜିମ ଗାର୍ଭିନଙ୍କ ମତରେ ଏଥିରୁ ନିର୍ଗତ ଶକ୍ତିର ପରିମାଣ ୫ ରୁ ୩୦ ମେଗାଟନର ଆଣବିକ ବୋମା ବିସ୍ଫୋରଣ ସହିତ ସମାନ ଥିଲା। ୧୯୪୫ ମସିହା ଅଗଷ୍ଟରେ ହିରୋସୀମାରେ ପତିତ ବୋମାର ଶକ୍ତି ୧୫ କିଲୋଟନ ଥିଲା ଅର୍ଥାତ ଟୋଙ୍ଗାର ବିସ୍ଫୋରଣ ଏହା ଅପେକ୍ଷା ଶତଗୁଣ ଅଧିକ ଥିଲା। ଏହି ଉଦଗୀରଣ ଟୋଙ୍ଗାଠାରୁ ୬୫ କିମି ଉତ୍ତରକୁ ଥିବା ରାଜଧାନୀ ନୁକୁଆଲୋଫାଠାରେ ଅନୁଭୂତ ହୋଇଥିଲା। ଏହାଦ୍ୱାରା ପ୍ରାୟ ୧୦୦,୦୦୦ ବର୍ଗ କିମି ଆକାଶରେ ବିଷାକ୍ତ ପାଉଁଶ ଛାଇ ଯାଇ ସମସ୍ତ ଜଳ ଉତ୍ସକୁ ବିଷାକ୍ତ କରିଦେଇ ଚାଷ ଜମି ସବୁକୁ ନଷ୍ଟ କରିଦେଲା। ଦୁଇଟି ଗାଁ ପୁରା ଉଜୁଡ଼ି ଗଲା। ୩ ଜଣ ମୃତ୍ୟୁ ମୁଖରେ ପଡ଼ିଲେ। ଏହାର ପ୍ରଭାବରେ ଦକ୍ଷିଣ ଆମେରିକାର ପେରୁରେ ସୁନାମି ଆସି ଏକ ତେଲ ବୋଝେଇ ଟେଙ୍କରକୁ ଧକ୍କା ଦେବା ଫଳରେ ସମସ୍ତ ଜଳରାଶିରେ ତୈଳ ଆସ୍ତରଣ ବସିଗଲା। ଆଜି ପର୍ଯ୍ୟନ୍ତ ଟୋଙ୍ଗାରେ ଆଉ କଣ କ୍ଷତି ଘଟିଛି ତାର ଆକଳନ ହୋଇ ପାରିନାହିଁ।



ଯାହାର ବିଦ୍ୟା ନାହିଁ, ସେ ମନୁଷ୍ୟ ରୂପରେ ପଶୁମାତ୍ର।

# ଅପେକ୍ଷା କରିଥିବାବେଳେ ସମୟର ସଦୁପଯୋଗ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଆଚ୍ଛା ମନେପକାନ୍ତୁ ତ ! ଆପଣଙ୍କ ବୟସ ଯେତେ ହୋଇଥାଉ ନା କାହିଁକି, ଆପଣ ନିଜର ଏହି ଜୀବନକାଳ ଭିତରେ କେତେ ସମୟ ଖାଲି ଅପେକ୍ଷା କରି କରି ବିତେଇ ସାରିଲେଣି ? ବାହା ହୋଇଥିଲେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ଆସିବାପାଇଁ ଅପେକ୍ଷା, କାର୍ଯ୍ୟବ୍ୟସ୍ତ ନିଜ ବୟସ୍କ ସନ୍ତାନମାନଙ୍କ ପାଇଁ ଅପେକ୍ଷା, ନିଜ ମହିଳାବନ୍ଧୁ କି ପୁରୁଷବନ୍ଧୁଙ୍କ ପାଇଁ ଅପେକ୍ଷା, ନିମନ୍ତ୍ରିତ ଅତିଥିଙ୍କ ପହଞ୍ଚିବାପାଇଁ ଅପେକ୍ଷା, ବସ୍‌ଷ୍ଟାଣ୍ଡରେ ବସ୍ ଆସିବାକୁ ଅପେକ୍ଷା, ରେଳଷ୍ଟେସନରେ ରେଳଗାଡ଼ି ଆସିବାକୁ ଅପେକ୍ଷା, ବିମାନ ବନ୍ଦରରେ ବିମାନର ଆଗମନକୁ ଅପେକ୍ଷା, ଡାକ୍ତରଙ୍କ ରୋଗୀ ଦେଖା କ୍ଲିନିକ୍‌ରେ ନିଜ ନାଆଁ ଡକାହେବା ପର୍ଯ୍ୟନ୍ତ ଅପେକ୍ଷା, ସଭାସମିତିରେ ଶ୍ରୋତାଭାବେ ଯାଇଥିଲେ ଅତିଥିମାନଙ୍କ ପାଇଁ ଅପେକ୍ଷା, ବ୍ୟାଙ୍କ୍ କାଉଣ୍ଟର୍‌ରେ ଟଙ୍କା ଉଠେଇବା ପାଇଁ ଅପେକ୍ଷା, କଣ୍ଟ୍ରୋଲ ଦୋକାନରେ ରେସନ ନେବା ନିମନ୍ତେ ଅପେକ୍ଷା, ଟେଲିଫୋନ୍ ବିଲ୍ ଓ ଇଲେକ୍ଟ୍ରିସିଟି ବିଲ୍ ପଇଠ କରିବାପାଇଁ ଅପେକ୍ଷା, ଏମିତି ଆହୁରି କେତେ କଅଣ ଆପଣ ଅପେକ୍ଷାର କାରଣ।

ଅପେକ୍ଷା କରିଥିବା ସେହି ମୁହୂର୍ତ୍ତଗୁଡ଼ିକର ଯନ୍ତ୍ରଣା କଥା ମନେପଡୁଛି ? ବିରକ୍ତିରେ ବାରମ୍ବାର ଭ୍ରୂକୁଞ୍ଚନ, କାନ୍ଧରେ ଘୋଳାବିନ୍ଧା, ଘନ ଘନ ହାତ ଘଣ୍ଟାକୁ ଋହିଁବା - ଆପଣଙ୍କ ହାତରୁ ଏଇ ଯେଉଁ ମିନିଟ୍‌ଗୁଡ଼ାକ ଖସି ଖସି ପଳେଇ ଯାଉଥାଏ, ସେଥିପାଇଁ ଆପଣ ଜମା ଦାୟୀ ନଥାନ୍ତି, ସେଥିପାଇଁ ଦାୟୀ ଅନ୍ୟମାନେ। ମାତ୍ର ଏହି ପ୍ରତୀକ୍ଷାର ବିରକ୍ତି ଓ ବ୍ୟଥାରୁ କଅଣ ନିଜକୁ ମୁକ୍ତ ରଖି ହେବନି ? ପ୍ରତୀକ୍ଷିତ ସମୟକୁ ପୁନଃପ୍ରାପ୍ତ ସମୟରେ ପରିବର୍ତ୍ତିତ କରିହେବନି ? ଅପହୃତ ସମୟକୁ ଉପଲବ୍ଧ ସମୟରେ ପରିବର୍ତ୍ତିତ କରିବା କାମ ବ୍ୟକ୍ତିଗତ ଭାବେ ନିଜର ହିଁ ଦାୟିତ୍ୱ। ଏହି ପୁଞ୍ଜି ଆପଣ ଖଟେଇବେ ନିଜଠାରେ। ନିଜ ଉପରେ ପରୀକ୍ଷା କରି ଦେଖନ୍ତୁ ତ !

## ସମୟପ୍ରତି ନିଜ ମନୋଭାବରେ ପରିବର୍ତ୍ତନ ଆଣନ୍ତୁ :-

ଯଦି ଅପେକ୍ଷା ନକରି ଗତିନାହିଁ, ତେବେ ଅପେକ୍ଷିତ ସମୟକୁ ଆପଣଙ୍କ ପାଇଁ ସମୟର ଉପହାର ବୋଲି ଧରିନିଅନ୍ତୁ। ମନକୁ ଋପଗ୍ରସ୍ତ ନକରି ହାଲୁକା କରିଦିଅନ୍ତୁ। କୌଣସି ନା କୌଣସି କାର୍ଯ୍ୟ ସଂପାଦନ କରିବାର ଯୋଜନା ସ୍ଥିରକରନ୍ତୁ କିମ୍ବା ଯାହା କରିବାପାଇଁ କେବେବି ଭାବିନଥିଲେ, ତାହା କରିବାର ଚିନ୍ତା ଆରମ୍ଭ କରିଦିଅନ୍ତୁ।

## ନିଜକୁ ପ୍ରସ୍ତୁତ କରି ରଖନ୍ତୁ :-

ଯଦି ଆପଣ ନିଶ୍ଚିତ ଯେ, ଆପଣ ଏହି ସପ୍ତାହରେ ଯେଉଁଠାକୁ ଯିବେ, ସେଠାରେ ଆପଣଙ୍କୁ ନିଶ୍ଚୟ ଅପେକ୍ଷା କରିବାପାଇଁ ପଡ଼ିବ, ତାହାହେଲେ ସେଠାରେ ଅପେକ୍ଷା କରିଥିବା ସମୟର ବିନିଯୋଗ କରିବା ଉଦ୍ଦେଶ୍ୟରେ ପୂର୍ବରୁ ପ୍ରସ୍ତୁତ କରିଦିଅନ୍ତୁ। ସେହି ଅପେକ୍ଷିତ ସମୟରେ କୌଣସି ନୂତନ ଧାରଣା ମନକୁ ଆସିଲେ ତାହା ଟିପି ପକେଇବା ନିମନ୍ତେ ସାଙ୍ଗରେ ନିଅନ୍ତୁ ନୋଟ୍‌ବୁକ୍ ଓ କଲମଟିଏ। ପଢ଼ିବାପାଇଁ ମନଲାଖି ପେପରବ୍ୟାକ୍ ବହିଟିଏ କି ପତ୍ରିକାଟିଏ ବି ନେଇପାରନ୍ତି ସାଙ୍ଗରେ। କେହି କେହି ପାଖରେ ରଖିପାରନ୍ତି ସ୍କେଚ୍ ବୁକ୍ ବା ଚିତ୍ରାଙ୍କନ ଖାତା ଓ ଫେଲ୍ଟ ପେନ୍ ପ୍ୟାକେଟ୍‌ଟିଏ। ଏହି ସମୟରେ କୌଣସି ନୂତନ ବିଷୟରେ କଳ୍ପନା କରିଋଲନ୍ତୁ ଓ କଳ୍ପନାଟିକୁ ଟିପିପକାନ୍ତୁ।

## ଆତ୍ମଜୀବନୀ ଲେଖନ୍ତୁ :-

ଆପଣ କାହିଁକି ନିଜର ଜୀବନୀ ଲେଖିବେନି ? ଆଉ କେହି ତାକୁ ନଦେଖନ୍ତୁ ପଛେ, ଆପଣ ତ ତା'କୁ ଦେଖିବେ, ଆପଣ ତ ତା'କୁ ପଢ଼ିବେ। ଆପଣ ହୁଏତ ଜଣେ ଭଲ ଲେଖକ ନହୋଇପାରନ୍ତି। ହେଲେ ଅତୀତ ଦିନଗୁଡ଼ିକୁ ମନେପକେଇ ଆପଣଙ୍କ ଜୀବନର ସ୍ମରଣୀୟ ଘଟଣାଗୁଡ଼ିକର ଏକ ତାଲିକା ତ ପ୍ରସ୍ତୁତ କରିପାରିବେ କ୍ରମ ଅନୁସାରେ। ଆପଣ କଅଣ କରନ୍ତି, କଅଣ କରିବାପାଇଁ ଭଲପାଆନ୍ତି, ଭଲପାଆନ୍ତି କଅଣ କଅଣ ଖାଇବାପାଇଁ, କେଉଁ ଖେଳ ଦେଖିବାରେ ଆପଣଙ୍କର ବେଶୀ ସଉକ, କେଉଁ ପ୍ରକାରର ଟିଭି ସିରିଆଲ୍ ଆପଣଙ୍କର ପସନ୍ଦ - ଏସବୁ ଲେଖିବା ତ ଆଦୌ କଷ୍ଟକର ନୁହେଁ।

ଆପଣ ମଧ୍ୟ ନିଜକୁ ନିମ୍ନ ପ୍ରକାରେ ପ୍ରଶ୍ନ ପଋରି ଲେଖିପାରନ୍ତି ଏହାର ଉତ୍ତର। ଯେପରିକି -

- ଯଦି ଆପଣ ଆଉ ମାତ୍ର ୬ ମାସ ବଞ୍ଚିବେ, ତେବେ ଏହା ଭିତରେ କଅଣ କଅଣ କାମ ହାତକୁ ନେଇ ସାରିଦେବେ, ତାହା ଲେଖିପକାନ୍ତୁ।
- ଆପଣଙ୍କ ଜୀବନରେ କେଉଁ କେଉଁ ଘଟଣା କି ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭ ଯୋଗୁ ଆପଣ ଈଶ୍ୱରଙ୍କ ନିକଟରେ କୃତଜ୍ଞ, ତାହା ଲେଖି ରଖନ୍ତୁ।
- ଆପଣ ମରିଗଲା ପରେ ଯଦି ଆପଣଙ୍କ ମୃତ୍ୟୁଲେଖ ବା "ଓବିଚୁଆରୀ" ଲେଖାଯାଏ, ତେବେ ସେଥିରେ କଅଣ କଅଣ ଉଲ୍ଲେଖ ରହିବା ଆପଣଙ୍କର ଇଚ୍ଛା, ତା'ର ସୂଚନା ଲିପିବଦ୍ଧ କରିଦିଅନ୍ତୁ। ଏପରି ଲେଖିବା ଅବସରରେ ଆପଣଙ୍କର କେତେକ ଚାରିତ୍ରିକ ଦୁର୍ବଳତା ଆପଣଙ୍କ ମନକୁ ଆସିଯାଇପାରେ। ତେଣୁ ସେହି ଦୁର୍ବଳତାର ସଂଶୋଧନ ପାଇଁ ଆପଣ ହୁଏତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇପାରନ୍ତି।

## ନିଜର ଜୀବନସଙ୍ଗୀ / ସଙ୍ଗିନୀଙ୍କୁ ପ୍ରଶଂସା କରନ୍ତୁ :-

ଯଦି ଆପଣଙ୍କ ପତି କିମ୍ବା ପତ୍ନୀଙ୍କର ପହଞ୍ଚିବା ଡେ଼ରି ହୋଇଯାଏ, ତେବେ ତାଙ୍କୁ ସମୟାନୁବର୍ତ୍ତୀ ହେବାପାଇଁ ଭାଷଣ ମାରିବା ସହଜ। ବିଳମ୍ବର କ୍ଷତିକାରୀ ଦିଗ ବିଷୟରେ ଏକ ଆବେଗପୂର୍ଣ୍ଣ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ସହଜ। ମାତ୍ର ଏପରି କରି ଆପଣ ନିଜ ପତି / ପତ୍ନୀଙ୍କ ମନରେ କଷ୍ଟଦେଇ କି ଲାଭ ?

ମାତ୍ର ଏପରି କରିବା ପରିବର୍ତ୍ତେ, ଯେଉଁଥିପାଇଁ ଆପଣ ଆପଣଙ୍କ ପତି / ପତ୍ନୀଙ୍କ ପ୍ରତି କୃତଜ୍ଞ, ତା'ର ଜମା ପାଞ୍ଚଟି କାରଣ ଟିପି ପକାନ୍ତୁ। ଲେଖିପକାନ୍ତୁ ତ ତାଙ୍କର କେଉଁ କେଉଁ ଗୁଣ ଯୋଗୁଁ ଆପଣ ଗର୍ବିତ। ଏପରି କାର୍ଯ୍ୟରେ ରତରହିଲେ, ସେ ବିଳମ୍ବରେ ଆସି ଆପଣଙ୍କ ନିକଟରେ ପହଞ୍ଚିଲେ ମଧ୍ୟ ଆପଣଙ୍କ ମନରୁ ବିରକ୍ତି ଅପସରି ଯାଇଥିବ।

## ପିଲାମାନଙ୍କୁ ମଉଜେଇ ରଖନ୍ତୁ :-

ସନ୍ତାନକୁ ନେଇ ଡାକ୍ତରୀ ପରାମର୍ଶ ନିମନ୍ତେ ଯାଇଥିଲେ, ଡାକ୍ତରଙ୍କ ରୋଗୀଦେଖା କ୍ଲିନିକ୍‌ରେ ଆପଣଙ୍କୁ ଅପେକ୍ଷା କରିବାପାଇଁ ପଡ଼ିପାରେ। ଅପେକ୍ଷା କରିବାରେ ଛୋଟ ପିଲାର ବି ଏତେ ଧୈର୍ଯ୍ୟ କାହିଁ ? ତେଣୁ ଗୋଟିଏ ଝୁଲା ବ୍ୟାଗ୍‌ରେ ତା'ର ମନୋରଞ୍ଜନ ପାଇଁ ସାଙ୍ଗରେ ନେଇଥାନ୍ତୁ କେତୋଟି ଛୋଟ ଛୋଟ ଖେଳନା। ସେହି ଖେଳନାରେ ଖେଳି ସେ ତା'ର ମାନସିକ କ୍ଳାନ୍ତ ଉପଶମ କରିପାରିବ ଓ ଅପେକ୍ଷା କରି ରହିବା ତା' ପାଇଁ ବିଶେଷ ବିରକ୍ତିକର ହେବନାହିଁ।

## ଅପେକ୍ଷିତ ସମୟକୁ ଲଗାନ୍ତୁ ଗଠନମୂଳକ କାର୍ଯ୍ୟରେ :-

ଜଣେ ଗୃହିଣୀ ଲେଖିଛନ୍ତି, "ମୁଁ ସପ୍ତାହରେ ଦୁଇଥର ମାଂସ କିଣି ଖାଇବାପାଇଁ ଆର୍ଥିକ ଦୃଷ୍ଟିକୋଣରୁ ଅକ୍ଷମ। କିନ୍ତୁ କେଉଁ ଶସ୍ୟରେ, ଡାଲିରେ ଓ ପରିବାପତ୍ରରେ ବେଶୀ ପ୍ରୋଟିନ ଅଛି, ତାହା ମୁଁ ଜାଣିନଥିଲି। ତେଣୁ ଶସ୍ୟ, ଡାଲି ତଥା ବିଭିନ୍ନ ଖାଦ୍ୟଦ୍ରବ୍ୟରେ ରହିଥିବା ଖାଦ୍ୟ ଉପାଦାନଗୁଡ଼ିକର ପରିମାଣ ଉଲ୍ଲେଖ ଥିବା ପେପର ବ୍ୟାଗ୍ ବହିଟିଏ ସାଙ୍ଗରେ ନେଇ ମୁଁ ବାହାରକୁ ଯାଇଥାଏ। ସୁପରମାର୍କେଟରେ, ପୋଷ୍ଟ ଅଫିସ୍ କାଉଣ୍ଟରରେ ଏବଂ ଅନ୍ୟତ୍ର ଧାଡ଼ିରେ ଠିଆ ହୋଇଥିବା ସମୟରେ ମୁଁ ପଢ଼ିଚାଲେ ବହିଟିକୁ। ଏହିପରି ଭାବରେ ବାରମ୍ବାର ପଢ଼ିପଢ଼ି ମୁଁ ବହୁ ଖାଦ୍ୟଦ୍ରବ୍ୟର ଖାଦ୍ୟ ଉପାଦାନଗୁଡ଼ିକର ପରିମାଣ ଜାଣିନେଇପାରିଛି ଓ ସେହି ଅନୁସାରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତକରି ଆମେ ଘରେ ଖାଇପାରୁଛେ। ଏହାଫଳରେ ଆମପାଇଁ ଖାଦ୍ୟ ଉପାଦାନଗୁଡ଼ିକର ଅଭାବ ହେଉନି। ପଇସା ମଧ୍ୟ ବଂଚିପାରୁଛି। ଏହି ପେପରବ୍ୟାଗ୍ ବହିମାନ କିଣି ଓ ଧାଡ଼ିରେ ଅପେକ୍ଷା କରିବା ଅବସରରେ ସେଗୁଡ଼ିକୁ ପଢ଼ିନେଇ ମୁଁ ଶିଖିନେଇପାରିଛି ପନିପରିବାର ବଗିଚା କରିବା, କୁଣ୍ଡରେ ମାଛ ବଢ଼େଇବା, ଲୁଗାପଟାରେ ରଙ୍ଗ ଦେବା ଇତ୍ୟାଦି ବିଷୟରେ।"

## ବାକି ପଡ଼ିଥିବା ଚିଠିଗୁଡ଼ିକର ଉତ୍ତର ଲେଖି ପଠାନ୍ତୁ :-

ବସ୍‌ଷ୍ଟାଣ୍ଡ ଓ ରେଳେଷ୍ଟେସନ୍‌ର ଫ୍ରେଟିଙ୍ଗ୍ ରୁମ୍‌ରେ ବସ୍ କି ଟ୍ରେନ୍‌କୁ ଅପେକ୍ଷା କରି ବସିଥିବାବେଳେ ଉତ୍ତର ଲେଖିବାପାଇଁ ବାକିଆ ପଡ଼ିଥିବା ଚିଠିଗୁଡ଼ିକର ଉତ୍ତର ଲେଖି ପଠେଇପାରିବେ ଆପଣ। ଏଥିପାଇଁ ସ୍ୱତନ୍ତ୍ର ଭାବରେ ସମୟ ବାହାର କରିବାର କୌଣସି ଆବଶ୍ୟକତା ନାହିଁ। ମେଟ୍ରୋପଲିଟାନ୍ ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ବିଶିଷ୍ଟ ଲେଖକ ତଥା ନାଟ୍ୟକାର ଜର୍ଜ ବର୍ଣ୍ଣାର୍ଡ଼ ଶ' ତାଙ୍କ ନିକଟକୁ ଆସିଥିବା ଅଧିକାଂଶ ପତ୍ରର ଉତ୍ତର ଲେଖି ପ୍ରେରଣ କରୁଥିଲେ। ଆପେକ୍ଷା କରିଥିବା ସମୟରେ ସମୟର ଉପଯୋଗିତା ପାଇଁ ଆପଣ ପୋଷ୍ଟକାର୍ଡ଼ରେ ଉତ୍ତର ଲେଖି ପଠେଇପାରିବେ। ଏହା ସହଜ ଓ ଏଥିପାଇଁ ପେଷ୍ଟେଜ୍ ଷ୍ଟାମ୍ପ୍ କିଣିବାର କୌଣସି ଆବଶ୍ୟକତା ନାହିଁ।

## ବ୍ୟବସାୟରେ ଉନ୍ନତି ଆଣନ୍ତୁ :-

ଯଦି ବ୍ୟବସାୟ କରୁଥାନ୍ତି ଓ ସେଥିରେ କିଛି ସମସ୍ୟା ଉପୁଜୁଥାଏ, ତେବେ ଏହି ପ୍ରକାରର ଅବସରକାଳରେ ବ୍ୟବସାୟ ବଢ଼େଇବାପାଇଁ ଓ ବ୍ୟବସାୟ ସହ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନପାଇଁ ଆପଣ ଚିନ୍ତା କରିପାରନ୍ତି। ଏ ସଂପର୍କରେ ମନକୁ ଯାହା ଢୁକିବ, ତାହା ସଂଗେ ସଂଗେ ଖଣ୍ଡେ କାଗଜରେ କି ନୋଟ୍ ବହିରେ ଟିପି ପକେଇବେ ଓ ପରେ ଏ ସଂପର୍କରେ ଗଭୀର ଭାବରେ ଚିନ୍ତାକରି ସୁଚିନ୍ତିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

## ସ୍ୱେଟର ବୁଣନ୍ତୁ :-

ମହିଳାମାନେ ସ୍ୱେଟର ବୁଣିବାପାଇଁ ଉଲ୍ ଓ ବୁଣିବା ଛୁଞ୍ଚି ହ୍ୟାଣ୍ଡ଼ବ୍ୟାଗ୍‌ରେ ନେଇକରି ଯାଇଥିଲେ ଅପେକ୍ଷିତ ସମୟରେ ସ୍ୱେଟର ବୁଣାରେ ନିଜକୁ ନିୟୋଜିତ ରଖିପାରିବେ।

## କ୍ଳାନ୍ତି ଓ ବିରକ୍ତି ଅପନୋଦନ :-

ଅପେକ୍ଷା କରିବାପାଇଁ ପଡ଼ିଲେ ଆମ୍ଭମାନଙ୍କ ମଧ୍ୟରୁ ଅନେକ ଖୁବ୍ ବିରକ୍ତ ହୋଇପଡ଼ନ୍ତି। ଅପେକ୍ଷା କରି କରି କ୍ଳାନ୍ତ ଅନୁଭବ କରନ୍ତି। ଏହାଫଳରେ ମାନସିକ ଚାପ ବଢ଼ିଯାଇ ସମସ୍ୟା ଆହୁରି ବୃଦ୍ଧି ପାଇଯାଏ। ଅପେକ୍ଷା କରି କରି ଆପଣଙ୍କର ବେକ ଓ କାନ୍ଧରେ ମାଂସପେଶୀ ଟାଣ ଲାଗିଲେ ମାଂସପେଶୀଗୁଡ଼ିକୁ ଆରାମ ଦେବାପାଇଁ ମୁଣ୍ଡକୁ ଧୀରେ ଧୀରେ ବଭାକାରରେ ଘୂରାନ୍ତୁ। କିଛିଥର ଘୂରେଇ ସାରି ମୁଣ୍ଡକୁ ପୁନର୍ବାର ଘୂରାନ୍ତୁ ବିପରୀତ ଦିଗରେ। ଏପରି କଲେ ମାଂପେଶୀ ଶିଥିଳ ହୋଇ ବେଶ୍ ଆରାମ ଲାଗିବ।

### ପ୍ରାର୍ଥନା କରନ୍ତୁ :-

ପ୍ରାର୍ଥନା କରିବା ନିମନ୍ତେ ଅର୍ଥଶ୍ରାଦ୍ଧ କରିବାର ଆବଶ୍ୟକତା ପଡ଼େନି। ଆବଶ୍ୟକ ପଡ଼େନି କୌଣସି ଯନ୍ତ୍ରପାତି କି ଉପକରଣର। କେବଳ ଆବଶ୍ୟକ ଏକ ପ୍ରେମାପ୍ଲୁତ ହୃଦୟ। ଯେକୌଣସି ସ୍ଥାନରେ ବି ପ୍ରାର୍ଥନା କରିହେବ। କାରଣ ପ୍ରାର୍ଥନା କରାଯାଇପାରିବ ମନେମନେ, ଅନ୍ୟମାନଙ୍କ ଅଗୋଚରରେ। ନିଜର ବଳକା ସମୟରେ ଈଶ୍ୱରଙ୍କୁ ସ୍ମରଣ କରିବାର ସୁଫଳ ସୁଦୂରପ୍ରସାରୀ ଓ ଏହାର କୌଣସି ବିକଳ୍ପ ନାହିଁ।

### ଦିବାସ୍ୱପ୍ନରେ ମସଗୁଲ ରୁହନ୍ତୁ :-

ସଂପ୍ରତି ବିଶେଷଜ୍ଞମାନେ ଆବିଷ୍କାର କରିଛନ୍ତି ଯେ, ଦିବାସ୍ୱପ୍ନ ଦେଖିବା ବା ଅଳୀକ କଳ୍ପନାରେ ନିମଜ୍ଜିତ ରହିବା ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର। ଆମେ ଯେତେବେଳେ କୌଣସି ପ୍ରୀତିପ୍ରଦ ଅବାସ୍ତବ କଳ୍ପନାରେ ବୁଡି ରହିଥାଉ, ସେତେବେଳେ ମସ୍ତିଷ୍କର ତରଙ୍ଗଗୁଡ଼ିକ ରହିଥାନ୍ତି ବଡ଼ ଆରାମପ୍ରଦ ଅନୁକୂଳ ଅବସ୍ଥାରେ ସେଥିପାଇଁ ଇଣ୍ଟରଭିଉ ପାଇଁ ରୁଦ୍ଧ କୋଠରିରେ ବସି ନିଜର ନାଁ ଡକାହେବା ନିମନ୍ତେ ଅପେକ୍ଷା କରିଥିବାବେଳେ ନିଜକୁ ଏକ ସମୁଦ୍ରତୀରରେ ବାଲୁକାରେଣୁଗୁଡ଼ିକୁ। ଉଡ଼ିବୁଲୁଥିବା ଓ ବୁଡ଼ମାରୁଥିବା ସିଗଲ୍‌ପକ୍ଷୀଗୁଡ଼ିକୁ ନିଜ ମନଶ୍ଚକ୍ଷୁରେ ଦେଖି ମୁଗ୍ଧ ହୁଅନ୍ତୁ। ଏପରି କରିବା ସତରେ ବଡ ସୁଖପ୍ରଦ ଓ ସ୍ୱାସ୍ଥ୍ୟପ୍ରଦ ମଧ୍ୟ। ଏଭଳି ସ୍ୱସ୍ତି ଅନୁଭବ କଲେ ଆପଣଙ୍କର କାର୍ଯ୍ୟ ଦକ୍ଷତା ଅନେକଗୁଣ ବଢ଼ିଯିବ।

ଆପଣ ଅପେକ୍ଷା କରିଥାନ୍ତୁ କି ଅବାସ୍ତବ କଳ୍ପନାରେ ମଗ୍ନ ରହିଥାନ୍ତୁ କିମ୍ବା କୌଣସି ସ୍ୱତନ୍ତ୍ର ଯୋଜନାରେ ମୁଣ୍ଡ ଖେଳାଉଥାନ୍ତି, ସେତେବେଳେ ଆପଣଙ୍କର ସବୁଠାରୁ ମୂଲ୍ୟବାନ ଫାଇଦା ହେଉଛି, ଆପଣ ନିଜ ହାତରେ ଫେରିପାଇଥାନ୍ତି ଆପଣଙ୍କ ସମୟକୁ।

ଏହା ନିଃସନ୍ଦେହ ଯେ, ଦୀର୍ଘ ସମୟଧରି ଅପେକ୍ଷା କରିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଏହା ସତ୍ତ୍ୱେ ବିରକ୍ତି ଓ ବ୍ୟର୍ଥତାରେ ଦାନ୍ତ କଡ଼ମଡ଼ ନକରି ବୃଥାରେ ବ୍ୟୟିତ ହୋଇ ଚାଲିଥିବା ସେହି ସମୟକୁ ପୁନଃପ୍ରାପ୍ତ ସମୟରେ ରୂପାନ୍ତରିତ କରିଦେଇପାରିବା ହିଁ ବିଜ୍ଞତାର କାର୍ଯ୍ୟ।

ଅଭୀପ୍ସା
ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧
ଅଭିନବ ବିଡ଼ାନାସୀ, କଟକ

# ରକ୍ତଦାନ ପାଇଁ ସ୍ଲୋଗାନ

ଅଜୟ କୁମାର ସେଠୀ



ରକ୍ତଦାନ କରିବା
ଜୀବନ ବଞ୍ଚାଇବା । ॥୧॥

ରକ୍ତ ଟୋପାଏ
ପ୍ରାଣ ବଞ୍ଚାଏ । ॥୨॥

ଆସରେ ଆସ ରକ୍ତଦେବା
ସାରାଜୀବନ ସୁସ୍ଥ ରହିବା । ॥୩॥

ପ୍ରତି ଛଅ ମାସେ ରକ୍ତଦେବା
ସାରାଜୀବନ ସୁସ୍ଥ ରହିବା । ॥୪॥

ରକ୍ତଦାନ କଲେ କ୍ଷତି ହୁଏନା
ଦେହରୁ ଆମର ରକ୍ତ ସରେନା । ॥୫॥

ରକ୍ତଦାନ କରି ବିଶ୍ରାମ ନେବା
କିଛି ସମୟ ପରେ ଘରକୁ ଯିବା । ॥୬॥

ଜାତି, ଧର୍ମ, ବର୍ଣ୍ଣ, ନାହିଁ ରକ୍ତରେ
ଲାଗିଥାଏ ସିଏ ଭଲକାମରେ । ॥୭॥

ରକ୍ତଦାନ କଲେ ପୁଣ୍ୟ ମିଳଇ
ସେହି ପୁଣ୍ୟାତ୍ମା ବୈକୁଣ୍ଠେ ବସଇ । ॥୮॥

ଆମେ ଯଦି ରକ୍ତ ଦେଇଥିବା
ଅସମୟରେ ରକ୍ତ ପାଇବା । ॥୯॥

ରକ୍ତ ପରା ଆମ ଅମୂଲ୍ୟ ଧନ
ବଞ୍ଚାଇ ଥାଏ ସେ କୋଟି ଜୀବନ । ॥୧୦॥

**ଶିକ୍ଷକ, କବି, ନାଟ୍ୟକାର ଓ ଗୀତିକାର**
**ଅଂଜିରା, ନିରାକାରପୁର, ପୁରୀ**
**ମୋ - ୯୯୩୭୧୯୮୮୭୮**



# ଅଳ୍ପାୟୁ ଅଭିମନ୍ୟୁ

ପଦ୍ମନାଭ ପାଣିଗ୍ରାହୀ

ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସରେ ଯୁଧିଷ୍ଠିରଙ୍କୁ ଜୀବନ୍ତ ଧରିନେବାପାଇଁ କୌରବ ପକ୍ଷରୁ ହୀନ ଚକ୍ରାନ୍ତ ହେଲା। କୌଶଳକ୍ରମେ ଯୁଦ୍ଧକ୍ଷେତ୍ରରେ ଅର୍ଜ୍ଜୁନଙ୍କୁ ଯୁଧିଷ୍ଠିରଙ୍କଠାରୁ ପୃଥକ୍ କରିଦିଆଗଲା। ସେଦିନ ଅର୍ଜ୍ଜୁନବିହୀନ ପାଣ୍ଡବଙ୍କୁ ଦ୍ରୋଣଙ୍କ ସେନାପତିତ୍ୱରେ ସଂଗଠିତ ହୋଇଥିବା ବିରାଟ ଚକ୍ରବ୍ୟୁହର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଉକ୍ତ ଚକ୍ରବ୍ୟୁହ ମଧ୍ୟକୁ ପ୍ରବେଶ କରିବାର କୌଶଳ କେବଳ ଶ୍ରୀକୃଷ୍ଣ, ପ୍ରଦ୍ୟୁମ୍ନ ଓ ଅଭିମନ୍ୟୁଙ୍କ ବ୍ୟତିତ ପାଣ୍ଡବ ପକ୍ଷର ଅନ୍ୟ କାହାକୁ ଜଣାନଥିଲା। ପ୍ରଦ୍ୟୁମ୍ନ ଯୁଦ୍ଧରେ ଯୋଗ ଦେଇନଥିଲେ। ଅର୍ଜ୍ଜୁନଙ୍କୁ ଛଳନାରେ ଗୋଟିଏ କ୍ଷୁଦ୍ର ସେନା ଅନ୍ୟତ୍ର ନେଇଗଲେ। ଯୁଧିଷ୍ଠିର ନିରାଶ ହୋଇଗଲେ। ହତୋତ୍ସାହ ଯୁଧିଷ୍ଠିରଙ୍କୁ ଦେଖି ବଂଶ ମର୍ଯ୍ୟାଦା ରକ୍ଷା କରିବାପାଇଁ ଅଭିମନ୍ୟୁ ଚକ୍ରବ୍ୟୁହ ଭେଦ କରିବାପାଇଁ ସଂକଳ୍ପ କଲେ। ସ୍ୱୟଂ ଅଭିମନ୍ୟୁ ଜ୍ୟେଷ୍ଠ ପିତା ଯୁଧିଷ୍ଠିରଙ୍କୁ କହିଲେ - ପିତାଶ୍ରୀ ! ମୁଁ ଚକ୍ରବ୍ୟୁହ ଭେଦ କରିବାର ବିଧିକୁ ମାତୃଗର୍ଭରୁ ହିଁ ଜାଣିଛି। କିନ୍ତୁ ପ୍ରତ୍ୟାବର୍ତ୍ତନ ନିୟମ ମୋତେ ଜଣାନାହିଁ।

"ଉପଦିଷ୍ଟୋ ହି ମେ ପିତ୍ରା ଯୋଗୋଽନୀକ ବିଶାତନେ
ନୋତ୍ସହେ ହି ବିନିର୍ଗନ୍ତୁମହଂ କସ୍ୟାଂଚିଦାପଦି ।"
(ମହାଭାରତ (ଦ୍ରୋଣପର୍ବ - ୩୫/୧୯)

ମହାଭାରତରେ ବର୍ଣ୍ଣନା କରାଯାଇଛି ଯେ - ସୁଭଦ୍ରାଙ୍କର ରୂପ ଲାବଣ୍ୟ ଏତେ ଆକର୍ଷଣ ଥିଲା ଯେ ସ୍ୱୟଂ ଅର୍ଜୁନ ତାଙ୍କ ଦର୍ଶନରେ ମୋହିତ ହୋଇଯାଇଥିଲେ। କୃଷ୍ଣଙ୍କର ସଂପୂର୍ଣ୍ଣ ଇଚ୍ଛା ଥିଲା ନିଜ ଭଗିନୀ ସୁଭଦ୍ରାଙ୍କୁ ଅର୍ଜୁନଙ୍କ ହସ୍ତରେ ସମର୍ପଣ କରିବେ। ଏଣୁ ସୁଭଦ୍ରାଙ୍କୁ ହରଣ କରିନେଇ ଯିବାପାଇଁ ଅର୍ଜୁନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭଗବାନ ଶ୍ରୀକୃଷ୍ଣ ସୁଭଦ୍ରାଙ୍କ ସହିତ ଅର୍ଜୁନଙ୍କର ବିବାହ କାର୍ଯ୍ୟ ସମ୍ପାଦନ କରିବାପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ। ସୁଭଦ୍ରା ଅର୍ଜୁନଙ୍କ ସହ ହସ୍ତିନାପୁରକୁ ଯାଇଥିଲେ ଏବଂ ସେଠାରେ ସେ ଗର୍ଭଧାରଣ କରିଥିଲେ। ଅର୍ଜୁନଙ୍କ ଇଚ୍ଛା ଥିଲା ସୁଭଦ୍ରାଙ୍କ ଗର୍ଭରୁ ଯେଉଁ ସନ୍ତାନ ଜାତ ହେବ ସେ ତାଙ୍କଭଳି ମହାପରାକ୍ରମୀ ହୋଇ ଯୁଦ୍ଧରେ ଅନେକ ବ୍ୟୁହ ରଚନା କରିପାରିବ। ତନ୍ମଧ୍ୟରୁ ଚକ୍ରବ୍ୟୁହ ଭେଦ କରିବା ଦୁଷ୍କର। ଏଣୁ ଅର୍ଜୁନ ସୁଭଦ୍ରାଙ୍କ ଗର୍ଭବସ୍ଥାରେ ଚକ୍ରବ୍ୟୁହ ଭେଦ କରିବାର ସମସ୍ତ ବିଧିବିଧାନକୁ ତାଙ୍କ ଆଗରେ ବର୍ଣ୍ଣନା କରିଥିଲେ। କିନ୍ତୁ ବିଧିର ବିଧାନ ବଡ ବିଚିତ୍ର।

ରାଧାନାଥ ରାୟଙ୍କ ମତରେ :-

**"ଭବିତବ୍ୟ ଯାହା ଅବଶ୍ୟ ଘଟିବ**
**କିଏ ତା କରିବ ଆନ,**
**କିଏ ଅବା ଏହି ଜ୍ୟୋତିଷ୍କଚକ୍ର - ଗତି**
**ରୋଧିବାକୁ ବଳବାନ ।"**

ଇତ୍ୟବସରରେ ସୁଭଦ୍ରାଙ୍କୁ ନିଦ ଆସିଗଲା। ଚକ୍ରବ୍ୟୁହ ମଧ୍ୟରୁ ବାହାରି ଆସିବାର କୌଶଳକୁ ସେ ଶୁଣିପାରିଲେ ନାହିଁ। ଧର୍ମରାଜ ସଜଳ ଦୃଷ୍ଟିରେ ଚାହିଁଲେ ଅଭିମନ୍ୟୁଙ୍କୁ। ଅଭିମନ୍ୟୁ କ'ଣ ଏ ଅସମୟରେ ନେତୃତ୍ୱ ନେଇପାରିବ ? ଅଭିମନ୍ୟୁ ସହର୍ଷ ବଦନରେ କହିଲେ - ପିତାଶ୍ରୀ। ମୁଁ ଚକ୍ରବ୍ୟୁହରେ ଛିଦ୍ର ସୃଷ୍ଟିକରି ପ୍ରବେଶ କରିପାରିବି। କିନ୍ତୁ ସେଥିରୁ ନିର୍ଗତ ହେବାର କୌଶଳ ଶିଖିନାହିଁ। ଥରେ ବ୍ୟୁହ ଖୋଲିଗଲେ ପାଣ୍ଡବସୈନ୍ୟ ମୋତେ ଅନୁସରଣ କରି ଚାଲିଯିବ ବୋଲି ଅଭୟ ବାଣୀ ଶୁଣାଇଦେଲେ। ଅଭିମନ୍ୟୁ ଚକ୍ରବ୍ୟୁହ ମଧ୍ୟକୁ ପ୍ରବେଶ କରିଗଲେ ସିନା, କୌରବମାନଙ୍କର ବ୍ୟୁହ କୌଶଳ ଯୋଗୁ ଜୟଦ୍ରଥ ବ୍ୟୁହ ଦ୍ୱାର ଭେଦ କରିବାକୁ ପାଣ୍ଡବ ସେନାକୁ ଦେଲାନାହିଁ। ଶତ୍ରୁ ସୈନ୍ୟ ସମୁଦ୍ର ମଧ୍ୟରୁ ଅଭିମନ୍ୟୁ ସନ୍ତରଣ ଆରମ୍ଭ କଲେ। ପାଗଳ ହସ୍ତୀ ପଦ୍ମବନକୁ ଧ୍ୱସ୍ତ ବିଧ୍ୱସ୍ତ କରିବା ଭଳି ଅଭିମନ୍ୟୁ ଅଗଣିତ ଶତ୍ରୁ ସୈନ୍ୟଙ୍କୁ ମୃତ୍ୟୁ ମୁଖରେ ପକାଇଥିଲେ। ସେତେବେଳେ କର୍ଣ୍ଣଙ୍କ ହୀନ ଚକ୍ରାନ୍ତ ଅନୁଯାୟୀ କୁରୁବୀରମାନେ ଏକାଠି ହୋଇ ତୀବ୍ର ଆକ୍ରମଣ କଲେ। ସମ୍ମିଳିତ ଆକ୍ରମଣ ଯୋଗୁ ଅଭିମନ୍ୟୁ ଭୂମିରେ ଟଳିପଡ଼ିଲେ। ଗୁରୁ ଦ୍ରୋଣାଚାର୍ଯ୍ୟ ଏହାର ବିରୋଧ କରି କହିଥିଲେ ଯେ - ସପ୍ତରଥୀ ମିଳିତ ହୋଇ ଛୋଟ ବାଳକ ଉପରେ ଆକ୍ରମଣ କରିବାକୁ ଇତିହାସ ନିନ୍ଦା କରିବ। କିନ୍ତୁ ମହାମାନୀ ଦୁର୍ଯ୍ୟୋଧନ ଏହାକୁ କର୍ଣ୍ଣପାତ କରିନଥିଲେ। ଶେଷରେ ଅଗଣିତ କୁରୁସେନାଙ୍କୁ ଧରାଶାୟୀ କରି ସପ୍ତରଥୀଙ୍କ ଆକ୍ରମଣରେ ନିଜେ ଧରାଶାୟୀ ହୋଇଗଲେ। ବିଧିର ବିଧାନ ବଡ ବିଚିତ୍ର। ତେଣୁ କୁହାଯାଇଛି -

**"ଯେ କୁଳେ ରାଜା ଧର୍ମ ସୁତ। ରକ୍ଷକ ଭୀମ ଗଦା ହସ୍ତ ।।**
**ଅର୍ଜୁନ ଯହିଁ ଧନୁ ଧରେ। ଗୋବିନ୍ଦ ଯାରେ ରକ୍ଷାକରେ ।।**
**ସେ କୁଳେ ପଡ଼ଇ ବିପତ୍ତି । ଏମନ୍ତ ଈଶ୍ୱରଙ୍କ ଗତି ।।"**

କବିବର ରାଧାନାଥ ରାୟ ମତ ପ୍ରକାଶ କରିଛନ୍ତି -

**"ଭାବିଛକି ଏହି ଦୀପ ନଳିଭିବ,**
**ବିସ୍ମୃତି ଅନ୍ଧାରେ ସଦା ଜଳୁଥିବ ।**
**ବଡ଼ କ୍ରୁର କାଳ ବଡ଼ ଅବିଶ୍ୱାସୀ**
**ହାବୁଡ଼ି ଯିବ ସେ ଆଚମ୍ବିତେ ଆସି ।।"**

ଚକ୍ରବ୍ୟୁହ ଭେଦନରେ ଅଭିମନ୍ୟୁ ଯେଉଁ ପରାକ୍ରମ ଦର୍ଶାଇଥିଲେ



ଦୈନିକ କିଛି ସମୟ ସଦ୍‌ଗ୍ରନ୍ଥ ପାଠକର।

ଇତିହାସରେ ତାହା ବିରଳ। ସ୍ୱୟଂ ଦ୍ରୋଣାଚାର୍ଯ୍ୟ ଯୁଦ୍ଧଭୂମିରେ ତା'ର ପ୍ରଶଂସା କରିଥିଲେ।

**ନାସ୍ୟ ଯୁଦ୍ଧେ ସମଂ ମନ୍ୟେ କଞ୍ଚିଜନ୍ୟଂ ଧନୁର୍ଧରମ୍ ।**
**ଇଚ୍ଛନ୍ ହନ୍ୟାହିମାଂ ସେନାଂ କିମର୍ଥମପି ନେଚ୍ଛତି ।**

(ମହା.ଭା. ଦ୍ରୋଣ ୩୯/୧୬)

ଯୁଦ୍ଧଭୂମିରେ ଅଭିମନ୍ୟୁ ସମାନ ଦ୍ୱିତୀୟ ବୀର ସଂସାରରେ ବିରଳ ଯଦି ସେ ଇଚ୍ଛା କରିବ ସମସ୍ତ ସୈନ୍ୟବାହିନୀଙ୍କୁ ଧ୍ୱଂସ କରିଦେବ।

ଗର୍ଭାବସ୍ଥାରେ ଚକ୍ରବ୍ୟୁହ ଭେଦ ଶିକ୍ଷାକରି ଅଭିମନ୍ୟୁ ଯେଉଁ ସଂସ୍କାର ପ୍ରଦର୍ଶନ କଲେ, ସେହିଭଳି ଜୀବ ଗର୍ଭାବସ୍ଥାରେ ଥିବାବେଳେ ସମସ୍ତ ମାନବଜାତି ତାକୁ ସତ୍ ସଂସ୍କାରରେ ସଂସ୍କାରିତ କରିବା ଉଚିତ୍। ଯୁଧିଷ୍ଠିରଙ୍କ ପ୍ରେରଣା, ଭୀମଙ୍କ ଅହଂକାରବଶତଃ ଉତ୍ସାହିତ ଯୋଗୁଁ ଛୋଟ ବାଳକ ଅଭିମନ୍ୟୁ ଚକ୍ରବ୍ୟୁହ ମଧ୍ୟକୁ ପ୍ରବେଶ କରିବାକୁ ସାହସ କଲେ। ଏଥିରୁ ଶିକ୍ଷା ମିଳିଲା - "ଅଳ୍ପ ବିଦ୍ୟା ଭୟଙ୍କରୀ।" ଅଳ୍ପ ବିଦ୍ୟା ଜାଣିଥିଲେ, ବିରାଟ କାର୍ଯ୍ୟ କରିବା ପୂର୍ବରୁ ବିଚାରକରି ଆଗେଇବା ଉଚିତ୍। ନଚେତ୍ ଅଭିମନ୍ୟୁଙ୍କ ଭଳି ଦଶା ଭୋଗକରିବାକୁ ପଡ଼ିବ।

**କଥମିଳୀବର ଶ୍ୟାମଂ ସୁଦଂଷ୍ଟ୍ରଂ ଚାରୁଲୋଚନମ୍ ।**
**ମୁଖମତେ ଦୃଶ୍ୟତେ ବତ୍ସ ଗୁଣିତଂ ରଣରେଣୁନା ।।**
**ଇମାଂ ତେ ତରୁଣୀଂ ଭାର୍ଯ୍ୟାଂ ତବାଧି ଭିରଭିପ୍ଳୁତାମ୍।**
**କଥଂ ସଂଧାରୟିଷ୍ୟାମି ବିବତ୍ସାମିବ ଧେନୁକାମ୍ ।।**

କିଏ ସେ ବତ୍ସ ଯେ ସେଦିନ ସଂନ୍ଧ୍ୟାରୁ ମାତୃକୋଳକୁ ଆଉ ଫେରିଲା ନାହିଁ। କିଏ ସେ ତରୁଣ ନିଜର ଅନ୍ତଃସତ୍ତ୍ୱା ତରୁଣୀ ଭାର୍ଯ୍ୟାଠାରୁ ଚିର ବିଚ୍ଛିନ୍ନ ହୋଇଗଲା। ଅଭିମନ୍ୟୁ ଯାହାଠାରେ ଯୁଧିଷ୍ଠିରଙ୍କର ସତ୍ୟନିଷ୍ଠା, ଭୀମଙ୍କର ପରାକ୍ରମ, ଅର୍ଜ୍ଜୁନଙ୍କ ଯୁଦ୍ଧ କୁଶଳତା, ନକୁଳଙ୍କର ଆତ୍ମସଂଯମ ଓ ସହଦେବଙ୍କର ସୌମ୍ୟ ଆକୃତି ସହିତ ଭଗବାନ ଶ୍ରୀକୃଷ୍ଣଙ୍କର ବୁଦ୍ଧିମତ୍ତା ଓ ଉଦାରଚରିତ ସମ୍ମିଳିତ ହୋଇ ରହିଥିଲା।

ଅଭିମନ୍ୟୁଙ୍କ ନିଧନରେ ପାଣ୍ଡବ ଶିବିର ଶୋକାତୁର ହୋଇଉଠିଲା। ମାତା ସୁଭଦ୍ରାଙ୍କ ଦଶା ଅତ୍ୟନ୍ତ କରୁଣା ହୋଇ ଉଠୁଥିଲା। ଉତ୍ତରା ଉତ୍ତରାୟ ଶର୍ଯ୍ୟାଶାୟୀ, ଦୌପଦୀ ବାକ୍ୟହୀନା। ଇତ୍ୟବସରେ ଶ୍ରୀକୃଷ୍ଣ ଅନ୍ତଃପୁରକୁ ପ୍ରବେଶ କଲେ। ଭ୍ରାତାଙ୍କୁ ଦେଖି ସୁଭଦ୍ରାଙ୍କ କୋହ ଶତଗୁଣିତ ହେଲା। ଭଗିନୀ ସୁଭଦ୍ରାଙ୍କୁ ସାନ୍ତ୍ୱନା ଦେବା ସହିତ, ଅଭିମନ୍ୟୁଙ୍କ ପୂଣ୍ୟକର୍ମ ଏବଂ ପୂର୍ବଜନ୍ମ କାହାଣୀ ଶୁଣାଇଥିଲେ।

ତପ, ବ୍ରହ୍ମଚର୍ଯ୍ୟ, ସ୍ୱାଧ୍ୟାୟ ଓ ପ୍ରଜ୍ଞାଦ୍ୱାରା ଜ୍ଞାନଦାତା ଯେଉଁ ଗତିପ୍ରାପ୍ତି ପାଇଁ ସାଧନା କରନ୍ତି, ତୁମ ପୁତ୍ରର ସେହି ଗତି ପ୍ରାପ୍ତ ହୋଇଛି। ତୁମେ ବୀରଜୟା, ବୀରମାତା, ପୁତ୍ରର ପରମଗତିକୁ ଅନୁସରଣ ପୂର୍ବକ ଆନନ୍ଦ ଲାଭକର ଓ ଅନ୍ୟମାନଙ୍କୁ ପ୍ରେରଣା ଦିଅ।

ପୁନଶ୍ଚ ଅଭିମନ୍ୟୁ ଅଳ୍ପାୟୁ। ସେ ପ୍ରତିଶ୍ରୁତି ଅନୁସାରେ ଇହଲୋକରେ ବେଶି ଦିନ ରହିପାରିବ ନାହିଁ। ତା'ର କାରଣ ଏକଦା ଦେବତାମାନେ ଚନ୍ଦ୍ରଙ୍କ ନିକଟରେ ପହଞ୍ଚି କହିଲେ - "ହେ ଶଶାଙ୍କ! ପୃଥିବୀ ଉପରେ ଆସୁରୀ ଭାବ ପ୍ରକଟ ହୋଇଛି। ଦୁର୍ଯ୍ୟୋଧନ ରୂପରେ କଳିଯୁଗ ଓ ତା'ର ଅନେଶ୍ୱତ ଭାଇ ପୌଲସ୍ତ୍ୟ ବଂଶରେ ଉତ୍ପନ୍ନ ରାକ୍ଷସ ଅଂଶରେ ଜାତ ହୋଇଛନ୍ତି। ଏଣୁ ଦେବତା ମଧ୍ୟ ମନୁଷ୍ୟ ରୂପରେ ଜନ୍ମ ହେଉଛନ୍ତି। ଏଣୁ ଆପଣ ମଧ୍ୟ ପୃଥିବୀ ପୃଷ୍ଠକୁ ଯାଆନ୍ତୁ ଏବଂ ନିଜ ପୁତ୍ରକୁ ମଧ୍ୟ ମନୁଷ୍ୟ ରୂପରେ ସୃଷ୍ଟି କରନ୍ତୁ।" ଚନ୍ଦ୍ରଙ୍କ ପୁତ୍ରର ନାମ "ବର୍ଚା"। ଚନ୍ଦ୍ର ସ୍ୱପୁତ୍ରକୁ ଅତ୍ୟନ୍ତ ସ୍ନେହ କରୁଥିଲେ। ତା' ଦର୍ଶନ ବିନା ତାଙ୍କର ମନର ସ୍ଥିତି ଠିକ୍ ରହୁନଥିଲା। ତେଣୁ କ୍ଷଣେ ହେଲେ ପାଖରୁ ଅନ୍ତର କରିବାକୁ ଚାହୁଁନଥିଲେ।

ଚନ୍ଦ୍ର ଦେବତାମାନଙ୍କୁ ଏକ ସର୍ତ୍ତ ରଖି କହିଲେ - ବିଶ୍ୱକଲ୍ୟାଣ ନିମିତ୍ତ ପୁତ୍ର ବର୍ଚାକୁ ପୃଥିବୀପୃଷ୍ଠକୁ ପଠାଇବି। କିନ୍ତୁ ସେ ମୋର ଅତିପ୍ରିୟ। ତେଣୁ ଷୋହଳ ବର୍ଷରୁ ଅଧିକ ପୃଥିବୀ ଉପରେ ରହିବାକୁ ଦେବିନାହିଁ। ଷୋହଳ ବର୍ଷ ପୂର୍ଣ୍ଣ ହେଲେ ସେ ଯେପରି ମୋ ପାଖକୁ ଫେରି ଆସିବ। ଦେବତାମାନେ ଏଥିରେ ସମ୍ମତି ପ୍ରକାଶ କରିଥିଲେ। ସେହି ବର୍ଚା ଅର୍ଜୁନଙ୍କ ପ୍ରିୟ ପତ୍ନୀ ସୁଭଦ୍ରାଙ୍କ ଗର୍ଭରୁ ଅଭିମନ୍ୟୁ ରୂପେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ଷୋହଳ ବର୍ଷ ପୂର୍ଣ୍ଣ ହେବାରୁ ଧରାପୃଷ୍ଠ ପରିତ୍ୟାଗ କରି ଚନ୍ଦ୍ରଲୋକକୁ ନିଜ ପିତାଙ୍କ ନିକଟକୁ ଚାଲିଯାଇଛନ୍ତି।

ଭ୍ରାତାଙ୍କ କଥା ଶୁଣି ସୁଭଦ୍ରା ଚମକି ପଡ଼ିଲେ। ମୋହ, ଅଜ୍ଞାନ ଦୂର ହୋଇଗଲା। ଅଭିମନ୍ୟୁର ଅମରଆତ୍ମାର ପରମଗତିକୁ ଦେଖୁ ଦେଖୁ ଆନନ୍ଦରେ ଚିତ୍କାର କରି ଉଠିଲେ - ଯାଜ୍ଞିକ, ଦାନଶୀଳ, ତୀର୍ଥସେବୀ, ବ୍ରହ୍ମଚାରୀ, ଗୁରୁସେବକ ଯେଉଁ ଗତି ପ୍ରାପ୍ତ ହୋଇଛନ୍ତି, ରେ ବୀରା ସେହି ଗତି ତୋତେ ପ୍ରାପ୍ତ ହେଉ।

ଭଗବ୍ରତଧାରୀ ମୁନି, ଦୀନ-ଦୟାଳୁ, ପୁଣ୍ୟଚାରୀ ରାଜା ଯେଉଁ ଶାଶ୍ୱତ ଗତି ପ୍ରାପ୍ତ ହୁଅନ୍ତି। ରେ ଧନ! ତୁ ସେହି ଗତିର ଅଧିକାରୀ ହୁଅ।

ପାଞ୍ଚ ସହସ୍ର ବର୍ଷ ପୂର୍ବେ କୁରୁକ୍ଷେତ୍ରରେ ଯେଉଁ ଭୟାବହ ସମର ସଂଗଠିତ ହୋଇଥିଲା, ତାହାର ଏ ଗୋଟିଏ ଲୋମହର୍ଷଣକାରୀ ଘଟଣା। ବର୍ତ୍ତମାନ ପରିସ୍ଥିତିକୁ ଅବଲୋକନ କଲେ ଜଣାଯାଏ। ଭାରତବର୍ଷର ଚତୁଃପାର୍ଶ୍ୱରେ ଯେଉଁ ଶତ୍ରୁମାନେ ଏକତ୍ରିତ ହୋଇଛନ୍ତି। ସେମାନଙ୍କଠାରୁ ଉଦ୍ଧାରପାଇଁ ଭାରତ ବକ୍ଷରେ ଶତ ଅଭିମନ୍ୟୁର ତେଜ ଆବଶ୍ୟକ।

ସହାୟକ ଗ୍ରନ୍ଥ - ମହାଭାରତ, ପୁରୁଣା କଲ୍ୟାଣ ପତ୍ରିକା।

**ବନମାଳୀ କଲୋନୀ, ଜଟଣୀ**
**ମୋ - ୯୩୩୮୨୨୧୩୭୪**



କାହାରି ପ୍ରତି ହିଂସା ଆଚରଣ କରନାହିଁ।

# ସାବଧାନ ! ଆରମ୍ଭ ହେବ ପ୍ରଳୟର ଯାତ୍ରା



ବିଭୂତିଭୂଷଣ ସେନାପତି

ଦ୍ରୁତ ଶିଳ୍ପାୟନ, ଜଙ୍ଗଲକ୍ଷୟ, ଯାନ୍ତ୍ରିକ କରଣ, ମୋଟରଯାନର ବହୁଳ ବ୍ୟବହାର, କଂକ୍ରିଟଜଙ୍ଗଲର ଅଭିବୃଦ୍ଧି ଆଦି ପୃଥିବୀର ମୃତିକା, ଜଳ, ଜଙ୍ଗଲ ଓ ପ୍ରାଣିଜଗତର ଅପର୍ଯ୍ୟାପ୍ତ ଅସନ୍ତୁଳନ ଜଳବାୟୁ ପରିବର୍ତନର କାରଣ ପାଲଟିଛି । ଯାହା ଫଳରେ ଏ ବିଶ୍ୱ ପ୍ରଳୟ ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହେଉଛି । ୨୦୫୦ ମସିହା ସୁଦ୍ଧା ଏହି ବିଶ୍ୱ ଯଦି ୧୯୦ଗିଗାଟନର ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନରେ ନିଜକୁ ସୀମିତ ନ ରଖେ ଆପେ ଆପେ ପ୍ରଳୟର ଦ୍ୱାର ଖୋଲି ଯିବ ଯାହା ଫଳରେ ପରିସ୍ଥିତି ଅତି ଭୟାବହ ହେବ । ପିଟ୍ସବର୍ଗର କାର୍ନେଜି ମେଲାନୟୁନିଭରସିଟିର ରସାୟନ ବିଭାଗ ପ୍ରଫେସର ନିଲ ଦୋନାହୁଇ କହନ୍ତି-" ଆମେ ପୃଥିବୀର ଜଳବାୟୁ ସଂପର୍କରେ ଅନୁସଂଧାନ କରିବାକୁ ଗଲେ ପ୍ରଥମେ ୨୫୦ ବର୍ଷର ପାଣିପାଗ ବିଷୟରେ ଜାଣିବାକୁ ପଡିବ ।" ଏଥିପାଇଁ କ୍ଷୁଦ୍ର କଣିକା ଏରୋସଲ ଠାରୁ ଯାତ୍ରା ଆରମ୍ଭ କରିବାକୁ ହେବ । ଜଳବାୟୁ ବିଶେଷଜ୍ଞ ମତରେ ମାନବୀୟ କ୍ରିୟାକଳାପ ଯୋଗୁ ଏରୋସଲ କଣିକା ବୃଦ୍ଧି ପାଇ ଅଧିକ ଜଳ କଣିକାକୁ ବାଦଲରେ ରଖିବାକୁ ଆକାଶ ସର୍ବଦା ଧୂଆଁଳିଆ ରହେ । ୨୦୧୨ ମସିହାର ଯୁକ୍ତ ରାଜ୍ୟର ବ୍ରିଷ୍ଟଲ ୟୁନିଭରସିଟି ଓ ସୁଇଜରଲାଣ୍ଡର ଏଚ୍ ଜୁରିକ ୟୁନିଭରସିଟିରମିଳିତ ସହଯୋଗରେ ନିରନ୍ତର ଗବେଷଣା ଜଳବାୟୁ ପରିବର୍ତନ ସଂପର୍କରେ ମତ ପୋଷଣ କରିଛି । ଆନ୍ତଃ ସରକାରୀ ଜଳବାୟୁ ପରିବର୍ତନର ବିଷାରଦ ଗୋଷ୍ଠୀ (ଆଇପିସିସି) ପଂଚମ ନିର୍ଦ୍ଧାରିତ ରିପୋର୍ଟ କହେ ଜାଗତିକ ଉଷ୍ଣତା ବୃଦ୍ଧି ମନୁଷ୍ୟର ପ୍ରାକୃତିକ ଜୀବୀୟ ପଦ୍ଧତିକୁ ବିଶେଷ ଭାବରେ ପ୍ରଭାବିତ କରେ । ଆମ ବାୟୁ ମଣ୍ଡଳର ଅଙ୍ଗାରକାମ୍ଳ ନିରାପଦସୀମା ୩୫୦ ପି.ପି.ଏମ. । ଏହି ପରିପ୍ରେକ୍ଷୀରେ ରିଓଡି ଜେନେରିଓ ଠାରେ ଜଳ ବାୟୁ ପରିବର୍ତନ ସଂପର୍କରେ ମତ ଦିଅନ୍ତି-ଜୈବିକ ଇନ୍ଧନ ପରିବର୍ତେ ବିକଳ୍ପ ଇନ୍ଧନ ସଂଧାନ କରିବା ପାଇଁ ପଦେକ୍ଷପ ନିଆଗଲେ ପୃଥିବୀର ଜାଗତିକ ଉଷ୍ଣତା ଖସିବାକୁ ଆରମ୍ଭ କରିବ ଓ ଜଳବାୟୁର ପରିବର୍ତନ ଘଟିବ । ସବୁଜଗୃହବାଷ୍ପର ମାତ୍ରାଧିକ ବୃଦ୍ଧି ଉଷ୍ଣତାର କାରଣ ଓ ଜଳବାୟୁ ପରିବର୍ତନର ଏକ ଉପାଦାନ । ଆଗାମୀ ଦିନରେ ପ୍ରଳୟ ଅବସ୍ୟମ୍ଭାବୀ ଏହାର ମୁଖ୍ୟ ଦୁଇଟି କାରଣ ହେଲା ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି ଓ ଜାଗତିକ ଉଷ୍ଣତା । ଆମ ଦେଶରେ ୧୦କୋଟି ଲୋକ ରୋଗାକ୍ରାନ୍ତ ହେବା ପାଇଁ ପୃଥିବୀର ୧ଡିଗ୍ରୀ ସେଲସିୟସ ତାପ ମାତ୍ରା ବୃଦ୍ଧି ଘଟେ । ସ୍ଥଳଭାଗ ଓ ବାୟୁମଣ୍ଡଳ ଉତପ୍ତ ହେଲେ ତାହାକୁ ସରଳ ଭାଷାରେ କୁହାଯାଏ ବିଶ୍ୱତାପନ ବା ଗ୍ଲୋବାଲ ଓାର୍ମି । ଗତ ସପ୍ତାହରେ ଗ୍ଲାସଗୋଠାରେ (ସ୍କଟଲାଣ୍ଡ)ସମାପ୍ତ ହୋଇଥିବା ବିଶ୍ୱଜଳବାୟୁ ସମ୍ମେଳନ ଅର୍ଥାତ୍ ସିଓପି-୨୪ ସମାପ୍ତ ହେଲା ।କ୍ୟୋଟ,କୋପେନହାଗାନ,ପ୍ୟାରିସ ସମ୍ମିଳନୀ ପରି ଏହା ସମାପ୍ତ ହୋଇ ପାରି ନ ଥିଲା ।ସମସ୍ତ ଦେଶ ଅଂଗାରକାମ୍ଳ ଅଂଗାରକାମ୍ଳ ନିର୍ଗମନକୁ ସଂପୂର୍ଣ୍ଣ ସମାପ୍ତ କରିବା ପାଇଁ ୨୦୩୦ରୁ ୨୦୭୦ ପର୍ଯ୍ୟନ୍ତ ସମୟ ନେଲେ । ଏହା ନ କରି ପାରିଲେ ପ୍ରଳୟର ଯାତ୍ରା ଆଗାମୀ ଦିନରେ ଆରମ୍ଭ ହେବ । ସମମତାବଲମ୍ବୀ ବିକାଶ ଶୀଳ ଦେଶ ମାନେ ବିକଶିତ ରାଷ୍ଟ୍ରମାନେ କାର୍ବୋନ ସାମ୍ରାଜ୍ୟବାଦୀ ବୋଲି ଅବିହିତ କଲେ । ଏହି ଗୋଷ୍ଠୀରେ ଭାରତ, ଚୀନ୍, ଶ୍ରୀଲଙ୍କା, ବଙ୍ଗଳାଦେଶ, ପାକିସ୍ଥାନ, ବଲିଭିଆ ଓ ଇଣ୍ଡୋନେସିଆ ପ୍ରଭୃତି ୨୨ଟି ରାଷ୍ଟ୍ର ଅନୁବନ୍ଧିତ ହେଲେ । ଆଗାମୀ ଦିନରେ ଜଳବାୟୁ ପରିବର୍ତନରେ ଯେପରି ପ୍ରଳୟର ଯାତ୍ରା ଆରଂଭ ହେଉଛି ସେଥିପାଇଁ ପ୍ରାୟଶଃ ବିକଶିତ ରାଷ୍ଟ୍ରମାନେ ଦାୟୀ । ଶିଳ୍ପମାନଙ୍କର ଧୂଆଁ ବିଶ୍ୱ ଜଳବାୟୁ ପରିବର୍ତନର ଦ୍ୱାର ଖୋଲି ଦେଉଛି । ଏହାକୁ କୁହାଯାଉଛି ପ୍ରଳୟର ଯାତ୍ରା । ଯେଉଂ ଚିଠା ପ୍ରସ୍ତାବ ସେଠାରେ(ଗ୍ଲାସଗୋ) ଆଗତ ହୋଇଛି ତାହା ଜଳବାୟୁ ପରିବର୍ତ୍ତନରେ ବିଜ୍ଞାନର ଜଟିଳତାକୁ ଟାଣି ଆଣିଛି । ଶୁକ୍ରଗ୍ରହର ତାପମାତ୍ରା ୪୬୦ଡିଗ୍ରୀ ସେଂଟିଗ୍ରେଡ ହେବା ବେଳେ ମଙ୍ଗଳ ଗ୍ରହର ତାପମାତ୍ରା ୧୪୦ଡିଗ୍ରୀରୁ କମ୍ । ଶୁକ୍ରଗ୍ରହର ବାୟୁମଣ୍ଡଳ ଅଙ୍ଗାରକାମ୍ଳ ବାଷ୍ପଦ୍ୱାରା ଆଚ୍ଛାଦିତ । ଯାହାକୁ କମ୍ବଳ ସଦୃଶ କୁହାଯାଏ । ଶୁକ୍ରପୃଷ୍ଠରୁ ଫେରି ଆସୁଥିବା ଉତପ୍ତ ବିକିରଣକୁ ଏହା ଅଟକାଇ ଦିଏ । ତାହା ନ ହେଲେ ଜଳବାୟୁର ପରିବର୍ତନ ବିଶେଷ ଭାବରେ ପ୍ରଭାବିତ ହୁଅନ୍ତା । ମୁଖ୍ୟତଃ ପୃଥିବୀର ସର୍ବାଧିକ ଶକ୍ତି ବ୍ୟବହାରକରୁଥିବା ଆମେରିକା ଜଳବାୟୁ ପ୍ରଦୂଷଣର ମୁଖ୍ୟ ଭୂମିକା ନେଇଛି । ଜଣେ ଆମେରିକୀୟ ଜଳବାୟୁକୁ ୨୦ଗୁଣୁ ପ୍ରଦୂଷିତ କଲାବେଳେ ଜଣେ ଭାରତୀୟ ଏକ ଗୁଣ କରୁଛି । ଜଣେ ଆମେରିକୀୟ ୨୧ଟନ ଅଙ୍ଗାରକାମ୍ଳ ବାଷ୍ପ ଉତ୍ପନ୍ନ କଲାବେଳେ ଜଣେ ଭାରତୀୟ ମାତ୍ର ୧.୨ଟନ୍ ସୃଷ୍ଟି କରିଥାଏ । ଜଳବାୟୁ ପରିବର୍ତନର ଅନ୍ୟଏକ କାରଣ ହେଲା ଜଂଗଲକ୍ଷୟ । ପୃଥିବୀ ପୃଷ୍ଠରେ ପ୍ରାୟ ୧୨୦ଲକ୍ଷହେକ୍ଟର ଜଙ୍ଗଲ କ୍ଷୟ ହେଲେଣି । ଏହାଦ୍ୱାରା ବାୟୁମଣ୍ଡଳରେ ବାର୍ଷିକ ୧୦୦କୋଟିରୁ ୨୬୦କୋଟି ଟନ୍ କାର୍ବନ ବା ଅଙ୍ଗାରକ ବାୟୁ ମଣ୍ଡଳକୁ ପ୍ରବେଶ କରୁଛି । ଜଳବାୟୁ ପରିବର୍ତ୍ତନର ସିଧା ସଳଖ ପ୍ରଭାବ ଭୂମି ଅବକ୍ଷୟ ଓ କୃଷି ଉପରେ ପଡିଥାଏ । କୃଷି ଉତ୍ପାଦନ ହ୍ରାସ ପାଇବାରୁ ଅଙ୍ଗାରକ-୩ ଶ୍ରେଣୀଭୁକ୍ତ ଉଦ୍ଭିଦ ଧାନ ଓ ଗହମ ଅମଳରେ ବାଧା ସୃଷ୍ଟି କରୁଛି । ଏକ ପରିଚିନ୍ତନରୁ ଜଣା ଯାଏ -୨୦୨୫ସୁଦ୍ଧା ଆମଦେଶର ଖାଦ୍ୟ ଶସ୍ୟର ଆବଶ୍ୟକତା ୩୨୫ମିଲିୟନ ଟନ୍‌କୁ ବୃଦ୍ଧି ପାଇବ । ସେତେବେଳେ ଜଳବାୟୁର ପରିବର୍ତ୍ତନ ପ୍ରଳୟ ଯାତ୍ରା ଆରମ୍ଭ କରିଥିବ । ଏହି ସୁନ୍ଦର ପୃଥିବୀ ଜୈବ ବିବିଧତା ହରାଇବ କ୍ରମେ କ୍ରମେ ଜୀବସତ୍ତା ଲୋପ ହେବ । ଅନ୍ୟପକ୍ଷରେ



ଅନ୍ୟମାନଙ୍କୁ ସବୁବେଳେ ସନ୍ଦେହ କଲେ ଜୀବନଟା ଶୂନ୍ୟ ବା ଏକୁଟିଆ ହୋଇଯାଏ ।

କାନାଡାର ପଶ୍ଚିମାଂଚଳ ୟୁକୁନ ଅଂଚଳ ତୁଷାର ପାହାଡରୁ ମଣିଷର ଯେଉଁ ଶବ ଆବିଷ୍କୃତ ହୋଇଛି (୧୯୯୯), ତାହାକୁ ପରୀକ୍ଷା ନିରୀକ୍ଷା କରି ପରିବେଶ ବିଜ୍ଞାନୀ ଶେଷ ସିଦ୍ଧାନ୍ତରେ ପହଁଚିଲେ (ସେଲର ଆରବ୍ରାଉନ୍), ପୃଥିବୀର ଉଷ୍ଣତା ହେତୁ ଜଳବାୟୁର ପରିବର୍ତନ ଅନ୍ୟତମ କାରଣ। ବିଶେଷ କରି ବିଷାକ୍ତ ବାଷ୍ପ ଅପେକ୍ଷା ଜଳବାୟୁ ପରିବର୍ତ୍ତନ ପ୍ରଳୟର ସୂଚନା ଦେଉଛି । ଯାହାକୁ ପାର୍ଟିକୁଲେଟ ମେଟର କୁହାଯାଉଛି । (ପିଏମ୍ ୨.୫)ଏହା ଆଖିକୁ ଦେଖା ନ ଗଲେବି ବାୟୁ ମଣ୍ଡଳରେ ଭାସମାନ ଅବସ୍ଥାରେ ଘନକୁହୁଡି ବା ସ୍ମଗ୍ ର କାରଣ ହୋଇଛି । ଶୀତଦିନରେ ଏହାର ପ୍ରାଦୁର୍ଭାବ ଅଧିକ । ଏହାର ମୁଖ୍ୟ କାରଣ ହେଲା ରାସ୍ତାଧୂଳି, (ଶତକଡ଼ା ୩୬) ଯାନବାହାନ (୨୯ଶତକଡ଼ା), ଘରୋଇ ଜାଳେଣୀ (ଶତକଡା ୧୨) ଏବଂ ଶିଳ୍ପାଂଚଳ (ଶତକଡା ୧୧) । ବୃକ୍ଷ ଲତା, ସମୁଦ୍ର ଓ ଜଳସ୍ରୋତ ଉପରେ ରହି ସୂର୍ଯ୍ୟାଲୋକର ଆପତନରେ ପ୍ରତିବନ୍ଧକ ସୃଷ୍ଟି କରିଛି । ତେଣୁ ଆଜିର ସମାଜକୁ ସଚେତନ କରିବା ପାଇଁ ଅଣପାରଂପରିକ ଶକ୍ତି - ସୌର, ପବନ, ତରଙ୍ଗ, ଜୈବଇନ୍ଧନ ବା ବାୟୋଡିଜେଲର ବ୍ୟବହାର ନ କଲେ ଜଳବାୟୁ ପ୍ରଦୂଷଣ ହେବା ସଂଗେ ପ୍ରଳୟର ଯାତ୍ରା ସୁଗମ ହେବ ।

ସେବା ନିବୃତ୍ତ ଶିକ୍ଷକ
କୋହ୍ଲ, ତିହିଡି, ଭଦ୍ରକ
ମୋ-୯୪୩୭୫୭୪୪୬୨

## ବାଇଗଣ ଖାଇବା

ବାଇଗଣ ଗୋଟିଏ ଭଲ ପରିବା। ଏହା ସବୁ ପରିବା ସହ ମିଶାଇ ସୁସ୍ୱାଦୁ ତରକାରୀ ପ୍ରସ୍ତୁତ କରାଯାଏ। ବିଶ୍ୱର ପ୍ରତି ୧୦ଜଣରେ ୫ଜଣ ବ୍ୟକ୍ତି ବାଇଗଣ ଖାଇଥାନ୍ତି। ବିଶେଷକରି ଭାରତ ଏବଂ ଜାପାନରେ ଏହି ପରିବାର ସହ ପରିଚିତ। ଜାପାନରେ ଏହାକୁ ଆମିଷ ତରକାରୀ ସହ ରନ୍ଧାଯାଏ। ନିକଟରେ ଆମେରିକୀୟ ଗବେଷକଗଣ ପ୍ରକାଶ କରିଛନ୍ତି, ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ।

ବାଇଗଣକୁ ଭର୍ତା କରି ଛୋଟ ଚାମଚରେ ଏକ ଚାମଚ ମହୁ ମିଶାଇ ଖାଇଲେ ସୁନିଦ୍ରା ହୁଏ। ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣର ମିଶାଇ ପିଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ। ତେଣୁ ହୃଦରୋଗୀଙ୍କ ପାଇଁ ଏହା ଉତ୍ତମ ପରିବା ଅଟେ। ତରକାରୀରେ ଏହା ଖାଇବା ଖୁବ ଲାଭପ୍ରଦ।

ଅନେକଙ୍କ ମତରେ ବାଇଗଣ ପୋଡାକୁ ଗୋଟା ଖାଇଲେ କାଶ ସମସ୍ୟାରୁ ମୁକ୍ତି ମିଳେ। ଏଥିରେ ଖ୍ୟାଦ ତନ୍ତୁ ପ୍ରଚୁର ପରିମାଣରେ ଥାଏ। ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣରେ ରହେ।

# କାଶତଣ୍ଡୀ



**ନାରାୟଣ ଦାସ**

ନଦୀ ତ ବୁଝେନା କେବେ
ଦେଶ ରାଜ୍ୟ ସୀମା
ଅନାୟାସେ ମାଡ଼ିଗଲେ
ଦନ୍ତୁରିତ ଖମା । ॥୧॥

ଗତି ତାର ନିରୂପଣ
ଅତିବ କଠିନ
ଝର୍ଝର ଶବଦେ ସଦା
ଉଚ୍ଛୁଳେ କାନନ । ॥୨॥

କେଉଁଠାରେ ଭୀତିପ୍ରଦ
ଗର୍ଜନ ଶବଦ
ସମତଳ ସ୍ଥଳଭାଗେ
ନଥାଏ ନିନାଦ । ॥୩॥

କୁଳୁକୁଳୁ ନାଦେ ବହେ
ମନ୍ଥର ଗତିରେ
ସଙ୍କୁଚିତ ପଥ ମଧ୍ୟେ
ଝଙ୍କୃତ ଧ୍ୱନିରେ । ॥୪॥

ଅମାନିଆ ପବନଟା
ବୁଝେ ନାହିଁ କିଛି
ନିଜ ଧରମକୁ ନିଜେ
ବ୍ରତ କରିଅଛି । ॥୫॥

ଋତୁ ଆଗମନେ ସେ ତ
ଦିଗ ବଦଳାଏ
ନିରବରେ ରହି ସଦା
ନେତ୍ର ଦେଖୁଥାଏ । ॥୬॥

କାଶତଣ୍ଡୀ ବୁଝେନାହିଁ
ବାଡ଼ିବନ୍ଧ ସୀମା
ବଂଶ ବିସ୍ତାରରେ ତା'ର
ନଥାଏଟି ଧିମା । ॥୭॥

ନଦୀପଠା ନିମ୍ନପଟେ
ତା' ଶୋଭାର ରୂପ
ସବୁ ହୃଦେ ରହିଯାଏ
ସେ ଅଲିଭା ଛାପ । ॥୮॥

ନୈସର୍ଗିକ ଶୋଭା ତା'ର
ଜଗତେ ବିଦିତ
ଦେଖିଯାଅ ଥରେ ନେତ୍ରେ
ନହୋଇ କୁଣ୍ଠିତ । ॥୯॥

ପ୍ରକୃତିର ଦାନ ସଦା
ସୁଦୂର ପ୍ରସାରୀ
ଦେଖୁଥାଅ ତା'ର ରୂପ
ମନତୃପ୍ତ କରି । ॥୧୦॥

ସୌନ୍ଦର୍ଯ୍ୟର ଗନ୍ତାଘର
ଜଗତେ ବିରଳ
ଅପଲକ ନେତ୍ରେ ରହି
ଋହେଁ ଜଳ ଜଳ । ॥୧୧॥

ପ୍ରକୃତିର ଧରମକୁ
କେ ପାରିବ ଭୁଲି
ପଥକ୍ଳାନ୍ତ ପଥିକଟି
କହେ ମନ ଖୋଲି । ॥୧୨॥

ସଂପାଦକ, କୋଣାର୍କ ସାହିତ୍ୟ
ନବୀନାବାଗ, ଖୋର୍ଦ୍ଧା
ମୋ - ୯୪୩୮୦୪୯୫୪୧



ଯେଉଁମାନେ ଅନ୍ୟର ଅମଙ୍ଗଳ ଚିନ୍ତାକରନ୍ତି ନାହିଁ ସେମାନେ କାହାକୁ ସନ୍ଦେହ କରିବେନାହିଁ।

# କିସ କଥା - ବ୍ୟାଙ୍କ୍ କଥା



**ଘନବିହାରୀ ମହାରଣା**

ସଞ୍ଜ ଗଡ଼ିଗଲାଣି। ଜେଜେ ବାହାରୁ ଟିକେ ବୁଲାବୁଲିରୁ ଫେରି ବସି ପଡୁପଡୁ ଦୀପୁ ଦୌଡ଼ି ଆସିଲା।

ବୁଝିଲ ଜେଜେ! ତୁମରି କଥା ହିଁ ରହିଲା। ଯେତେ ମୁଁ କହିଲି ବୋଉକୁ, ମୋର ସାଙ୍ଗମାନେ ଆସିବେ, ଆମେ କ୍ରିକେଟ ଖେଳିବୁ, ବୋଉ ଜମାରୁ ଶୁଣିଲାନି। କହିଲା, "ଜେଜେ କହିଛନ୍ତି ମାନେ, କାଲି ରବିବାର, ସମସ୍ତେ ମନ୍ଦିର ଯିବା। ଜେଜେ ଘରର ମୁରବୀ। ସେ ଯାହା କହିବେ, ତାହା ମାନିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସେ ଯାହା କରିବେ, ଆମ ସମସ୍ତଙ୍କ ଭଲ ପାଇଁ କରିବେ।"

ଶୁଣ୍ ଦୀପୁ, ଯେ କୌଣସି ପରିବାର ହେଉ, ସଂସ୍ଥା ହେଉ, ସେଥିରେ କିଛି ଶୃଙ୍ଖଳା ରହିଲେ, ସମସ୍ତଙ୍କ ପାଇଁ ଭଲ। ଆରେ ହଁ, ଏଇ ମୁରବୀ କଥାରୁ ମନେପଡ଼ିଲା। ତୁ ପରା ରିଜର୍ଭ ବ୍ୟାଙ୍କର କୋଠା ଦେଖି ଆସିଛୁ ବୋଲି କହୁଥିଲୁ। ରିଜର୍ଭ ବ୍ୟାଙ୍କ୍ ଆମ ଦେଶର ବ୍ୟାଙ୍କ୍ ବ୍ୟବସ୍ଥାର ମୁରବୀ।

କେମିତି ଜେଜେ ??

ଏବେ ଶୁଣ ସେକଥା, ମୂଳରୁ କହୁଛି ।

ରିଜର୍ଭ ବ୍ୟାଙ୍କର ଜନ୍ମ ହେଲା ଜାନୁୟାରୀ ୧୪ ତାରିଖ ୧୯୩୫ ମସିହାରେ। ଏହି ବ୍ୟାଙ୍କରେ କାର୍ଯ୍ୟ ଆରମ୍ଭ ହେଲା ୧୯୩୫ ମସିହା ଏପ୍ରିଲ ୧ ତାରିଖରେ। ୧୯୪୯ ଜାନୁୟାରୀ ୧ ତାରିଖରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆକୁ ଜାତୀୟକରଣ କରାଗଲା। ଏହାର ମୁଖ୍ୟ କାର୍ଯ୍ୟାଳୟ (ହେଡ୍ ଅଫିସ୍) ମୁମ୍ବାଇରେ ଅବସ୍ଥିତ। ଦେଶର ୩୧ଟି ସହରରେ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ରହିଛି।

"ଜେଜେ, ତୁମେ ଗତଥର କହିଥିଲ ନା ୧୯୬୯ ଜୁଲାଇ ୧୯ ରେ ବ୍ୟାଙ୍କ୍ ଜାତୀୟକରଣ ହେଲା।" ମନେ ରଖିଥିଲା ଦୀପୁ! ଆଗ, ତା'ପରେ ଜାଣିଯିବୁ, କାହିଁକି ରିଜର୍ଭ ବ୍ୟାଙ୍କ୍‌କୁ ସାରା ଦେଶର ବ୍ୟାଙ୍କ୍‌ମାନଙ୍କର ମୁରବୀ ବୋଲି କୁହାଯାଉଛି ??

"ଏଇଟା ନିଶ୍ଚୟ ମୋର ହାତ ଖର୍ଚ୍ଚ ପାଇଁ। ହଁ ନା ଜେଜେ ??"

"ନିଶ୍ଚୟ ଦେଇଦେବି, ଯଦି ତୁ କହିଦବୁ ଏଇ ନୋଟ୍ କୋଉଠୁ ଆସିଲା।"

"ବ୍ୟାଙ୍କରୁ ଆସିଛି, ନହେଲେ କୋଉ ଦୋକାନୀ ଦେଇଥିବେ। ଆଉ କୋଉଠୁ ଆସିବ? ଦୀପୁ ନୋଟ ଆଡ଼କୁ ହାତ ବଢ଼ାଇ କହିଲା।"

"ନେ, ଭଲକରି ଦେଖେ, ଏ ନୋଟ୍ ଉପରେ କାହାର ଦସ୍ତଖତ ଅଛି।" ନୋଟ୍ ଖଣ୍ଡିକ ଏପଟ ସେପଟ କରି, ଦୀପୁ କହିଲା - "ହେଇ ପରା ଏଇଠି ଅଛି ଦସ୍ତଖତ, ଲେଖା ହୋଇଛି, ଗଭର୍ଣ୍ଣର, ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ।"

ହଁ, ଏଇଥିରୁ ବୁଝୁଥିବୁ, ଟଙ୍କା ଆମକୁ କିଏ ଦେଇଛି। ରିଜର୍ଭ ବ୍ୟାଙ୍କର ଏକ ମୁଖ୍ୟ କାମ ହେଲା ନୋଟ୍ ଜାରି କରିବା, ବା ପ୍ରଚଳନ କରାଇବା। ଦୁଇଟଙ୍କିଆ ନୋଟ୍‌ରୁ ଆରମ୍ଭକରି ସବୁଠାରୁ ବଡ଼ ନୋଟ୍ (ବର୍ତ୍ତମାନ ୨୦୦୦ ଟଙ୍କିଆ) ପର୍ଯ୍ୟନ୍ତ, ସବୁ ମୁଦ୍ରା ନୋଟ୍ (କରେନ୍ସି ନୋଟ୍) ରିଜର୍ଭ ବ୍ୟାଙ୍କ୍ ଜାରିକରେ। କେବଳ ଏକଟଙ୍କିଆ ନୋଟ୍ ଭାରତ ସରକାରଙ୍କର ଅର୍ଥ ବିଭାଗ ଜାରି କରିଥାଏ। ଏହା ଉପରେ ଅର୍ଥ ବିଭାଗ ସଚିବଙ୍କ ଦସ୍ତଖତ ରହିଥାଏ। ଦେଶରେ ପ୍ରଚଳିତ ମୁଦ୍ରା ଜାରି କରିବା ମଧ୍ୟ ଭାରତ ସରକାରଙ୍କ ଏକଚାଟିଆ ଅଧିକାର। ଏହିସବୁ ଟଙ୍କା ମୁଦ୍ରଣଶାଳାରୁ ରିଜର୍ଭ ବ୍ୟାଙ୍କ୍ ମାଧ୍ୟମରେ ଅନ୍ୟ ବ୍ୟାଙ୍କ୍‌ମାନଙ୍କୁ ଆସେ। ସେଇଠୁ ଆମମାନଙ୍କ ହାତକୁ।

ଦୀପୁ ଏପର୍ଯ୍ୟନ୍ତ ସେ ଦଶଟଙ୍କିଆ ନୋଟ୍‌ଟା ଧରିଥାଏ। କହିଲା, "ଜେଜେ, ନୋଟ୍ ସବୁ ଛପାଖାନାରୁ ଆସୁଛି। କେତେ ଲୋକ ତାକୁ କାରବାର କରୁଛନ୍ତି। ଦେଖୁନ, ଏଇ ନୋଟ୍‌ଟା କେତେ ମଇଳା ହୋଇଗଲାଣି। ଆଉ କେତେ ଦିନ ପରେ ଚିରି ବି ଯାଇପାରେ।"

"ନୋଟ୍ ମଇଳା ହୋଇଗଲେ ବା ପୁରୁଣା ହୋଇ ଅନ୍ୟ କୌଣସି କାରଣରୁ ଚିରିଗଲେ, ସେ ସବୁ ନୋଟ୍ ଆମେ ବ୍ୟାଙ୍କ୍‌ରେ ଜମା କରିପାରିବା। ବ୍ୟାଙ୍କ ତାକୁ ପୁଣି ରିଜର୍ଭ ବ୍ୟାଙ୍କ୍‌କୁ ଫେରାଇ ଦେବେ। ତୁ' ବ୍ୟାଙ୍କ୍ ଗଲେ ଦେଖିବୁ, ଲେଖାଯାଇଛି, ଏଠାରେ ଚିରା ଫଟା ନୋଟ୍ ବଦଳ ପାଇଁ ଗ୍ରହଣ କରାଯାଏ।"

ଏହା ବ୍ୟତୀତ, ରିଜର୍ଭ ବ୍ୟାଙ୍କର ଆହୁରି ବଡ ବଡ ଦାୟିତ୍ୱ ମଧ୍ୟ ଅଛି। ବ୍ୟାବସାୟିକ ବ୍ୟାଙ୍କମାନଙ୍କରେ ଜମାରାଶି ଉପରେ, ଋଣରେ, ସୁଧର ହାର କେତେ ହେବ, ତାହା ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶନ ଅନୁସାରେ ସ୍ଥିର କରାଯାଏ। ବ୍ୟାଙ୍କମାନେ ତାଙ୍କ ପାଖରେ ଥିବା ଜମାର ଏକ ନିର୍ଦ୍ଦିଷ୍ଟ ଶତାଂଶ ରିଜର୍ଭ ବ୍ୟାଙ୍କ୍‌ରେ ଜମା ରଖିବାକୁ ବାଧ୍ୟ। ଏହାକୁ ବ୍ୟାଙ୍କ୍ ଭାଷାରେ ସି.ଆର୍.ଆର୍. ବା କ୍ୟାସ୍ ରିଜର୍ଭ ରେସିଓ କୁହାଯାଏ। ଆମେ ଯେମିତି ବ୍ୟବସାୟିକ ବ୍ୟାଙ୍କ୍‌ରେ ଖାତା ଖୋଲି ଟଙ୍କା ଜମା ରଖୁଛେ, ସେମିତି ସବୁ ବ୍ୟାଙ୍କମାନେ ରିଜର୍ଭ ବ୍ୟାଙ୍କ୍‌ରେ ଖାତା ଖୋଲିଥାନ୍ତି। ସି.ଆର୍.ଆର୍. ବଜାୟ ରଖିବାପାଇଁ ଏହି ଖାତାରେ

ବ୍ୟାଙ୍କମାନେ ନିୟମ ମୁତାବକ ନିର୍ଦ୍ଧାରିତ ରାଶି ଜମାରଖନ୍ତି। ଆହୁରି କେତେକ ଉପାୟ ମଧ୍ୟ ଅଛି ଯାହା ପ୍ରୟୋଗ କରି ରିଜର୍ଭ ବ୍ୟାଙ୍କ୍ ବ୍ୟବସାୟିକ ବ୍ୟାଙ୍କମାନଙ୍କର ଋଣ ଦେବାର କ୍ଷମତାକୁ ପ୍ରଭାବିତ କରିପାରନ୍ତି।

ମୁରବୀଙ୍କ ଦାୟିତ୍ୱ ଅନ୍ୟମାନଙ୍କ ଭଲ ମନ୍ଦ ଦେଖିବା, ସେମାନେ ଠିକ୍ ଭାବେ କାମ କରୁଛନ୍ତି କି ନାହିଁ ଦେଖିବା। ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ବିଭିନ୍ନ ବ୍ୟାଙ୍କ୍ ପରିଦର୍ଶନ କରନ୍ତି। ଦେଖନ୍ତି, ଗ୍ରାହକମାନଙ୍କୁ ସେବା ଯୋଗାଇବାରେ କାଳେ କେଉଁ ବ୍ୟାଙ୍କ୍ ଖିଲାପ କରୁଛି। ବ୍ୟାଙ୍କ୍ କିଛି ଭୁଲ୍ କରିଥିଲେ, ସୁଧାରିବା ପାଇଁ, ଆଗକୁ ସତର୍କ ରହିବାକୁ, ତାକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରନ୍ତି। ଏହାଦ୍ୱାରା ଗ୍ରାହକ ସେବାରେ ଉନ୍ନତି ପାଇଁ ବ୍ୟବସାୟିକ ବ୍ୟାଙ୍କମାନେ ସଦାସର୍ବଦା ସଜାଗ ଓ ସତର୍କ ରହନ୍ତି।

ଆମେ ଯେମିତି ବ୍ୟାଙ୍କରୁ ଋଣ ଆଣିପାରୁଛେ, ବ୍ୟବସାୟିକ ବ୍ୟାଙ୍କମାନେ ଦରକାର ପଡ଼ିଲେ, ରିଜର୍ଭ ବ୍ୟାଙ୍କରୁ ଋଣ ଆଣନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କର ଆବଶ୍ୟକ ପଡ଼ିଲେ, ସେମାନଙ୍କୁ ମଧ୍ୟ ରିଜର୍ଭ ବ୍ୟାଙ୍କ୍ ଋଣ ଦିଅନ୍ତି। ଏଣୁ ରିଜର୍ଭ ବ୍ୟାଙ୍କ୍ ଉଭୟ କେନ୍ଦ୍ର, ରାଜ୍ୟ ସରକାର ଓ ଅନ୍ୟ ବ୍ୟାଙ୍କମାନଙ୍କର ବ୍ୟାଙ୍କ୍।

ଆହୁରି ଆମ ଦେଶପାଇଁ ଆର୍ଥିକ ନୀତି ପ୍ରସ୍ତୁତ କରିବା ରିଜର୍ଭ ବ୍ୟାଙ୍କର କାର୍ଯ୍ୟ। ବୈଦେଶିକ ମୁଦ୍ରାର ନିୟନ୍ତ୍ରଣ ମଧ୍ୟ ରିଜର୍ଭ ବ୍ୟାଙ୍କ୍ କରିଥାନ୍ତି।

କହିବାକୁ ଗଲେ ଆମ ବିତ୍ତୀୟ ବ୍ୟବସ୍ଥାର ପ୍ରମୁଖ ନିୟନ୍ତ୍ରକ ହେଲେ ରିଜର୍ଭ ବ୍ୟାଙ୍କ୍।

ଦୀପୁ ପଚାରିଲା, "ଜେଜେ ! ରିଜର୍ଭ ବ୍ୟାଙ୍କ୍ କ'ଣ ଖାଲି ସରକାର ଆଉ ବ୍ୟାଙ୍କମାନଙ୍କ କଥା ବୁଝନ୍ତି ? ଆଉ ଆମପାଇଁ କ'ଣ କରନ୍ତି।"

ଜେଜେ ଜହିଲେ, ମୁରବୀ ଯାହା ବି କରନ୍ତି, ସମସ୍ତଙ୍କ ଭଲ ପାଇଁ କରନ୍ତି। ରିଜର୍ଭ ବ୍ୟାଙ୍କ୍ ଆମ ଅର୍ଥନୀତି ଓ ବିତ୍ତୀୟ ବ୍ୟବସ୍ଥାର ଜାଗ୍ରତ ପ୍ରହରୀ। ସିଧାସଳଖ ଭାବେ ଗ୍ରାହକମାନେ ମଧ୍ୟ ରିଜର୍ଭ ବ୍ୟାଙ୍କ ସହିତ ସଂପର୍କିତ ହୁଅନ୍ତି। ରିଜର୍ଭ ବ୍ୟାଙ୍କରେ ଜଣେ ଅଧିକାରୀଙ୍କ କାର୍ଯ୍ୟାଳୟ ଅଛି। ତାଙ୍କୁ ଅମ୍ବୁଡ୍ସମ୍ୟାନ୍ (Ombudsman) କୁହାଯାଏ। କୌଣସି ଗ୍ରାହକଙ୍କର ବ୍ୟାଙ୍କର କୌଣସି ସମସ୍ୟାର ସମାଧାନ ନହୋଇ ପାରୁଥାଏ କିମ୍ବା ସମାଧାନରେ ସେ ଯଦି ସନ୍ତୁଷ୍ଟ ନହୁଅନ୍ତି ତେବେ ସେ ଅମ୍ବୁଡ୍ସମ୍ୟାନଙ୍କ ନିକଟରେ ଫେରାଦ ହୋଇପାରିବେ। ଅମ୍ବୁଡ୍ସମ୍ୟାନଙ୍କ ରାୟକୁ ବ୍ୟାଙ୍କ ମାନିବାକୁ ପଡ଼ିବ।

ରିଜର୍ଭ ବ୍ୟାଙ୍କ୍ ଏବେ ଅଫିସ୍ ପରିସରରୁ ବାହାରକୁ ଆସି କାମ କରୁଛନ୍ତି। ଏହାକୁ ଆଉଟ୍ ରିଚ୍ ପ୍ରୋଗ୍ରାମ ବା ବାହ୍ୟ - ପଦପାତ କାର୍ଯ୍ୟକ୍ରମ କୁହାଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ, ରିଜର୍ଭ ବ୍ୟାଙ୍କ୍ ଗ୍ରାମାଞ୍ଚଳରେ ଲୋକଙ୍କ ନିକଟରେ ପହଞ୍ଚି ବିତ୍ତୀୟ ସାକ୍ଷରତା (ଫାଇନାନ୍ସିଆଲ୍ ଲିଟେରାସି) ପାଇଁ କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକମାନେ ଏହାଦ୍ୱାରା ବ୍ୟାଙ୍କ ବିଷୟରେ ଅନେକ କଥା ଜାଣିପାରୁଛନ୍ତି। ଅଧିକରୁ ଅଧିକ ଲୋକ ବ୍ୟାଙ୍କ ଖାତା ଖୋଲି ପଇସା ରଖୁଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ ନେଇ ଚାଷବାସ ଓ ବ୍ୟବସାୟରେ ଲଗାଉଛନ୍ତି। ଫଳରେ ସେମାନଙ୍କ ରୋଜଗାର ବଢୁଛି।

ଏସବୁ କଥାରୁ ବୁଝି ପାରୁଥିବୁ, ରିଜର୍ଭ ବ୍ୟାଙ୍କର କ୍ଷମତା କେତେ ବ୍ୟାପକ ଓ ଗୁରୁତ୍ୱପୂର୍ଣ୍ଣ।

"ଜେଜେ, ଏ ଦଶଟଙ୍କା ମୋ' ପାଖରେ ଜମା ରହିଲା।"

ହଁ ନବୁ ଯେ, କହିଲୁ ଦେଖି ଏବେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର କିଏ ଅଛନ୍ତି ? ଜାଣିଛି ଜେଜେ, ପଢ଼ିଛି ଖବରକାଗଜରୁ - ଶ୍ରୀଯୁକ୍ତ ଶକ୍ତିକାନ୍ତ ଦାଶ, ଆମରି ଓଡ଼ିଶା ତାଙ୍କ ଘର।

ହସି ହସି ଦୀପୁ ଉଠିଗଲା ପଢ଼ାପଢ଼ି କରିବାକୁ।

"ହଉ ତୋ ପାଖରେ ଦଶ ଟଙ୍କା ଜମା ଥାଉ। ଆଉଥରକୁ, ଆମେ ବ୍ୟାଙ୍କର ଜମା ବିଷୟରେ କଥା ହେବା, ପଛରୁ କହିଲେ ଜେଜେ ।

ପ୍ଲଟ୍ ନଂ - ଏ ୧୦୧, ବିଶ୍ୱନାଥ ଏନକ୍ଲେଭ
ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର
ମୋ - ୯୪୩୭୩୦୪୫୦୩

## ଆମରି ସତ୍ୟ ଫେବ୍ରୁଆରି ୨୦୨୨ ସଂସ୍କରଣର ପୃଷ୍ଠା ୨୦ରେ ପ୍ରକାଶିତ ସାକ୍ଷାତକାରର ଅବଶିଷ୍ଟାଂଶ...........

ପ୍ର.ଦା.- **'ଆମରିସତ୍ୟ' ପତ୍ରିକାର ଆପଣ ଜଣେ ପରାମର୍ଶଦାତା। ଏହି ପତ୍ରିକାର ଭବିଷ୍ୟତ ଆପଣଙ୍କ ଦୃଷ୍ଟିରେ କିପରି ଜଣାଯାଉଛି।**

**ଶ.ମ.** - ମୁଁ 'ଆମରିସତ୍ୟ' ନିକଟରେ ଋଣୀ। ଏହି ପତ୍ରିକାରେ ମୋର ଅନେକ ପ୍ରବନ୍ଧ ପ୍ରକାଶିତ ହେବାରୁ ଏଥିରେ ମୁଁ ଉତ୍ସାହିତ ହୋଇ ପୁସ୍ତକ ରଚନାରେ ମନୋନିବେଶ କଲି। 'ଆମରିସତ୍ୟ' ମୋର ଅନେକ ପୁସ୍ତକ ପ୍ରକାଶ କରିଛି। ଏହାର ଭବିଷ୍ୟତ ଉଜ୍ଜ୍ୱଳ। ଏଥିରେ ପ୍ରକାଶିତ ବିଭିନ୍ନ ବିଷୟ ବିଭିନ୍ନ ରୁଚିର ପାଠକ ଓ ପାଠିକାଙ୍କୁ ଆକୃଷ୍ଟ କରେ। ମୁଁ ଏହାର ଶୁଭକାମନା କରୁଅଛି।



ସମୟାନୁବର୍ତ୍ତିତା ଓ ସାଫଲ୍ୟ ହେଉଛନ୍ତି ଗୋଟିଏ ମୁଦ୍ରାର ଏପାଖ ସେପାଖ ଭଳି।

# ମୁଁ ଥିଲି ସେନାପତି



ଧ୍ରୁବ ରଣା

ଅଳ୍ପ ଅତୀତରେ
ମୁଁ ଥିଲି ସେନାପତି
ଦକ୍ଷ ଏକ ସେନାବାହିନୀର
ହାତେ ଥିଲା ବନ୍ଧୁକ, କମାଣ
ସମ୍ମୁଖ ଯୁଦ୍ଧରେ
ଯୁଝୁଥିଲି ଶତ୍ରୁପକ୍ଷ ସହ
ହେଉଥିଲା କ୍ଷତାହତ
ଶରୀର ମୋହର
ତଥାପି ମୁଁ ଜିତୁଥିଲି
ଥିଲି ବି ଅଜେୟ ।
ଆଜି କିନ୍ତୁ ନାହିଁ ମୋ’ କମାଣ
ଅବା କେଉଁ
ଶତ୍ରୁ ଧ୍ୱଂସୀ ଅସ୍ତ୍ର
ତଥାପି ମୋ ବିଗତ ଦିନର
ସଂଳାପ ମୁଁ ସଂଳାପୁଛି
ଅବସର ପ୍ରାପ୍ତ ।
ଦେଶ ହିତେ, ଜନ ହିତେ
ମାତୃଭୂମି ଜିନ୍ଦାବାଦ ସ୍ଲୋଗାନରେ
ଶରୀର ମୋ ରୋମାଂଚିତ
ବାରବାର ବହୁବାର
ସଙ୍କଳ୍ପ ଆହ୍ୱାନେ
ସବୁ ସ୍ମୃତି ମନେପଡ଼ି
ଆଖିରୁ ଲୋତକ ଗଡ଼େ
ଇଚ୍ଛାହୁଏ ଫେରିବାକୁ ପୁଣି
ଯୁଦ୍ଧ ମଇଦାନେ ।

ଭଗତ୍‌ସିଂ ବିହାର
ବଡମ୍ବା, କଟକ

# କାହାପାଇଁ କିଏ ସୁନ୍ଦର



ସୁଷମା ପରିଡ଼ା

ମଥାକୁ ସୁନ୍ଦର ଟୋପାଏ ସିନ୍ଦୁର
ଆଖିକୁ ସୁନ୍ଦର କଜଳ ଗାର
ମା’ କୁ ସୁନ୍ଦର ପୁଅଝିଅ ତା’ର
ବାକ୍ୟ କହୁଥିବେ କରି ମଧୁର । ॥୦॥

ହାତକୁ ସୁନ୍ଦର ନାଲି ଚୁଡ଼ି ଶଙ୍ଖା
ଗଳାକୁ ସୁନ୍ଦର ସୁବର୍ଣ୍ଣ ହାର
ସଂସ୍କାରି ପିଲାଙ୍କ ଓଠେ ହସ ଝରେ
ମିଳିମିଶି ଥିଲେ ବାସରେ ତା’ର । ॥୧॥

କାନକୁ ସୁନ୍ଦର କାନ ଝୁମୁକାଟି
କେଶ କେରା କେରା ମୁଣ୍ଡ ସୁନ୍ଦର
ପିତା ମାତା ହୃଦ ପୂରି ଉଠୁଥିବ
ଯୋଗ୍ୟବନ୍ତ ହେଲେ ପିଲା ତାଙ୍କର । ॥୨॥

ପାଦକୁ ସୁନ୍ଦର ଅଳତା ଦି’ଧାର
ପ୍ରଗତି ପଥରେ ଚଲି ଜାଣିଲେ
ତାଳ ମେଳ ଥାଇ ବଚନ କହିଲେ
ସୁଖ ଶାନ୍ତି ଥିବ ଜୀବନେ ତା’ର । ॥୩॥

କଟିକୁ ସୁନ୍ଦର ଅଣ୍ଟା ସୁତାଟିଲୋ
ପିତା, ମାତା କୋଳ ପିଲାଙ୍କ ଘର
ଅବୁଝା ମନଟା ବୁଝୁନି କାହିଁକି
ପୁଣ୍ୟ ପାଇଁ ଘୁରେ ସାରା ସଂସାର । ॥୪॥

ଦେହକୁ ସୁନ୍ଦର ବସନ ଢାଙ୍କିଲେ
ମନ ଚିନ୍ତୁ ଧରା କ୍ଷଣ ଭଙ୍ଗୁର
ଦୁଇ ଦିନ ପାଇଁ ଅତିଥି ଆମେରେ
ସଂକୀର୍ଣ୍ଣତା ଭାବ କିମ୍ପା ଆମର । ॥୫॥

ସମାଜ ସୁନ୍ଦର ସାମାଜିକ ପ୍ରାଣୀ
ନୁହଁ ପଶୁ ପକ୍ଷୀ କି ବା ବାନର
କ୍ରୁର ଭାଷା କହି ଦୁଃଖ ଦେଲେ ତୁମେ
ଗୋପନେ ବିଳପେ କାହା ଅନ୍ତର । ॥୬॥

ବାଲ୍ୟରୁ ବାର୍ଦ୍ଧକ୍ୟ ଜନମରୁ ମୃତ୍ୟୁ
ଚିରନ୍ତନ ସତ୍ୟ ମହୀ ପୃଷ୍ଠର
କିଶୋର କିଶୋରୀ ଜୀବନେ ଆମେରେ
ଭାବ ବାର୍ଦ୍ଧକ୍ୟତା ଅଳପ ଦୂର । ॥୭॥

ଷଡ଼ରିପୁ ମନ ଅସୁନ୍ଦର କରେ
ବ୍ୟସ୍ତ ବିଚଳିତ ହେବ ଅନ୍ତର
ସମର୍ପଣ ଭାବ ହୃଦୟରେ ରଖ
ସହାୟ ହୋଇବ ସେ ନିରାକାର । ॥୮॥

ଜଟଣୀ, ଖୋରଧା



ସଂସାର ଭିତରେ ରହି ପବିତ୍ର ଜୀବନ କଟାଇବାରେ ପ୍ରକୃତ ବାହାଦୂରୀ ଥାଏ ।

# କେତେ ଗୌରବଦୀପ୍ତ ଆମ ଆୟୁର୍ବେଦ !



ହରୀଶଚନ୍ଦ୍ର ପୃଷ୍ଟି

ଭାରତ ହେଉଛି ଋଷି, ମୁନିଙ୍କର ଦେଶ। ଋଷି ମହର୍ଷିଙ୍କ କଥା ଓ କାର୍ଯ୍ୟକୁ ନେଇ ଗଢ଼ିଉଠିଛି ଆମଦେଶର ସଂସ୍କୃତି, ସଭ୍ୟତା ଓ ଚିକିତ୍ସାପଦ୍ଧତି। ପ୍ରାଚୀନ ଭାରତର ଚିକିତ୍ସାପଦ୍ଧତି ଯାହା ଆୟୁର୍ବେଦ ଭାବେ ପ୍ରସିଦ୍ଧ, ତାହା ଅଥର୍ବ ବେଦର ଏକ ଅଂଶ। ମହର୍ଷି ଚରକ ହେଉଛନ୍ତି ଆୟୁର୍ବେଦର ଜନକ। ମହର୍ଷି ଚରକ ଓ ମହର୍ଷି ସୁଶ୍ରୁତ ହେଉଛନ୍ତି ଯଥାକ୍ରମେ ବିଶ୍ୱର ପ୍ରଥମ ଚିକିତ୍ସକ ବା ଫିଜିସିୟାନ ଓ ପ୍ରଥମ ଅସ୍ତ୍ର ଚିକିତ୍ସକ ବା ସର୍ଜନ। ହଜାର ହଜାର ବର୍ଷତଳେ ଋଷି, ମୁନିଙ୍କ ଉଦ୍ଭାବିତ ଆୟୁର୍ବେଦ ସାଂପ୍ରତିକ ପରିସ୍ଥିତିରେ ମଧ୍ୟ ନିଜସ୍ୱ ଗୌରବରେ ଦୀପ୍ତିମନ୍ତ। ସମୟକ୍ରମେ ଆୟୁର୍ବେଦୀୟ ଚିକିତ୍ସା ବ୍ୟବସ୍ଥା ସରକାରୀ ପୃଷ୍ଠପୋଷକତାରେ ଆଧୁନିକ ସମୟ ସହ ତାଳ ଦେଇ ଯୁଗୋପଯୋଗୀ ହୋଇଛି। ସଂପ୍ରତି ଓଡ଼ିଶାର ଗ୍ରାମାଂଚଳରେ କେତେକ ଦକ୍ଷ ଦେଶୀୟ ହାଡ଼ଭଙ୍ଗା ଚିକିତ୍ସକ (ବୈଦ୍ୟ) ଯେଉଁ ଜ୍ଞାନକୁ ଆଧାର କରି ହାଡ଼ଭଙ୍ଗା ଚିକିତ୍ସା କ୍ଷେତ୍ରରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି ତାହାର ମୂଳ ସ୍ରୋତ ହେଉଛି ଆୟୁର୍ବେଦ।

ପ୍ରସଙ୍ଗକ୍ରମେ ଜଣେ ଅସାଧାରଣ ହାଡ଼ଭଙ୍ଗା ଚିକିତ୍ସକଙ୍କ ସହ ମୋର ଏକ ସ୍ମରଣୀୟ ଅନୁଭୂତି ଉଲ୍ଲେଖନୀୟ ।

୨୦୨୧ ମସିହା ଫେବୃୟାରି ମାସ ପାଂଚ ତାରିଖ। ସଂଧ୍ୟା ନଇଁ ଆସୁଥାଏ। ଏକ ଜରୁରୀ କାର୍ଯ୍ୟ ଉପଲକ୍ଷେ ମୁଁ ସ୍କୁଟରରେ ଚନ୍ଦକାସ୍ଥିତ ଘରୁ ଭୁବନେଶ୍ୱର ଅଭିମୁଖେ ବାହାରିଥାଏ। ଲକ୍ଷ୍ୟସ୍ଥଳରେ ପହଂଚିବା ବିଳମ୍ବିତ ହୋଇଥିବାରୁ ମୁଁ ଦ୍ରୁତଗତିରେ ଯାଉଥାଏ। ମୋ ସାମନାରେ ଯାଉଥିବା ଦ୍ରୁତଗାମୀ ବସଟି କୌଣସି କାରଣରୁ ବ୍ରେକ କଷି ଅଟକିଗଲା। ଆଶଙ୍କିତ ଅବସ୍ଥାରେ ମୁଁ ମଧ୍ୟ ହଠାତ ସ୍କୁଟର ବ୍ରେକ ମାରିଦେଲି। ଫଳରେ ଯାହା ଘଟିଗଲା, ତାହା ଅତ୍ୟନ୍ତ ମର୍ମବିଦାରକ। ଦୁର୍ଭାଗ୍ୟବଶତଃ ମୁଁ ଏପରି ଏକ ଦୁର୍ଘଟଣାର ସମ୍ମୁଖୀନ ହେଲି ଯେ, ସ୍କୁଟରରୁ ପଡ଼ି ମୋର ଡାହାଣ ଗୋଡ଼ ଗୁରୁତରଭାବେ କ୍ଷତବିକ୍ଷତ ହୋଇଗଲା। ଆଣ୍ଠୁର ହାଡ଼ ଭାଙ୍ଗିଯାଇଥିବାଭଳି ବୋଧ ହେଉଥାଏ।

ଘରଠାରୁ ଅଳ୍ପ ଦୂରରେ ଦୁର୍ଘଟଣା ଘଟିଥିବାରୁ ଘରେ ଥିବା ସାନପୁଅ ଶିବୁ ଓ ଡ୍ରାଇଭର ନିଲୁ ସହ ଫୋନରେ ଯୋଗାଯୋଗ କଲି। ସେମାନଙ୍କ ସହାୟତାରେ ଦୁର୍ଘଟଣାସ୍ଥଳରୁ ଫେରିଲି। ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯଥୋଚିତ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରାଗଲା। ଡାହାଣ ଗୋଡ଼ ଉପରେ ଅଧିକ ଭାରା ନ ଦେଇ ମୁଁ ବଡ଼ କଷ୍ଟରେ ଯାତାୟତ କରୁଥାଏ।

ଆଠଦିନ ପରେ ଭୁବନେଶ୍ୱରସ୍ଥିତ ଏକ ଅତ୍ୟାଧୁନିକ ଚିକିତ୍ସାଳୟକୁ ଉନ୍ନତ ଚିକିତ୍ସା ପାଇଁ ଗଲି। ବିଶେଷଜ୍ଞ ଡାକ୍ତରଙ୍କଦ୍ୱାରା ପରୀକ୍ଷା ନିରୀକ୍ଷା ପରେ ଆଣ୍ଠୁହାଡ଼ ଭାଙ୍ଗିଥିବା ଜଣାପଡ଼ିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଆନୁଷଙ୍ଗିକ ଔଷଧପତ୍ର ଏବଂ ଭଙ୍ଗାହାଡ଼ ଯୋଡ଼େଇ ପାଇଁ ଏକ ଆଣ୍ଠୁବନ୍ଧନି ଆଣି ଯଥାବିଧି ବ୍ୟବହାର କଲି। ଏକମାସ ଭିତରେ ହାତ ଓ ପାଦର ବାହ୍ୟ କ୍ଷତ ସିନା ଶୁଖିଗଲା, ମାତ୍ର ଆଣ୍ଠୁରେ ହାଡ଼ଭଙ୍ଗାଜନିତ ଯନ୍ତ୍ରଣା ଆଦୌ ଉପଶମ ହେଲାନାହିଁ। ମନରେ ନୈରାଶ୍ୟ ବଢିଚାଲୁଥାଏ ।

ଘଟଣାଚକ୍ରରେ ମୋ ପଡ଼ୋଶୀ ରବିବାବୁଙ୍କ ସହ କଥା ହେଉଥିବା ସମୟରେ ବର୍ଷକ ତଳେ ତାଙ୍କ ହାତହାଡ଼ ଭାଙ୍ଗିବା ଏବଂ ମନ୍ଦାରବେରେଣୀରେ ଗ୍ରାମ୍ୟ ବୈଦ୍ୟଙ୍କ ଚିକିତ୍ସାରେ ସଂପୂର୍ଣ୍ଣ ଆରୋଗ୍ୟ ହେବା ଘଟଣା ତାଙ୍କଠାରୁ ଶୁଣିଲି। ମୋର ଦୃଢ଼ ବିଶ୍ୱାସ ହେଲା ଯେ, ମୁଁ ସେଠାକୁ ଯାଇ ଚିକିତ୍ସିତ ହେଲେ ନିଶ୍ଚୟ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିବି। ଏହାପରେ ମୁଁ ସେଠାକୁ ଯିବାକୁ ଉତ୍ସୁକ ହେଲି।

୨୦୨୧ ମସିହା ମାର୍ଚ୍ଚ ୧୬ ତାରିଖ। ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ ଅନ୍ତର୍ଗତ ମନ୍ଦାରବେରେଣୀ ଗ୍ରାମ – ମୋର ଗନ୍ତବ୍ୟ ସ୍ଥଳ। ପ୍ରାୟ ପୂର୍ବାହ୍ଣ ୧୦ଟା ସମୟରେ ମୁଁ ବୈଦ୍ୟରାଜଙ୍କ ବାସଭବନ ସମ୍ମୁଖରେ କାରରୁ ଓହ୍ଲାଇଲି। ତାଙ୍କ ପ୍ରଶସ୍ତ ବାରଣ୍ଡାରେ ଲୋକ ଗହଳି। ହାଡ଼ଭଙ୍ଗା ଯନ୍ତ୍ରଣା ଭୋଗୁଥିବା ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ବିଭିନ୍ନ ବୟସର ପଚାଶରୁ ଉର୍ଦ୍ଧ୍ୱ ରୋଗୀ ଅପେକ୍ଷାରତ। ଜଣଙ୍କ ପରେ ଜଣଙ୍କର ଚିକିତ୍ସା ଚାଲିଥାଏ। ହାଡ଼ଭଙ୍ଗା ରୋଗୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ, ବୈଦ୍ୟରାଜ ନବକିଶୋର ବେହେରା। ବ୍ରାହ୍ମଣ ପୂଜାରୀ ସଦୃଶ ଗୌରବର୍ଣ୍ଣ ଚେହେରା, ଦେହରେ ଗୈରିକ ବସ୍ତ୍ର। ସ୍ୱଭାବରେ ଅମାୟିକ, ମେଳାପୀ ଓ ମିଷ୍ଟଭାଷୀ। ରୋଗୀର ଆଘାତପ୍ରାପ୍ତ ଅଙ୍ଗକୁ ହାତରେ ସମାନ୍ୟ ଚିପି ଭଙ୍ଗାହାଡ଼ର ସ୍ଥିତି ସେ ଜାଣିପାରୁଥାନ୍ତି ଓ ଆବଶ୍ୟକ ଅଙ୍ଗଚାଳନା କରାଇ ଭଙ୍ଗାହାଡ଼କୁ ଉପଯୁକ୍ତଭାବେ ବସାଇଦେଉଥାନ୍ତି। ସତରେ କେଡ଼େ ବିସ୍ମୟକର ପ୍ରତିଭା !

ଅଳ୍ପ ସମୟର ପ୍ରତୀକ୍ଷା ପରେ ତାଙ୍କ ନିକଟକୁ ଯାଇ ମୋର ସମସ୍ୟା ଜଣାଇବା ପରେ ଏକ୍ସ-ରେ ଫଟୋଟି ହାତକୁ ବଢ଼ାଇଦେଲି। ଏକ୍ସ-ରେ ଫଟୋକୁ ଟିକିଏ ଚାହିଁ ମୋର ଆହତ ଆଣ୍ଠୁକୁ ସାମାନ୍ୟ ଚିପି ଆଣ୍ଠୁ ଅଭ୍ୟନ୍ତର ସ୍ଥିତି ସେ ସ୍ପଷ୍ଟ ଆକଳନ କରିନେଲେ। ବାରଣ୍ଡା ଧାରରେ ଡାହାଣ ଗୋଡ଼କୁ ଶୋଇବା ଭଙ୍ଗୀରେ ରଖିବାକୁ ସେ ମୋତେ ନିର୍ଦ୍ଦେଶ ଦେଲେ। ଗୋଟିଏ ବିଶୋଧିତ ଛୁଂଚିରେ ଆଣ୍ଠୁକୁ ଟିକେ ଫୁଟାଇ ପ୍ରାୟ ୨୫୦ମି.ଗ୍ରା.ରୁ ଅଧିକ ପାଣି ଭଳି ତରଳ ପଦାର୍ଥ ବାହାରକଲେ।

ଏଗୁଡ଼ିକ କଣ ବଦରକ୍ତ ?– ମୋର ପ୍ରଶ୍ନର ଉତ୍ତରରେ ସେ କହିଲେ– ହଁ, ଜମାଟ ବାନ୍ଧିଥିବା ରକ୍ତ ଏଭଳି ଅବସ୍ଥାରେ ଥିଲା। ଏହାପରେ

ମୁଁ ଉପରମୁହାଁ ହୋଇ ଶୋଇଲି। ମୋର ଡାହାଣ ପାଦକୁ ସେ ଉପର ଆଡ଼କୁ ଏଭଳି ଜୋରରେ ଝୁଙ୍କାଇ ଆଣିଲେ ଯେ, କ୍ଷଣକ ପାଇଁ ହେଲେ ମଧ୍ୟ ମୁଁ ପ୍ରାଣାନ୍ତକ ଯନ୍ତ୍ରଣା ଅନୁଭବ କଲି। ମାତ୍ର ଏ କଷ୍ଟର ଫଳ ଥିଲା ଅତି ମଧୁର। ଫଳସ୍ୱରୂପ ମୋର ଆଣ୍ଠୁରହାଡ଼ ସଜାଡ଼ି ହୋଇଗଲା। ଏହାପରେ ବାରଦିନର ନିଦାନ ରୂପେ ଖାଇବା ପାଇଁ କିଛି ଆୟୁର୍ବେଦ ବଟିକା ଓ ମାଲିସ ପାଇଁ କବିରାଜୀ ତେଲ ଦେଲେ। ବାରଦିନ ବ୍ୟବହାର ପରେ ତାଙ୍କୁ ପୁଣିଥରେ ଦେଖା କରିବାକୁ ପରାମର୍ଶ ଦେଲେ। ଔଷଧ ସମେତ ଏ ସମସ୍ତ ଚିକିତ୍ସା ପାଇଁ ମୋର ଦେୟ ଥିଲା ମାତ୍ର ୫ଶହ ଟଙ୍କା।

କ୍ରମଶଃ ଦୁର୍ଘଟଣାଗ୍ରସ୍ତ ପାଦର ଅବସ୍ଥାରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଲା। ପୂର୍ବ ନିର୍ଦ୍ଧାରିତ ଦିନ ତାଙ୍କୁ ପୁଣିଥରେ ଦେଖାକଲି। ସେ ଆଣ୍ଠୁର ଅବସ୍ଥା ଅନୁଧ୍ୟାନ କରି କବିରାଜୀ ତୈଳଦ୍ୱାରା ସାମାନ୍ୟ ସେକର ବ୍ୟବସ୍ଥା କଲେ। ମୋତେ ଆଉ କିଛି ଦେୟ ଦେବାକୁ ପଡ଼ିଲା ନାହିଁ। ଶେଷରେ ବୈଦ୍ୟରାଜ ମୋତେ ଆଶ୍ୱାସନା ଦେଇ କହିଲେ – ଜମାଟ ବାନ୍ଧିଥିବା ରକ୍ତ ପାଣି ଆକାରରେ ସେଦିନ ସବୁ ନିଷ୍କାସିତ ହୋଇଯାଇଛି। ଆଉ କୌଣସି ଅସୁବିଧା ନାହିଁ। ଧୀରେଧୀରେ ଗୋଡ଼ର ବ୍ୟଥା ଦୂରେଇ ଯିବ। ଆପଣ ସଂପୂର୍ଣ୍ଣ ସୁସ୍ଥ ହୋଇଯିବେ। ସତକୁସତ ମୁଁ ଆରୋଗ୍ୟ ଲାଭ କଲି।

ଜୀବନରେ ପ୍ରଥମକରି ଏପରି ଜଣେ ଅସାଧାରଣ ଗ୍ରାମ୍ୟ ବୈଦ୍ୟଙ୍କ ସଂସ୍ପର୍ଶରେ ଆସି ତାଙ୍କର ଚମତ୍କାର ଚିକିତ୍ସା ଦେଖି ମୁଁ ବାସ୍ତବରେ ଅଭିଭୂତ ହୋଇଗଲି। ମୁଁ ପ୍ରତ୍ୟକ୍ଷ ଭାବେ ଦେଖିଲି, ଶିଶୁଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସବୁ ବୟସର ହାଡ଼ଭଙ୍ଗା ରୋଗୀ ପ୍ରତିଦିନ ବହୁସଂଖ୍ୟାରେ ତାଙ୍କ ପାଖକୁ ଆସୁଛନ୍ତି ଏବଂ ଆୟୁର୍ବେଦ ଔଷଧ ସେବନ, ତୈଳ ମାଲିସ ଓ ସେକ ଚିକିତ୍ସା ଦ୍ୱାରା ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରୁଛନ୍ତି। ଯଶସ୍ୱୀ ବୈଦ୍ୟରାଜ ନବକିଶୋର ବେହେରାଙ୍କ ଚିକିତ୍ସା ସେବା ପଥରେ ଈଶ୍ୱରଙ୍କ କୃପାବାରି ଅବିରତ ଝରୁଥାଉ ! ଏଲୋପ୍ୟାଥିର ଲୋକପ୍ରିୟତା ସତ୍ତ୍ୱେ ହାଡ଼ଭଙ୍ଗା ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ଉଲ୍ଲେଖଯୋଗ୍ୟ ଘଟଣା। ହାଡ଼ଭଙ୍ଗା ରୋଗୀଙ୍କ ପାଇଁ ଡାକ୍ତରୀ ଚିକିତ୍ସା ଅପେକ୍ଷା ଏ ପ୍ରକାର ଆୟୁର୍ବେଦୀୟ ଚିକିତ୍ସା ଅଧିକ ଫଳପ୍ରଦ ବୋଲି ଅନେକ ଅନୁଭବୀ ବ୍ୟକ୍ତି ମତ ଦିଅନ୍ତି। ଓଡ଼ିଶାରେ ମନ୍ଦାରବେରେଣୀ (ନୟାଗଡ଼), କାଳୁପଡ଼ା (ଖୋର୍ଦ୍ଧା),ରେକୁଲା (ଢେଙ୍କାନାଳ) ଏବଂ କୁଲାଇଲୋ (ଆଠଗଡ଼)ରେ କବିରାଜୀ ଚିକିତ୍ସା ଲୋକପ୍ରିୟତା ହାସଲ କରିଛି। ସେସବୁ ସ୍ଥାନରେ ଆୟୁର୍ବେଦୀୟ ପଦ୍ଧତିରେ ହଜାର ହଜାର ହାଡ଼ଭଙ୍ଗା ରୋଗୀଙ୍କ ସଫଳ ଚିକିତ୍ସା କରାଯାଉଛି। ସତରେ ଆୟୁର୍ବେଦ ଚିକିତ୍ସା ପଦ୍ଧତିର ସ୍ରଷ୍ଟା ପ୍ରାଚୀନ ଭାରତର ନମସ୍ୟ ଋଷି,ମହର୍ଷିଙ୍କ ସ୍ମରଣରେ ସ୍ୱତଃ ମଥା ନଇଁଯାଏ !

ସାଇ ହାର୍ମୋନୀ, ଚନ୍ଦକା, ଭୁବନେଶ୍ୱର
ଦୂରଭାଷ- ୮୧୪୪୧୩୦୩୮୫

# ଗ୍ରାମପଥ



ବେଣୁଧର ସୁତାର

ତାଳ ନାରୀକେଳ ବଉଳ ତମାଳ
ସହକାର ପୁଞ୍ଜି କି ମନଲୋଭା
ମଞ୍ଜୁଳ ସକାଳ ଠରୁ ସାୟଂକାଳ
ତା ଉଷା ଗୋଧୂଳି ଅପୂର୍ବ ଶୋଭା।

ଧୂଳିଘର କରି ସୁଖେ ଖେଳେ ଶିଶୁ
ଏଇ ଗାମପ୍ରଥ ଧୂସର ଦେହେ
ପିଲାଖେଳର ସେ ଅସରା କାହଣୀ
ଆଗାମୀ ଜୀବନ କର୍ତ୍ତବ୍ୟ ମୋହେ।

ମୋ ଗାଆଁର ଏଇ ସଂକୀର୍ଣ୍ଣପଥଟି
ଦୂର ଦିଗନ୍ତକୁ ଯାଉଛି ଚୁମି
ଜନ୍ମରୁ ମରଣ ମଧୁ ଆକର୍ଷଣ
ଚିର ଅପାସୋରା ମୋ ପଲ୍ଲୀଭୂମି।

ଏଇପଥେ ଆସେ ନବବଧୂ ପନ୍ଧି
ବାହାମୁକୁଟ କୁ ବଉଳପାଟ
ଏଇଗାଆଁ ବର ବାହାହୋଇ ଯାଏ
ଏପଥେ ସଜାଇ ରୋଷଣୀ ଥାଟ।

ଏଇ ପଥ ଜୀବଜୀବିକାର ରାହା
ଜନଜୀବନର ସୁଖ ସରଣୀ
ଭରା ଅନୁରାଗେ ମମତା ପରାଗେ
ଯୋଗେଶ୍ୱରୀ ସେ ତ ଜନକଲ୍ୟାଣୀ।

ଏଇପଥ ସିନା ନବଜାତକର ଆଗାମୀ
ଦିନର ସପନ ସାଥି
ଏଇପଥ ପୁଣି ବିଦାୟୀ ଜନର
କେତେ ଅପାସୋରା ଲୁହର ସ୍ମୃତି।

ଏଇ ପଥ ଧାରେ ଗ୍ରାମ ସୀମନ୍ତିନୀ
ପ୍ରାତସ୍ନାନେ ନଦୀତୁଠେ ଗମଇ
ଗ୍ରାମର ତରୁଣ ଏହି ପଥେ ଯାଏ
ବିଦେଶେ ଜୀବିକା ଅର୍ଜନ ପାଇଁ।

ଏଇ ପଥ ଅଟେ ମମତାର ପଥ
ଫେରିବା ଜନର ପରମ ବନ୍ଧୁ
ଆସିବା ଜନର ପ୍ରାଣଭରେ ସତେ
ମୁଗ୍ଧ ଆବେଗ ଅମୃତ ବିନ୍ଦୁ।

ଏଇ ପଥେ ଯାଏ ଗ୍ରାମ ଶ୍ରମଜୀବୀ
ଜୀବନ କର୍ତ୍ତବ୍ୟ ଗୀତିକା ଗାଇ
ଗୋଧୂଳି ସଂଜରେ ଏଇ ପଥେ ଫେରେ
ଖେତ କାମସାରି କୃଷକଭାଇ।

ତା ଆଶିଷ ଝରା ମମତା ପସରା
ଜୀବନକୁ କରେ ମଧୁରମୟ
ଜୀବନ ନାଟକ ଅନ୍ତିମ ପର୍ଯ୍ୟାୟେ
ଏଇପଥ ହୁଏ ଶେଷ ପାଥେୟ।

କେଶଦୁରାପାଳ,କେନ୍ଦୁଝର
ମୋ-୯୧୭୮୫୬୮୨୪୬



ମଧୁର ଫଳର ମହତ୍ତ୍ୱକୁ ବଢ଼ାଏ ସୁଗନ୍ଧ, ମନର ମହତ୍ତ୍ୱକୁ ବଢ଼ାଏ ସଦ୍‌ଗୁଣ।

# ଜୁନିଅର କ୍ରିକେଟରେ ଭାରତ ହିଁ ଶ୍ରେଷ୍ଠ



ଆଶିଷ କୁମାର ରାୟ

୨୦୦୦, ୨୦୦୮, ୨୦୧୨ ଓ ୨୦୧୮ରେ ଭାରତର ଜୁନିଅର କ୍ରିକେଟ ଦଳ ଆଇ.ସି.ସି. ଅଣ୍ଡର-ନାଇଣ୍ଟିନ୍ ୱାର୍ଲଡ୍ କପ୍‌ରେ ଚାମ୍ପିଆନ ହୋଇଥିଲା। ଆଉ ୨୦୨୨ରେ ପୁନର୍ବାର ସେହି ସଫଳତାକୁ ଦୋହରାଇଛି ଭାରତ। ଗତ ଜାନୁଆରୀ-ଫେବ୍ରୁଆରୀ ମାସରେ ୱେଷ୍ଟଇଣ୍ଡିଜ୍‌ରେ ଆୟୋଜିତ ୧୯ବର୍ଷରୁ କମ ବିଶ୍ୱକପ୍ କ୍ରିକେଟରେ ଭାରତୀୟ ଦଳ ପଞ୍ଚମ ଥର ସକାଶେ ଚାମ୍ପିଆନ ଆଖ୍ୟା ଅର୍ଜନ କରିଛି। ଗତ ଫେବ୍ରୁଆରୀ ୫ ତାରିଖ ଦିନ ଆଣ୍ଟିଗୁଆର ଭିଭିୟାନ୍ ରିଚାର୍ଡସ ଷ୍ଟାଡିୟମରେ ଯଶ୍ ଧୁଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଇଂଲାଣ୍ଡର ଜୁନିଅର ଦଳକୁ ଚାରି ୱିକେଟରେ ପରାସ୍ତ କରି ହାସଲ କରିଛି ଏକ ଅବିସ୍ମରଣୀୟ ସଫଳତା। ଏହି ସଫଳତା ଦେଶର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ବେଶ୍ ଆନନ୍ଦିତ କରିବା ସହିତ ଜୁନିଅର କ୍ରିକେଟରେ ଭାରତକୁ ବିଶ୍ୱର ଶ୍ରେଷ୍ଠ ଦଳରେ ପରିଣତ କରାଇଛି।



୨୦୦୦ ମସିହାର ଜୁନିଅର ବିଶ୍ୱକପର ଫାଇନାଲରେ ଆୟୋଜକ ଦେଶ ଶ୍ରୀଲଙ୍କାକୁ ପରାସ୍ତ କରି ମହମ୍ମଦ କୈଫଙ୍କ ନେତୃତ୍ୱରେ ଥିବା ଭାରତୀୟ ଦଳ ପ୍ରଥମଥର ସକାଶେ ଏହି ପ୍ରତିଯୋଗିତାରେ ବିଜୟଶ୍ରୀ ମଣ୍ଡିତ ହୋଇଥିଲା। ଏହାପରେ ୨୦୦୮ରେ ବିରାଟ କୋହଲୀଙ୍କ ନେତୃତ୍ୱରେ ଭାରତକୁ ମିଳିଥିଲା ଦ୍ୱିତୀୟ ସଫଳତା। ମାଲେସିଆର କୁଆଲାଲମପୁରରେ ଖେଳାଯାଇଥିବା ଫାଇନାଲରେ ଭାରତ ପରାସ୍ତ କରିଥିଲା ଦକ୍ଷିଣ ଆଫ୍ରିକାର ଜୁନିଅର ଦଳକୁ। ସେହିଭଳି ୨୦୧୨ରେ ଉନ୍ମୁକ୍ତ ଚାନ୍ଦଙ୍କ ନେତୃତ୍ୱରେ ଭାରତ ତୃତୀୟଥର ସକାଶେ ଚାମ୍ପିଆନ ହେଲା। ଫାଇନାଲରେ ଅଷ୍ଟ୍ରେଲିଆକୁ ତାଙ୍କରି ଦେଶରେ ପରାସ୍ତ କରି ଭାରତୀୟ ଦଳ ଜୁନିଅର ବିଶ୍ୱକପ୍ ଟ୍ରଫି ଜିଣିବା ଦିଗରେ ସମର୍ଥ ହେଲା। ଏହାପରେ ୨୦୧୮ରେ ପୁନର୍ବାର ଭାରତ ଏହି ପ୍ରତିଯୋଗିତାର ଚୂଡ଼ାନ୍ତ ମୁକାବିଲାରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଦେଲା। ଜୁନିଅର ବିଶ୍ୱକପ୍‌ରେ ଭାରତର ଏହି ଚତୁର୍ଥ ବିଜୟ ପୃଥ୍ୱୀ ଶା ଙ୍କ ଅଧିନାୟକତ୍ୱରେ ହିଁ ସମ୍ପନ୍ନ ହୋଇଥିଲା। ଆଉ ଏବେ ଯଶ୍ ଧୁଲଙ୍କ ଅଧିନାୟକତ୍ୱରେ ଭାରତକୁ ମିଳିଛି ପଞ୍ଚମ ସଫଳତା।

ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ୨୦୨୨ର ଏହି ଜୁନିଅର ବିଶ୍ୱକପ୍ ଭାରତ ପାଇଁ ଥିଲା ବେଶ୍ ଘଟଣାବହୁଳ। ପ୍ରରମ୍ଭିକ ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ୪୫ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଏହାର ବିଜୟ ଅଭିଯାନ ଆରମ୍ଭ କଲା। ଅଧିନାୟକ ଯଶ୍ ଧୁଲ୍‌ଙ୍କ ୮୨ରନ ବଳରେ ଭାରତ କରିଥିବା ମୋଟ ୨୩୨ ରନ ସେଭଳି କିଛି ବଡ଼ ସ୍କୋର ନଥିଲା। ତେବେ ସ୍ପିନ୍ ବୋଲର୍ ଭିକ୍କି ଓସ୍ତୱାଲ୍ ୨୮ରନରେ ୫ଟି ଏବଂ ଅଲରାଉଣ୍ଡର୍ ରାଜ ବାୱା ୪୭ରନରେ ୪ଟି ୱିକେଟ ଅକ୍ତିଆର କରିବା ଫଳରେ ଦକ୍ଷିଣ ଆଫ୍ରିକା ଦଳ ୧୮୭ରନରେ ଅଲ୍‌ଆଉଟ୍ ହୋଇଗଲା। ଏହି ବିଜୟ ପରେ କିନ୍ତୁ ଭାରତୀୟ ଦଳ ଏକ ବଡ଼ ସମସ୍ୟାରେ ପଡ଼ିଗଲା। ଅଧିନାୟକ ଯଶ୍ ଧୁଲ୍ ଓ ଉପଅଧିନାୟକ ଶେକ୍ ରଶିଦ୍‌ଙ୍କ ସମେତ ଭାରତୀୟ ଦଳର ଛଅଜଣ ସଦସ୍ୟ କରୋନା ଭୂତାଣୁ ସଂସ୍ପର୍ଶରେ ଆସିବା ଫଳରେ ଏକ ସପ୍ତାହରୁ ଅଧିକ ସମୟ ପାଇଁ ଖେଳରୁ ବାଦ ପଡ଼ିଗଲେ। ତେବେ ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟର ବାକି ଦୁଇଟି ମ୍ୟାଚ ଆୟର୍ଲାଣ୍ଡ ଓ ୟୁଗାଣ୍ଡା ଭଳି ଦୁର୍ବଳ ଦଳ ବିପକ୍ଷରେ ଥିବାରୁ ବିଶେଷ କିଛି ଅସୁବିଧା ହେଲାନାହିଁ। ଆୟର୍ଲାଣ୍ଡ ବିପକ୍ଷରେ ହରନୁର ସିଂହ ଓ ଅଂକ୍ରିଶ ରଘୁବଂଶୀ ଯଥାକ୍ରମେ ୮୮ ଓ ୭୯ ରନ କରିବା ଫଳରେ ଭାରତର ସ୍କୋର ୫ ୱିକେଟରେ ୩୦୭ରନରେ ପହଁଚିଗଲା। ଏହାର ଜବାବରେ ଆୟାର୍ଲାଣ୍ଡ ଦଳ ଅନିଶ୍ୱର ଗୌତମ, କୌଶଲ ତାମ୍ବେ, ଗର୍ବ ସାଙ୍ଗୱାନ୍ ଆଦିଙ୍କ ଚମତ୍କାର ବୋଲିଂର ମୁକାବିଲା କରିନପାରି ୧୭୪ରନରେ ପରାଜିତ ହେଲା। ତୃତୀୟ ମ୍ୟାଚରେ ୟୁଗାଣ୍ଡା ବିପକ୍ଷରେ ମଧ୍ୟ ମିଳିଲା ଏକତରଫା ବିଜୟ। ଅଂକ୍ରିଶ ରଘୁବଂଶୀଙ୍କ ୧୪୪ରନ ଓ ରାଜ ବାୱାଙ୍କ ଅପରାଜିତ ୧୬୨ରନ ସହାୟତାରେ ଭାରତ କରିଥିବା ୫ ୱିକେଟରେ ୪୦୫ର ବିଶାଳ ସ୍କୋରର ବୋଝ ତଳେ ଦବିଯାଇ ୟୁଗାଣ୍ଡାର ସମସ୍ତ ଖେଳାଳି ମାତ୍ର ୭୯ରନରେ ଆଉଟ ହୋଇଗଲେ। ନିଶାନ୍ତ ସିନ୍ଧୁ, ରାଜ୍ୟବର୍ଦ୍ଧନ ହଙ୍ଗାର୍ଗେକର ଆଦିଙ୍କ ଶାଣିତ ବୋଲିଂ ଯୋଗୁଁ

ଭାରତ ୩୨୬ ରନରେ ହାସଲ କଲା ଏକ ବୃହତ ବିଜୟ।

ଏହାପରେ ଭାରତୀୟ ଦଳର କ୍ୱାର୍ଟରେ ଫାଇନାଲ ମୁକାବିଲା ଥିଲା ଗତ ବିଜେତା ବାଂଲାଦେଶ ସହିତ। ୨୦୨୦ରେ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ଜୁନିଅର ବିଶ୍ୱକପ୍‌ର ଗତ ସଂସ୍କରଣର ଫାଇନାଲରେ ବାଂଲାଦେଶ ଦଳ ଅପ୍ରତ୍ୟାଶିତ ଭାବେ ଭାରତକୁ ପରାସ୍ତ କରି ଚାମ୍ପିଆନ ହୋଇଯାଇଥିଲା। ଏଥର କିନ୍ତୁ ବାଂଲା ଖେଳାଳିମାନେ ବିଶେଷ କରି ରବି କୁମାର ଓ ଭିକ୍କି ଓସ୍ତୱାଲଙ୍କ ସ୍ପିନ୍ ବୋଲିଂର ମୁକାବିଲା କରିନପାରି ମାତ୍ର ୧୧୧ରନ ହିଁ ସଂଗ୍ରହ କଲେ। ବୋଲିଂ ପାଇଁ ସୁହାଉଥିବା ପିଚରେ ରଘୁବଂଶୀ ୪୪ରନ କରି ଭାରତ ପାଇଁ ୫ ୱିକେଟ୍‌ରେ ଏକ କୃତିତ୍ୱପୂର୍ଣ୍ଣ ବିଜୟ ଆଣିଦେଲେ। ସଂଗରୋଧରୁ ଫେରିଥିବା ଅଧିନାୟକ ଯଶ୍ ଧୁଲ୍ ଓ ଉପଅଧିନାୟକ ଶେକ୍ ରଶିଦ୍ ମଧ୍ୟ ଉପଯୋଗୀ ବ୍ୟାଟିଂ କରି ଦଳୀୟ ବିଜୟରେ ନିଜର ଭୂମିକା ତୁଲାଇଥିଲେ। ତେବେ ଅଷ୍ଟ୍ରେଲିଆ ସହିତ ସେମି ଫାଇନାଲରେ ଧୁଲ୍ ଓ ରଶିଦ ଯଥାକ୍ରମେ ୧୧୦ ଓ ୯୪ରନର ସ୍କୋର କରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଲେ। ଭାରତର ୫ ୱିକେଟରେ ୨୯୦ରନର ଜବାବରେ ଅଷ୍ଟ୍ରେଲିଆ ୧୯୪ରନ ସ୍କୋର କରିବାରେ ସମର୍ଥ ହେଲା। ୯୬ରନର ଏହି ବିଜୟରେ ଭିକି ଓସ୍ତୱାଲ, ନିଶାନ୍ତ ସିନ୍ଧୁ ଓ ରବି କୁମାରଙ୍କ ବୋଲିଂ ହିଁ ଗ୍ରହଣ କରିଥିଲା ପ୍ରମୁଖ ଭୂମିକା।

ପରିଶେଷରେ ଚୂଡ଼ାନ୍ତ ମୁକାବିଲାରେ ମଧ୍ୟ ଭାରତ ଅକ୍ଲେଶରେ ବିଜୟୀ ହେଲା। ଅନ୍ୟ ସେମିଫାଇନାଲରେ ଆଫଗାନିସ୍ତାନକୁ ବହୁ କଷ୍ଟରେ ମାତ୍ର ୧୬ରନରେ ପରାସ୍ତ କରି ଫାଇନାଲକୁ ଆସିଥିବା ଇଂଲାଣ୍ଡ ଦଳ ଜୁନିଅର ବିଶ୍ୱକପରେ ଦ୍ୱିତୀୟ ଥର ସକାଶେ ଟ୍ରଫି ହାସଲର ସ୍ୱପ୍ନ ଦେଖିବାରେ ଲାଗିଥିଲା। ତେବେ ଭାରତୀୟ ଦଳର ଚମତ୍କାର ପ୍ରଦର୍ଶନ ଯୋଗୁଁ ଏହି ସ୍ୱପ୍ନ ସାକାର ହୋଇପାରିଲା ନାହିଁ। ରାଜ୍ ବାୱା ୩୧ରନରେ ୫ଟି ଓ ରବି କୁମାର ୩୪ରନରେ ୪ଟି ଅକ୍ତିଆର କରି ଇଂଲାଣ୍ଡକୁ ୧୮୯ରନରେ ସୀମିତ ରଖିଲେ। ଇଂଲାଣ୍ଡର ପ୍ରାରମ୍ଭିକ ବ୍ୟାଟର୍ ଜେମ୍ସ ରିଉ ଯଦି ୯୫ରନ କରିନଥାନ୍ତେ ତେବେ ସେମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଯାଇଥାନ୍ତା। ପିଚ୍ ବୋଲରମାନଙ୍କୁ ସୁହାଉଥିଲେ ହେଁ ଶେକ୍ ରଶିଦ୍ ଓ ନିଶାନ୍ତ ସିନ୍ଧୁଙ୍କ ଅର୍ଦ୍ଧଶତକ ଓ ରାଜ୍ ବାୱାଙ୍କ ୩୫ରନ ବଳରେ ଭାରତ ଚାରି ୱିକେଟରେ ବିଜୟୀ ହେଲା। ରାଜ୍ ବାୱାଙ୍କୁ ମିଳିଥିଲା ପ୍ଲେୟାର୍ ଅଫ୍ ଦି ଫାଇନାଲର ପୁରସ୍କାର। ସେ ମଧ୍ୟ ପ୍ଲେୟାର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାରର ଦୌଡ଼ରେ ଥଲେ। ତେବେ ଏହି ପୁରସ୍କାର ମିଳିଥିଲା ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର୍ ଡିୱାଲ୍ଡ ବ୍ରେଭିସ୍‌ଙ୍କୁ।

ତେବେ ସବୁଠାରୁ ବଡ଼ କଥା ନିଶ୍ଚିତ ଭାବେ ହେଲା ୧୯ବର୍ଷରୁ କମ କ୍ରିକେଟ ବିଶ୍ୱକପ୍‌ରେ ଭାରତ ପୁନର୍ବାର ଚାମ୍ପିଆନ ଆଖ୍ୟା ଅର୍ଜନ କରିବା। ପ୍ରକୃତରେ ଦେଖିବାକୁ ଗଲେ ଏହା ଥିଲା ଏକ ସାମୂହିକ ପ୍ରୟାସ। ଦଳର ତିନି-ଚାରିଜଣ ଖେଳାଳି ନୁହନ୍ତି, ବରଂ ଏହି ସଫଳତାରେ ସମସ୍ତ ଖେଳାଳିଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ଏହି ବିଜୟ ଦ୍ୱାରା ଜୁନିଅର କ୍ରିକେଟରେ ଭାରତ ଯେ ଶ୍ରେଷ୍ଠ ଦଳ ତାହା ପୁନର୍ବାର ପ୍ରମାଣିତ ହୋଇଯାଇଛି। ଏପର୍ଯ୍ୟନ୍ତ ଆୟୋଜିତ ୧୯ବର୍ଷରୁ କମ କ୍ରିକେଟ ବିଶ୍ୱକପର ୧୪ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ତିନିଥର, ପାକିସ୍ତାନ ଦୁଇଥର, ଇଂଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ ଥରେ ଲେଖାଏଁ ଚାମ୍ପିଆନ୍ ହୋଇଥିବା ବେଳେ ଭାରତ ସର୍ବାଧିକ ୫ଥର ଏହି ପ୍ରତିଯୋଗିତାରେ ବିଜୟୀ ହେବା ବହୁତ ବଡ଼ କୃତିତ୍ୱ ନିଶ୍ଚୟ। ଏତଦ୍‌ବ୍ୟତୀତ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ତିନିଥର ରନର୍ସ ଅପ୍ ମଧ୍ୟ ହୋଇଛି। ୨୦୦୬ରେ ଭାରତୀୟ ଦଳ ଫାଇନାଲରେ ପାକିସ୍ତାନଠାରୁ ପରାଜିତ ହୋଇ ପ୍ରଥମଥର ସକାଶେ ଉପବିଜେତା ହୋଇଥିଲା। ଏହାପରେ ୨୦୧୬ରୁ ଏପର୍ଯ୍ୟନ୍ତ ଆୟୋଜିତ ଗତ ଚାରିଟିଯାକ ଜୁନିଅର ବିଶ୍ୱକପର ଫାଇନାଲରେ ପଦାର୍ପଣ କରି ଭାରତ ୨୦୧୮ ଓ ୨୦୨୨ରେ ଚାମ୍ପିଆନ ହେବା ସହିତ ୨୦୧୬ ଓ ୨୦୨୦ରେ ଦୁଇଥର ରନର୍ସ ଅପ୍ ହୋଇଛି।

ମୋ- ୯୪୩୭୬୨୭୫୧୪

# ବାର୍ଦ୍ଧକ୍ୟ ଭାବନା



ଆଦିକନ୍ଦ ରାମ

ଲିଭିଲିଭି ଆସେ ଜୀବନ ପ୍ରଦୀପ
କମି କମି ଆସେ ତେଜ
ମରି ମରି ଆସେ ମନ କଳ୍ପନା
ସରି ସରି ଆସେ ଓଜ।
ଜୀବନ ଜୀବିକା ସରିଗଲା ପରେ
ନେଲି ମୁହିଁ ଅବସର
ଜୀବନ ଯୌବନ ଜଞ୍ଜାଳ ଜାଲରେ
ବିତେ ବୟସ ମୋହର।
ଜୀବନଟା ଏକ ଜଟିଳ ଗଣିତ
ହେଲି ମୁଁ ଅଣନିଶ୍ୱାସୀ
ମାଡି ଆସେ ପୁଣି କେତେ ରୋଗ ବାଗ
ଧିରେ ଧିରେ କରେ ଗ୍ରାସ
ଦବି ଦବି ଯାଏ ଦର୍ପ ଅହଂକାର
ମରି ମରି ଯାଏ ଆଶା

ଚାଲେ ଧରି ଆଶାବାଡ
ଉଡି ଯିବକି ମୋ ହଂସା।
ପୁଅ ବୋହୂ ନାତି ଜୀବନଠୁ ବଳି
କରୁଥିଲି ଜପାମାଳି
ଚାହୁଁ ଚାହୁଁ ସ୍ତ୍ରୀ ଚାଲିଗଲା ପରେ
ସେବାରୁ ବଞ୍ଚିତ ହେଲି।
ଜୀବନର ଏହି ଅପରାହ୍ନରେ
ବହିଲେ ସଭିଏଁ ରୋଶ
ହତାଦର କରି ଘରୁ ତଡିଦେଲେ
ରହିଲି ଜରା ନିବାସେ।
ଜରା ନିବାସର ସେବକ ସେବିକା
ପୁଅ ଝିଅଠାରୁ ବଳି
ଚିର ଋଣି ହେଲି ତାଙ୍କରି ସେବାରେ
ତାଙ୍କ ଧରମ ଯାଏ ବଳି।

ପ୍ରଧାନ ଶିକ୍ଷକ
ଫକିରପୁର, କେନ୍ଦୁଝର
୭୫୮୦୨୨

# ସମ୍ବାଦ ବିଚିତ୍ରା

୧. ଫେବୃୟାରୀ ୨୦୨୨ ରେ ଜି.ଏସ୍.ଟି. ସଂଗ୍ରହ ୧.୩୦ ଲକ୍ଷ କୋଟି ଟଙ୍କାରେ ପହଂଚିଛି।

୨. ଆସାମ ସରକାର ସମଗ୍ର ରାଜ୍ୟକୁ ଅସ୍ଥିରତା ପୂର୍ଣ୍ଣ ଅଂଚଳ ଘୋଷଣାକରି ୬ ମାସ ପାଇଁ ଏ.ଏଫ୍.ଏସ୍.ପି.ଏ. (AFSPA) ଆଇନ ଲାଗୁ କରିଛନ୍ତି।

୩. ଟି.ଏସ୍. ରାମକୃଷ୍ଣନ୍ ଏଲ. ଆଇ.ସି. ମ୍ୟୁଚୁଆଲ ଫଣ୍ଡର ଏମ୍.ଡି ଓ ସି.ଇ.ଓ. ଭାବେ ନିଯୁକ୍ତି ପାଇଛନ୍ତି।

୪. ଆଦାନୀ ଗ୍ରୀନ୍ ୧୫୦ ମେଗୱାଟ୍ ସୌର ବିଜୁଳିଶକ୍ତି ଉତ୍ପାଦନ ପାଇଁ ପଂଜାବ ଷ୍ଟେଟ୍ ପାୱାର କରପୋରେସନ୍ ସହ ଚୁକ୍ତିବଦ୍ଧ ହୋଇଛି।

୫. ଦିଲ୍ଲୀ ସରକାର ଭାରତରେ ପ୍ରଥମ ଇଲେକ୍ଟ୍ରୋନିକ ଓ୍ୱେଷ୍ଟ ଇକୋ ପାର୍କ ପ୍ରତିଷ୍ଠା ପାଇଁ ମଂଜୁରୀ ଦେଇଛନ୍ତି ।

୬. ହଂକଂରେ କୋଭିଡ୍‌ର ପଞ୍ଚମ ଲହରରେ ଓମିକ୍ରନ ବେମାରୀ ହୁ ହୁ ହୋଇ ବଢୁଛି।

୭. ଜାତିସଂଘରେ ଋଷ ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ ହୋଇଥିଲେ ହେଁ, ଭାରତ ମତଦାନରୁ ଓହରି ଯାଇଛି।

୮. ପଶ୍ଚିମବଙ୍ଗରେ ମୁନିସିପାଲଟି ନିର୍ବାଚନରେ ୧୦୮ଟି ଆସନରୁ ୧୦୨ଟିରେ ତୃଣମୂଳ କଂଗ୍ରେସ ବିଜୟୀ ହୋଇଛି।

୯. ଗୁଗୁଲ, ଫେସ୍‌ବୁକ୍ ଓ ଆପ୍ପଲ୍ ଋଷ ସହିତ ଆର୍ଥିକ ବ୍ୟବସାୟିକ ସଂପର୍କ ଛିନ୍ନ କରିଛି।

୧୦. ମାଡ୍ରାସ ହାଇକୋର୍ଟ ଘରୋଇ ଟିଉସନ୍ କିମ୍ବା କୋଚିଂସେଣ୍ଟର ଚଳାଉଥିବା ଶିକ୍ଷକମାନଙ୍କୁ ଚିହ୍ନଟ କରିବାପାଇଁ ତାମିଲନାଡୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

୧୧. ଭାରତରେ ଜାନୁୟାରୀ ମାସରେ ୧୮.୫୮ ଲକ୍ଷ ଭାରତୀୟ ହ୍ୱାଟସଆପ୍ ବ୍ୟବହାରୀଙ୍କ ବିରୋଧରେ ପ୍ରତିବନ୍ଧକ ଲଗାଯାଇଛି।

୧୨. ଚଳଚ୍ଚିତ୍ର ସମୀକ୍ଷକ ଜୟପ୍ରକାଶ ଚୌକ୍ସିଙ୍କର ୮୫ ବର୍ଷରେ ଦେହାନ୍ତ ଘଟିଛି।

୧୩. ଓଡ଼ିଶାରେ ପୌର ନିର୍ବାଚନ ପାଇଁ ମାର୍ଚ୍ଚ ୨୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ, ମାର୍ଚ୍ଚ ୯ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ, ୨୪ ତାରିଖରେ ଭୋଟ୍ ଏବଂ ୨୬ ତାରିଖରେ ଭୋଟ୍ ଗଣତି।

୧୪. ଡାକ୍ତରମାନଙ୍କୁ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଦେଉଥିବା ଉପହାର ମାଗଣା ନୁହେଁ। ଔଷଧ ମୂଲ୍ୟ ବୃଦ୍ଧି କରି ଏଭଳି ଉପହାର ଡାକ୍ତରମାନଙ୍କୁ ଦିଆଯାଉଛି ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି ।

୧୫. ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ (ଏନ୍.ସି.ଆର.ବି) ତଥ୍ୟ ଅନୁଯାୟୀ ଦେଶର ଶିଶୁ ଯୌନ ନିର୍ଯ୍ୟାତନାରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି।

୧୬. ୨୦୩୧ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କୁ ନେଇ ପୂରଣ ହେବ। ତେଣୁ ବରିଷ୍ଠ ନାଗରିକଙ୍କ ସଂପୂର୍ଣ୍ଣ ଯତ୍ନ ବର୍ତ୍ତମାନ ସମୟରେ ଦେଶ ଲାଗି ଏକ ବଡ ଆହ୍ୱାନ।

୧୭. ବର୍ତ୍ତମାନ ଦେଶର ଘରୋଇ କ୍ଷେତ୍ର କରୋନା ମହାମାରୀର ପ୍ରଭାବରୁ ମୁକୁଳିବାରେ ଲାଗିଛି। ଏହାର ଫଳସ୍ୱରୂପ ଚଳିତବର୍ଷ କମ୍ପାନୀଗୁଡ଼ିକ ଦ୍ୱାରା କର୍ମଚାରୀଙ୍କ ବେତନରେ ହାରାହାରି ୯% ବୃଦ୍ଧି ଘଟିବ ବୋଲି ଆଶା।

୧୮. ୧୨ ରୁ ୧୮ ବୟସର ପିଲାଙ୍କୁ ଦିଆଯିବ କୋର୍ବେଭାକ୍ସ ଟିକା। ବାୟୋଲୋଜିକାଲ ଇ ଦ୍ୱାରା ପ୍ରସ୍ତୁତ ଏହି ଟୀକା କିଶୋରଙ୍କୁ ଦେବା ଲାଗି ଅନୁମତି ପ୍ରଦାନ କରାଯାଇଛି।

୧୯. ଆଲ୍ଲୁ ଅର୍ଜ୍ଜୁନଙ୍କର ବ୍ଲକବଷ୍ଟର ହିଟ୍ "ପୁଷ୍ପା" ହାତେଇଲା "ଫିଲ୍ମ ଅଫ୍ ଦି ଇୟର" ଆୱାର୍ଡ଼। ରବିବାର ଦିନ ଦାଦାସାହେବ ଫାଲକେ ଅନ୍ତର୍ଜାତୀୟ ଚଳଚିତ୍ର ମହୋତ୍ସବ ପୁରସ୍କାର ୨୦୨୨ ସମାରୋହରେ ଅଲ୍ଲୁ ଅର୍ଜ୍ଜୁନଙ୍କ ବ୍ଲକ୍‌ବଷ୍ଟର ହିଟ୍ "ପୁଷ୍ପା ଦି ରାଇଜ୍" ଫିଲ୍ମ ଅଫ୍ ଦି ଇୟର ସମ୍ମାନିତ କରିଛି। ଦାଦା ସାହେବ ଫାଲକେ ପୁରସ୍କାର ୨୦୨୨, ରେ ରଣବୀର ସିଂ ଶ୍ରେଷ୍ଠ ଅଭିନେତା ଓ କ୍ରିତି ସାନନ ଶ୍ରେଷ୍ଠ ଅଭିନେତ୍ରୀ।

୨୦. ୨୦୦୮ ରେ ଅହମ୍ମଦାବାଦରେ ସଂଗଠିତ ସିରିଏଲ୍ ବୋମା ବିସ୍ଫୋରଣ ଘଟଣାରେ ଦୋଷୀ ସାବ୍ୟସ୍ତ ୪୯ ଜଣଙ୍କ ମଧ୍ୟରୁ ଅହମ୍ମଦାବାଦର ଏକ ସ୍ୱତନ୍ତ୍ର ଅଦାଲତ ୩୮ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି।

୨୧. ଗତ ନଭେମ୍ବର ମାସରେ ବିଶ୍ୱରୁ ଅନାହାର ଦୂର ପାଇଁ ଜାତିସଂଘ ପକ୍ଷରୁ ଏକ ଯୋଜନା ପ୍ରକାଶ ହେବା ପରେ ଏଲନ ମସ୍କ ନିଜ କଂପାନୀ ଟେସଲାର ପ୍ରାୟ ୫.୭ ବିଲିୟନ ଡଲାର ମୂଲ୍ୟର ସେୟାର ଦାନ କରିଛନ୍ତି।

୨୨. ଭାରତ, ଚୀନ କଂପାନୀମାନଙ୍କର ୨୨୦ ରୁ ଅଧିକ ମୋବାଇଲ ଆପକୁ ବନ୍ଦ କରିଦେଇଛି। ଏହି ପଦକ୍ଷେପ ଚୀନର ଚିନ୍ତା ବଢ଼ାଇଦେଇଛି।

୨୩. ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡି.ଆର.ଡ଼ି.ଓ) ଆଣିଲା ଝିଅମାନଙ୍କୁ ପାଠ ପଢ଼ିବା ନେଇ ୧,୮୬୦୦୦ ଟଙ୍କାର ଛାତ୍ରବୃତ୍ତି।

୨୪. ଭାରତରେ ନିର୍ବାଚନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ଏନେଇ ସେଣ୍ଟର ଫର୍ ମିଡ଼ିଆ ଷ୍ଟଡ଼ିଜ ଏକ ରିପୋର୍ଟ ପ୍ରକାଶ କରିଛି। ସେଣ୍ଟର ଫର୍ ମିଡ଼ିଆ ଷ୍ଟଡ଼ିଜର ରିପୋର୍ଟ ଅନୁସାରେ ୨୦୧୯ ଲୋକସଭା ନିର୍ବାଚନରେ ପ୍ରାୟ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି।

୨୫. ରାଷ୍ଟ୍ରାୟତ୍ତ ବୀମା କଂପାନୀ ଏଲ୍.ଆଇ.ସି. ରେ ରହିଛି ପ୍ରାୟ ୨୧ ହଜାର ୫୩୯ କୋଟି ଟଙ୍କା ପରିମାଣର ଏକ ପାଣ୍ଠି ଯାହାର କି କେହି ଦାବିଦାର ନାହାନ୍ତି।

୨୬. ନୂଆଦିଲ୍ଲୀସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍ "ଦି ଇଣ୍ଟେଲେକ୍ଟସ" ଦ୍ୱାରା ସର୍ବୋଚ୍ଚ ପୁରସ୍କାର 'ଆମ ଗୌରବ' ସମ୍ମାନ ପ୍ରଥିତ ଯଥା କବି. ଡ. ରମାକାନ୍ତ ରଥଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ତାଙ୍କ ଜୀବନବ୍ୟାପୀ ଅବଦାନ ଲାଗି ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି।

୨୭. 'ମୋ ସ୍କୁଲ' ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି ପ୍ରକାଶ କରିଛନ୍ତି ମୋ ସ୍କୁଲ ଅଧକ୍ଷା ସୁସ୍ମିତା ବାଗଚୀ। ଏହି ଅଭିଯାନ ମାଧ୍ୟମରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟିକରିଛି।

୨୮. ପୂର୍ବତନ ଲୋକସଭା ବିଧାୟିକା ତଥା ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓଙ୍କ ମାଆ ରୋଶନୀ ସିଂଦେଓଙ୍କ ୮୨ ବର୍ଷରେ ପରଲୋକ ହୋଇଛି।

୨୯. "ହିପ୍ରୋକ୍ରାଟିକ୍" ଶପଥ ବଦଳରେ "ଚରକ" ଶପଥ। ଭାରତରେ ଚରକ ଶପଥ ନେବେ ମେଡ଼ିକାଲ ଛାତ୍ରଛାତ୍ରୀ।

୩୦. ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପ୍ରିପେଡ୍ ଡିଜିଟାଲ ଭାଉଚର ଇ-ରୁପିର ସୀମାକୁ ୧ ଲକ୍ଷ ଟଙ୍କା କରିଦିଆଯାଇଛି। ବର୍ତ୍ତମାନ ଯାଏ ଏହା ୧୦ ହଜାର ଟଙ୍କା ଥିଲା।

୩୧. ଟି.ଭି. ରେଟିଂ ସଂସ୍ଥା ବାର୍କ (BARC) ପୁଣି ଥରେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଟି.ଆର.ପି ପ୍ରକାଶ କରିବ। ୧୭ ମାସ ପରେ ପୁଣି ଥରେ ଟିଭି ଚ୍ୟାନେଲଗୁଡ଼ିକର ରେଟିଂ ସହ ଅନ୍ୟ ଡାଟା ପ୍ରକାଶ କରିବା ବୋଲି ବାର୍କ ସୋମବାର ଦିନ ଘୋଷଣା କରିଛି।

୩୨. ଓଡ଼ିଶା ହାଇକୋର୍ଟ ପାଇଁ ୩ ଜଣ ବିଚାରପତି ଜଷ୍ଟିସ ଭି, ନରସିଂହା, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଓ ଜଷ୍ଟିସ ମୂରାହାରୀ ଶ୍ରୀରମଣଙ୍କୁ ନିଯୁକ୍ତି ଦେଇଛନ୍ତି ରାଷ୍ଟ୍ରପତି। ଖୁବଶୀଘ୍ର ୩ ବିଚାରପତି ଶପଥ ନେଇ କାର୍ଯ୍ୟ ଆରମ୍ଭ କରିବେ। ୩ ଜଣଙ୍କୁ ମିଶାଇ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୧ରେ ପହଞ୍ଚିଲା।



ଭଗବାନ ସବୁ ସ୍ଥାନରେ ଉପସ୍ଥିତ ରହିପାରିବେ ନାହିଁ, ତେଣୁ ସେ "ମା" ସୃଷ୍ଟି କରିଦେଇଛନ୍ତି।

# ସାଧାରଣ ଜ୍ଞାନ

## (1) ABBREVIATION

1. AAI - Airport Authority of India
2. CRPF - Central Reserve Police  Force
3. GJEPC - Gem & Jewellery Export Promotion Council .
4. IISER - Indian Institute of Science Education and Reaserch
5. ITR - Integrated Test Range
6. NTFD - National Trust Foundation Day
7. IHC - Indian History Congress
8. IIT - Indian Institute of Technology
9. OCMC - Online Consumer Mediation Center
10. ICFA - Indian Council of  Food and Agriculture

## (୨) ପୁସ୍ତକ ଓ ଲେଖକ

| | |
|---|---|
| ୧. ଶ୍ରୀଜଗନ୍ନାଥ ଚରିତାମୃତ | - ଦିବାକର ଦାଶ |
| ୨. କାଞ୍ଚି କାବେରୀ | - ଧନଞ୍ଜୟ ଭଞ୍ଜ |
| ୩. ବ୍ରହ୍ମ କୁଣ୍ଡଳୀ | - ବାରଙ୍ଗ ଦାସ |
| ୪. ରସସିନ୍ଧୁ ସୁଲକ୍ଷଣା | - କେଶବରାଜ ହରିଚନ୍ଦନ |
| ୫. ବାରମାସୀ କୋଇଲି | - ଶଙ୍କର ଦାସ |

1. The Seven Sins of Being A Mother - Tahira K. Khurrana
2. Mother India - Kaherine Mayo
3. Chitrangada - Rabindra Nath Tagore
4. Bye Bye Corona - Dr Pradeep Srivastava
5. The Prince - Niccolo Machiaveli

## (୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. ବାପି ଲହରୀ | ପ୍ରସିଦ୍ଧ ସଙ୍ଗୀତକାର | ୬୯ |
| ୨. ରାହୁଲ ବଜାଜ | ଚେତକ ସ୍କୁଟର ନିର୍ମାତା | ୮୩ |
| ୩. ଦେବେନ୍ଦ୍ର କୁମାର ମିଶ୍ର | ଓଡ଼ିଶାର ପ୍ରଥମ ନିର୍ବାଚନ କମିଶନର | ୮୫ |
| ୪. ହରପ୍ରସାଦ ପରିଚ୍ଛା ପଟ୍ଟନାୟକ | ଶିକ୍ଷାବିତ୍ ଓ ସାହିତ୍ୟିକ | ୬୯ |
| ୫. ପ୍ରବୀଣ କୁମାର ସୋବତୀ | ଦୁରଦର୍ଶନ ମହାଭାରତ (ଭୀମ) | ୭୪ |

## (୪) ପୁରସ୍କାର

(ଦାଦା ସାହେବ ଫାଲକେ ଆନ୍ତର୍ଜାତିକ ଚଳଚ୍ଚିତ୍ର ପୁରସ୍କାର)

| | |
|---|---|
| ୧. ଶ୍ରେଷ୍ଠ ଚଳଚ୍ଚିତ | ପୁଷ୍ପା: ଦି ରାଇଜ |
| ୨. ଶ୍ରେଷ୍ଠ  ଅଭିନେତା | ରଣବୀର ସିଂହ (୮୩) |
| ୩. ଶ୍ରେଷ୍ଠ  ଅଭିନେତ୍ରୀ | କ୍ରିତି ସାନୋନ  (ମିମି) |
| ୪. ଅତୁଲ୍ୟ ଅବଦାନ | ଆଶା ପାରେଖ୍ |
| ୫. ଶ୍ରେଷ୍ଠ ଅଭିନେତା (ସମାଲୋଚନା) | ସିଦ୍ଧାର୍ଥ ମାଲହୋତ୍ରା |

## (୫) ରାଜ୍ୟ

| | |
|---|---|
| ୧. ରାଜ୍ୟର ନାମ | - ମେଘାଳୟ |
| ୨. ରାଜ୍ୟପାଳ | - ସତ୍ୟପାଲ ମଲ୍ଲିକ |
| ୩. ମୁଖ୍ୟମନ୍ତ୍ରୀ | - କନରାଡ୍ ସାଙ୍ଗ୍‌ମା |
| ୪. ଗଠନ | - ୨ ଏପ୍ରିଲ, ୧୯୭୦ |
| ୫. କ୍ଷେତ୍ରଫଳ | - ୨୨,୪୨୯ ବର୍ଗ କି.ମି. |
| ୬. ରାଜଧାନୀ | - ଶିଲଂ |
| ୭. ଲୋକସଭା ସଭ୍ୟ ସଂଖ୍ୟା | - ୨ |
| ୮. ରାଜ୍ୟସଭା ସଭ୍ୟ ସଂଖ୍ୟା | - ୧ |
| ୯. ବିଧାନ ସଭା ସଭ୍ୟସଂଖ୍ୟା | - ୬୦ |
| ୧୦.ବିଧାନ ପରିଷଦ | - ୦୦ |
| ୧୧.ମୁଖ୍ୟ ଭାଷା | - ଖସି, ଗାରୋ ଓ ଇଂରାଜୀ |
| ୧୨. ଜନସଂଖ୍ୟା | ସମୁଦାୟ- ୨, ୯୬୪, ୦୦୭<br>ପୁରୁଷ - ୧,୪୯୨,୬୬୮<br>ମହିଳା - ୧,୪୭୧, ୩୩୯ |
| ୧୩.ଜନସଂଖ୍ୟା ବୃଦ୍ଧିହାର | - ୨୭,୮୨% |
| ୧୪.ଜନସଂଖ୍ୟା ଘନତ୍ୱ | - ୩୪୨/ବର୍ଗ କି.ମି |
| ୧୫.ଶିଶୁ ଲିଙ୍ଗ ଅନୁପାତ | - ୯୭୦ ଝିଅ ୧୦୦୦ ପୁଅ |
| ୧୬. ଲିଙ୍ଗ ଅନୁପାତ | - ୯୮୬ମହିଳା ୧୦୦୦ ପୁରୁଷରେ |
| ୧୭. ସାକ୍ଷରତା ହାର | - ୭୫.୪୮ %<br>ପୁରୁଷ- ୭୭.୧୭%<br>ମହିଳା- ୭୩.୭୮% |
| ୧୮. ଜିଲ୍ଲା | - ୭ |
| ୧୯. ଗ୍ରାମ | - ୫,୭୮୨ |
| ୨୦.ସହର | - ୧୬ |
| ୨୧.ଜଙ୍ଗଲ ଜମି | - ୯,୪୯୬ ବର୍ଗ କି.ମି. |
| ୨୨.ପର୍ଯ୍ୟଟନ ସ୍ଥଳୀ | - ଲେଡ଼ି ହାଇବ୍ରିଡ଼ି ପାର୍କ, ପୋଲଗ୍ରାଉଣ୍ଡ, ମିନି ଚିଡ଼ିଆଖାନା। |

## (୬) ନିଯୁକ୍ତି

| | |
|---|---|
| ୧. ରାହୁଲ ଭାଟିଆ | ଏମ.ଡି., ଇଣ୍ଡିଗୋ ଏୟାର ଲାଇନସ୍ |
| ୨. ଅକ୍ଷୟ କୁମାର | ଆମ୍ବାସାଡର, ଉତ୍ତରାଖଣ୍ଡ |
| ୩. ଜଷ୍ଟିସ୍ ମୁନିଶ୍ୱର ନାଥ ଭଣ୍ଡାରୀ | ମୁଖ୍ୟ ବିଚାରପତି, ମାଡ୍ରାସ ହାଇକୋର୍ଟ |
| ୪. ମନୋଜ ଆହୁଜା | ସଚିବ କୃଷିବିଭାଗ, କେନ୍ଦ୍ର ସରକାର |
| ୫. ଡ.ଏସ୍ ଉନ୍ନିକ୍ରିଷ୍ଣନ୍ ନାୟାର | ନର୍ଦ୍ଦେଶକ, ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟର |

## (୭) ଯୋଜନା

| | |
|---|---|
| ୧. ପ୍ରଧାନମନ୍ତ୍ରୀ ଆତ୍ମ ନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନା | କେନ୍ଦ୍ର ସରକାର-୨୫.୧୦.୨୧ |
| ୨. ଆୟୁଷ୍ମାନ ଭାରତ ଡିଜିଟାଲ ମିସନ | କେନ୍ଦ୍ର ସରକାର-୨୭.୦୯.୨୧ |
| ୩. ରେଳ କୌଶଳ ବିକାଶ ଯୋଜନା | କେନ୍ଦ୍ର ସରକାର-୨୭୦୯.୨୧ |
| ୪. ଇ-ଶ୍ରମ | କେନ୍ଦ୍ର ସରକାର-୨୬.୦୮୨୧ |



ମା'ର କଥା ଯିଏ ମାନିନାହିଁ ସେ ସବୁଦିନ ହତଭାଗ୍ୟ ହୋଇ ରହିଯାଇଛି।

## (୮) ଓଡ଼ିଶା

୧. ଅତୀତର ଉଡ୍ର, ଓଡ୍ର, ଉତ୍କଳ ଏବଂ କଳିଙ୍ଗ କାହାର ନାମ ଥିଲା ?
(କ) ବିହାର (ଖ) ଓଡ଼ିଶା
(ଗ) ପଶ୍ଚିମବଙ୍ଗ (ଘ) ଗୁଜରାଟ

୨. କଟକର ପ୍ରାଚୀନ ନାମ କ'ଣ ଥିଲା ?
(କ) ବାରାଣାସୀ କଟକ (ଖ)ପୁରୁଣା କଟକ
(ଗ) ବିଷମ କଟକ (ଘ) ତାପଙ୍ଗ

୩. କଟକ ଆକାଶବାଣୀର ଜନ୍ମ କେବେ ହୋଇଥିଲା ?
(କ) ୧୯୪୭ (ଖ) ୧୯୪୮
(ଗ) ୧୯୫୦ (ଘ) ୧୯୫୨

୪. ଲଡୁବାବା ମନ୍ଦିର ଓଡ଼ିଶାର କେଉଁଠାରେ ଅବସ୍ଥିତ ଅଟେ ?
(କ) ନୟାଗଡ଼ (ଖ) ଖୋରଧା
(ଗ) କେନ୍ଦ୍ରାପଡ଼ା (ଘ) ଶରଣକୂଳ

୫. ସୁନାବେଡ଼ାରେ କେଉଁ କାରଖାନା ଅଛି ?
(କ) ମିଗ୍‌ବିମାନ (ଖ) ସ୍ପଞ୍ଜ ଲୁହା
(ଗ) ଇସ୍ପାତ (ଘ) ଫେରୋସିଲିକନ୍

୬. ଓଡ଼ିଶାରେ ଚିନାମାଟି କେଉଁଠାରୁ ମିଳିଥାଏ ?
(କ) ସର୍ଜପାଲି (ଖ) ଚିଲିକା
(ଗ) କରଞ୍ଜିଆ (ଘ) ସୁକିନ୍ଦା

୭. ମହାନଦୀର ପ୍ରଧାନ ଗଣ୍ଡର ନାମ କ'ଣ ?
(କ) ନରାଜ ଗଣ୍ଡ (ଖ) ସାତକୋଶିଆ
(ଗ) ବିରୂପା ଗଣ୍ଡ (ଘ) ମହାନଦୀ ଗଣ୍ଡ

୮. ଓଡ଼ିଶାର କାଶ୍ମୀର ବୋଲି କାହାକୁ କୁହାଯାଏ ?
(କ) ବୌଦ୍ଧ (ଖ) କୋରାପୁଟ
(ଗ) ଦାରିଙ୍ଗିବାଡ଼ି (ଘ) ଘାଗ୍ରା

୯. ଓଡ଼ିଶାରେ ସୁପର ଥର୍ମାଲ ଷ୍ଟେସନ କେଉଁଠାରେ ଅଛି ?
(କ) କଣିହା (ଖ) ସୁନାବେଡ଼ା
(ଗ) କେନ୍ଦୁଝର (ଘ) ମୟୁରଭଞ୍ଜ

୧୦. ମକର ସଂକ୍ରାନ୍ତି ଓଡ଼ିଆ କେଉଁ ମାସରେ ପଡ଼ିଥାଏ ?
(କ) ପୌଷ (ଖ) ମାଘ
(ଗ) ଫାଲଗୁନ୍ (ଘ) ଚୈତ୍ର

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ
୧୨୬, ୯୮, ୭୦, ୪୧,୧୪
(କ) ୧୨୬ (ଖ) ୭୦ (ଗ) ୪୧ (ଘ) ୧୪

୨. ୫ : ୨୭ : : ୯ : ....?
(କ) ୮୩ (ଖ) ୮୧ (ଗ) ୩୬ (ଘ) ୧୮

୩. ଗୋଟିଏ ଧାଡ଼ିର ଶ୍ରୀନାଥର ଯାଗା ବାମ ଆଡୁ ସପ୍ତମ। ଭେଙ୍କଟର ଯାଗା ଡାହାଣ ଆଡୁ ୧୨। ଯଦି ସେମାନେ ପରସ୍ପର ଯାଗା ବଦଳାନ୍ତି ଶ୍ରୀନାଥର ଯାଗା ବଦଳିଯାଇ ବାମ ଆଡୁ ୨୨ ତମ ହୋଇଯିବ। ତେବେ ସେ ଧାଡ଼ିରେ କେତେଜଣ ପିଲା ଥିଲେ ?
(କ) ୧୯ (ଖ) ୩୧ (ଗ) ୩୩ (ଘ) ୩୪

୪. ଶୂନ୍ୟସ୍ଥାନ ପୂରଣ କର ?
a_b_a_ _n_bb_ abbn
(କ)abnabb(ଖ)bnbban(ଗ)bnbbna(ଘ)babban

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?

| | | |
|---|---|---|
| ୫ | ୯ | ୧୫ |
| ୧୬ | ୨୯ | ? |
| ୪୯ | ୮୯ | ୧୪୭ |

(କ) ୪୫ (ଖ) ୪୮ (ଗ) ୫୧ (ଘ) ୫୪

୬. M ହେଉଛି P ର ପୁଅ। Q ହେଉଛି O ର ଅଣ ନାତୁଣୀ। O ହେଉଛି P ର ସ୍ୱାମୀ। ତେବେ M, O ର ସମ୍ପର୍କରେ କ'ଣ ହେବ ?
(କ) ପୁଅ (ଖ) ଝିଅ (ଗ) ବୋଉ (ଘ) ବାପା

୭. ଯଦି SPARK ର କୋର୍ଡ TQBSL ହୁଏ ତେବେ FLAME ର କୋର୍ଡ କ'ଣ ହେବ ?
(କ)GMBNF(ଖ)GNBNF(ଗ)GMCND(ଘ) GMBMF

୮. ପରବର୍ତ୍ତି ଦୁଇଟି ଅକ୍ଷର କ'ଣ ହେବ ?
B C E H L _ _.
(କ) xy (ଖ) mn (ଗ) qw (ଘ) op

୯. ସାର୍କ, ତିମି , କଇଁଚ ଏହି ଗ୍ରୁପକୁ କେଉଁ ଚିତ୍ରଟି ବୁଝାଉଛି।



(କ) (ଖ) (ଗ) (ଘ)

୧୦. ଅର୍ଥାନୁସାରେ ସଜାଅ ?
(୧) Exhaust (୨) Night (୩) Day (୪) Sleep (୫) Work
(କ)୧୩୫୨୪ (ଖ)୩୫୧୪୨ (ଗ)୩୫୧୨୪ (ଘ)୩୫୨୧୪

### ଉତ୍ତର

୧.(ଖ) ଓଡ଼ିଶା, ୨.(କ) ବାରାଣାସୀ କଟକ, ୩.(ଖ) ୧୯୪୮, ୪.(ଘ) ଶରଣକୂଳ, ୫.(କ) ମିଗ୍‌ବିମାନ, ୬.(ଗ) କରଞ୍ଜିଆ, ୭.(ଖ) ସାତକୋଶିଆ, ୮.(ଗ)ଦାରିଙ୍ଗିବାଡ଼ି, ୯.(କ) କଣିହା, ୧୦.(ଖ) ମାଘ

**୧.** (ଗ) ୪୧, **୨.**(କ) ୮୩, **୩.**(ଗ) ୩୩, **୪.**(ଖ) bnbban, **୫.**(ଖ) ୪୮, **୬.**(କ)ପୁଅ, **୭.**(କ) GMBNF, **୮.**(ଗ) qw, **୯.**(ଗ), **୧୦.**(ଗ) ୩୫୧୨୪



ମୌନ ରହିବାଟା ପଣ୍ଡିତଙ୍କ ସଦ୍‌ଗୁଣ ତଥା ମୂର୍ଖର ରକ୍ଷାକବଚ।

## (୧୦) ଇତିହାସ

୧. ଓଡ଼ିଶାର ଶେଷ ହିନ୍ଦୁ ରାଜା କିଏ ?
(କ) ମୁକୁନ୍ଦଦେବ (ଖ) ଅନଙ୍ଗ ଭୀମଦେବ
(ଗ) ମର୍କତ କେଶରୀ (ଘ) ଯଯାତୀ କେଶରୀ

୨. ଖାରବେଳ କେଉଁ ବଂଶର ସମ୍ରାଟ ଥିଲେ ?
(କ) ସୂର୍ଯ୍ୟ ବଂଶ (ଖ) ଚେଦି
(ଗ) କେଶରୀ (ଘ) ସୋମ ବଂଶ

୩. ଇଂରେଜମାନେ କେବେ ଓଡ଼ିଶା ଅଧିକାର କଲେ ?
(କ) ୧୮୦୧ (ଖ) ୧୮୦୨
(ଗ) ୧୮୦୩ (ଘ) ୧୮୦୪

୪. ଅଶୋକ କେବେ କଳିଙ୍ଗ ଆକ୍ରମଣ କଲେ ?
(କ) ଖ୍ରୀ.ପୂ. ୨୬୧ (ଖ) ଖ୍ରୀ.ପୂ. ୨୬୦
(ଗ) ଖ୍ରୀ.ପୂ ୨୫୦ (ଘ) ଖ୍ରୀ.ପୂ. ୨୦୦

୫. ସୂର୍ଯ୍ୟବଂଶର ପ୍ରତିଷ୍ଠାତା କିଏ ?
(କ) ନୃପକେଶରୀ (ଖ) କପିଳେନ୍ଦ୍ରଦେବ
(ଗ) ଅନଙ୍ଗଭୀମଦେବ (ଘ) ମର୍କତକେଶରୀ

୬. ସୋମବଂଶ ରାଜାମାନେ କେଉଁ ଧର୍ମାଲମ୍ବୀ ଥିଲେ ?
(କ) ଶୈବ (ଖ) ସୂର୍ଯ୍ୟ
(ଗ) ବୌଦ୍ଧ (ଘ) ଜୈନ

୭. କିଏ କୋଣାର୍କ ମନ୍ଦିରର ମୁଣ୍ଡି ମାରିଥିଲେ ?
(କ) ଧର୍ମପଦ (ଖ) ଋଣକ୍ୟ
(ଗ) ଚତୁରାନନ୍ଦ (ଘ) ଶିବେଇ ସାନ୍ତରା

୮. ଖଣ୍ଡଗିରି ଓ ଉଦୟଗିରିରେ କେତୋଟି ଗୁମ୍ଫା ଅଛି ?
(କ) ୧୧୫ (ଖ) ୧୧୬
(ଗ) ୧୧୭ (ଘ) ୧୧୮

୯. ପାଇକ ବିଦ୍ରୋହ କେବେ ହୋଇଥିଲା ?
(କ) ୧୮୧୭ (ଖ) ୧୮୫୭
(ଗ) ୧୯୪୭ (ଘ) ୧୯୪୮

୧୦. ବାରବାଟୀ ଦୁର୍ଗ କେତେ ଶତାବ୍ଦୀରେ ନିର୍ମିତ ହୋଇଥିଲା ?
(କ) ୮ମ (ଖ) ୯ମ
(ଗ) ୧୦ମ (ଘ) ୧୨ଶ

## (୧୧) ବାଣିଜ୍ୟ

୧. ଫ୍ୟୁଚର ରିଟେଲ ଷ୍ଟୋରକୁ କେଉଁ କଂପାନୀ ନିୟନ୍ତ୍ରଣକୁ ନେଲା ?
(କ) ରିଲାଏନ୍ସ (ଖ) ଟିସ୍କୋ
(ଗ) ଆପଲ (ଘ) ମାଇକ୍ରୋସଫ୍ଟ

୨. ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ମାର୍ଚ୍ଚ ୧ ଠାରୁ କେତେ ଟଙ୍କା ବୃଦ୍ଧିପାଇଛି ?
(କ) ୧୦୦ ଟଙ୍କା (ଖ) ୧୦୨ ଟଙ୍କା
(ଗ) ୧୦୪ ଟଙ୍କା (ଘ) ୧୦୫ ଟଙ୍କା

୩. ଫ୍ୟୁଚର କେତୋଟି ତା'ର ଷ୍ଟୋର ହରାଇବାକୁ ଯାଇଛି ?
(କ) ୨୦୦ (ଖ) ୨୨୦
(ଗ) ୨୫୦ (ଘ) ୩୦୦

୪. ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ଼ର ନୂଆ ମୁଖ୍ୟ ଭାବେ କିଏ ପ୍ରଥମ ମହିଳା ନିଯୁକ୍ତି ପାଇଛନ୍ତି ?
(କ) ମାଧବ ପୁରୀ ବୁଚ୍ (ଖ) ନଜମା ହେପତୁଲ୍ଲା
(ଗ) ପଲ୍ଲବୀ ଯୋଶୀ (ଘ) ଚନ୍ଦା କୋଚର

୫. ଋଷିଆ ଓ ୟୁକ୍ରେନ ମଧ୍ୟରେ ଅଶୋଧିତ ତୈଳର ଦାମ କେତେ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧିପାଇଛି ?
(କ) ୮ ବର୍ଷ (ଖ) ୯ବର୍ଷ
(ଗ) ୧୦ବର୍ଷ (ଘ) ୧୨ ବର୍ଷ

୬. କେଉଁ ବ୍ୟାଙ୍କର୍ ସି.ଇ.ଓ. ଭି.ବୈଦ୍ୟନାଥନ ଡ୍ରାଇଭର ସହାୟକଙ୍କୁ ୫ କୋଟି ଦାନ କରିଛନ୍ତି ?
(କ) ଆଇ.ଡ଼ି.ଏଫ୍.ସି ଫାଷ୍ଟ ବ୍ୟାଙ୍କ୍ (ଖ) ଆଇ.ଡ଼ି.ବି.ଆଇ
(ଗ) ଏଚ୍.ଡ଼ି.ଏଫ୍.ସି. (ଘ) ଆଇ.ସି.ଆଇ.ସି.ଆଇ

୭. ଅମୁଲ, କ୍ଷୀର ଦର ଲିଟର ପିଛା କେତେ ଟଙ୍କା ବୃଦ୍ଧି ପାଇଛି ?
(କ) ୪ ଟଙ୍କା (ଖ) ୩ ଟଙ୍କା
(ଗ) ୨ ଟଙ୍କା (ଘ) ୧ ଟଙ୍କା

୮. ସୂର୍ଯ୍ୟମୁଖୀ ଉତ୍ପାଦ ରପ୍ତାନୀ କ୍ଷେତ୍ରରେ ୟୁକ୍ରେନ ଏବଂ ଋଷିଆର ବିଶ୍ୱରେ କେତେ ପ୍ରତିଶତ ଅଟେ ?
(କ) ୪୦% (ଖ) ୪୫%
(ଗ) ୫୦% (ଘ) ୬୦%

୯. ପେଟ୍ରୋଲ ଏବଂ ଡିଜେଲ ଦର ପ୍ରାୟତଃ କେତେ ଟଙ୍କା ଏକ ଲିଟର ପିଛା ବୃଦ୍ଧି ହୋଇପାରେ ?
(କ) ୫ ଟଙ୍କା (ଖ) ୮ ଟଙ୍କା
(ଗ) ୧୦ ଟଙ୍କା (ଘ) ୧୫ ଟଙ୍କା

୧୦. ୟୁଟ୍ୟୁବ୍‌ରେ ପ୍ରାୟ କେତେ ଲକ୍ଷ ଲୋକ ପୂର୍ଣ୍ଣ ଋକିରୀ କରୁଛନ୍ତି ?
(କ) ୬.୨ ଲକ୍ଷ (ଖ) ୬.୩ ଲକ୍ଷ
(ଗ) ୬.୭ ଲକ୍ଷ (ଘ) ୬.୮ ଲକ୍ଷ

**ଉତ୍ତର**

୧.(କ) ମୁକୁନ୍ଦଦେବ, ୨.(ଖ) ଚେଦି, ୩.(ଗ) ୧୮୦୩, ୪.(କ) ଖ୍ରୀ.ପୂ.୨୬୧, ୫.(ଖ) କପିଳେନ୍ଦ୍ରଦେବ, ୬.(କ) ଶୈବ, ୭.(କ) ଧର୍ମପଦ, ୮.(ଗ) ୧୧୭, ୯.(କ) ୧୮୧୭, ୧୦.(ଗ) ୧୦ମ।

୧.(କ) ରିଲାଏନ୍ସ, ୨.(ଘ) ୧୦୫ ଟଙ୍କା, ୩.(ଖ) ୨୨୦, ୪.(କ) ମାଧବ ପୁରୀ ବୁଚ୍, ୫.(କ) ୮ ବର୍ଷ, ୬.(କ) ଆଇ.ଡ଼ି.ଏଫ୍.ସି ଫାଷ୍ଟ ବ୍ୟାଙ୍କ୍, ୭.(ଗ) ୨ ଟଙ୍କା, ୮.(ଗ) ୫୦%, ୯.(ଘ)୧୫ ଟଙ୍କା, ୧୦.(ଘ) ୬.୮ ଲକ୍ଷ।



ଜୀବନରେ ଯାହାର କୌଣସି ଲକ୍ଷ୍ୟନାହିଁ ସେ ହେଉଛି ସମାଜରେ ସବୁଠାରୁ ବଳି ଦରିଦ୍ର।

## (୧୨) ଅର୍ଥନୀତି

୧. ଚଳିତବର୍ଷ ଫେବୃୟାରୀରେ ଓଡ଼ିଶାରେ କେତେ ହଜାର କୋଟି ଟଙ୍କାରୁ ଅଧିକ ଜି.ଏସ୍.ଟି ସଂଗ୍ରହ କରାଯାଇଛି ?
(କ) ୧୦୦୦ କୋଟି (ଖ) ୨୦୦୦ କୋଟି
(ଗ) ୩୦୦୦ କୋଟି (ଘ) ୪୦୦୦ କୋଟି

୨. ଓଡ଼ିଶାରେ ଜି.ଏସ୍.ଟି. ସଂଗ୍ରହ କେତେ ପ୍ରତିଶତ ବୃଦ୍ଧିପାଇଛି ?
(କ) ୨୩% (ଖ) ୨୫%
(ଗ) ୨୬% (ଘ) ୨୮%

୩. ଅକ୍ଟୋବର – ଡିସେମ୍ବର ଜି.ଡ଼ି.ପି. ଅଭିବୃଦ୍ଧି କେତେ ପ୍ରତିଶତ ଦର୍ଶାଯାଇଛି ?
(କ) ୮.୪% (ଖ) ୫.୪%
(ଗ) ୪.୪% (ଘ) ୬.୦%

୪. ଅଟୋମେଟିକ୍ ରୁଟ୍‌ରେ ଏଲ.ଆଇ.ସି.ରେ କେତେ ପ୍ରତିଶତ ଏଫ୍.ଡ଼ି.ଆଇ ବା ପ୍ରତ୍ୟକ୍ଷ ବିଦେଶ ପୁଞ୍ଜି ନିବେଶକୁ କ୍ୟାବିନେଟ ମଂଜୁରୀ ଦେଇଛି ?
(କ) ୧୦% (ଖ) ୨୦%
(ଗ) ୨୫% (ଘ) ୨୭%

୫. ନବନ୍ମୋଷୀ ବିକାଶଦ୍ୱାରା କୃଷି କ୍ଷେତ୍ରରେ ସୁଧାର ନିମନ୍ତେ ଜଳ-ବିଭାଜିକା ପ୍ରକଳ୍ପରେ (ରିଫ୍ୱାର୍ଡ୍) ରେ ବିଶ୍ୱବ୍ୟାଙ୍କ ସହିତ ଭାରତ, କର୍ଣ୍ଣାଟକ ଓ ଓଡ଼ିଶା ସରକାର କେତେ କୋଟି ଟଙ୍କାର ଋଣ ସ୍ୱାକ୍ଷର କରିଛନ୍ତି ?
(କ) ୮୦୦ କୋଟି (ଖ) ୮୦୫ କୋଟି
(ଗ) ୮୫୦ କୋଟି (ଘ) ୮୬୯ କୋଟି

୬. ଜି.ଏସ୍.ଟି ୨୦୧୭ ମସିହା କେଉଁ ମାସଠାରୁ କାର୍ଯ୍ୟକାରୀ ହୋଇଛି ?
(କ) ମାର୍ଚ୍ଚ (ଖ) ଅପ୍ରେଲ
(ଗ) ଜୁନ୍ (ଘ) ଜୁଲାଇ

୭. ଅକ୍ସଫୋର୍ଡ଼ ଇକୋନୋମିକ୍ସର ଏକ ରିପୋର୍ଟ ଅନୁସାରେ ୨୦୨୦ ରେ ୟୁଟ୍ୟୁବ୍‌ର ପ୍ରାୟ କେତେ କୋଟି ଟଙ୍କା ଭାରତୀୟ ଅର୍ଥନୀତିରେ ଯୋଡ଼ି ହୋଇଛି ?
(କ) ୬୦,୦୦୦ (ଖ) ୬୫,୦୦୦
(ଗ) ୭୦,୦୦୦ (ଘ) ୬୮,୦୦୦

୮. ତିନିବର୍ଷ ମଧ୍ୟରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ କେତେ କୋଟି ଗ୍ରାହକ ଯୋଡ଼ି ହୋଇଛନ୍ତି ?
(କ) ୩ କୋଟି (ଖ) ୪ କୋଟି
(ଗ) ୫ କୋଟି (ଘ) ୬ କୋଟି

୯. ଦଖଲ ହୋଇଥିବା ଆଇ.ଟି.ଆର୍ ରେ ଥିବା ତ୍ରୁଟି ସଂଶୋଧନ କରିବାପାଇଁ କେତେ ବର୍ଷ ମଧ୍ୟରେ ଅପଡ଼େଟ୍ ରିଟର୍ଣ୍ଣ ଦାଖଲ ହୋଇପାରିବ ?
(କ) ୪ ବର୍ଷ (ଖ) ୨ ବର୍ଷ
(ଗ) ୧ ବର୍ଷ (ଘ) ୩ ବର୍ଷ

୧୦. ୨୦୨୧ – ୨୨ ରେ ପ୍ରତିଦିନ କେତେ କି.ମି ପର୍ଯ୍ୟନ୍ତ ରାଜପଥ ନିର୍ମାଣ କରାଯାଇଛି ?
(କ) ୩୬.୫ କି.ମି (ଖ) ୩୦.୧ କି.ମି
(ଗ) ୧୧.୭ କି.ମି (ଘ) ୩୫.୨ କି.ମି ।

## (୧୩) କ୍ରୀଡ଼ା

୧. ୨୦୨୨ର ୱିଣ୍ଟର୍ ଅଲିମ୍ପିକ୍ ବା ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ା ଚୀନର କେଉଁଠାରେ ଆୟୋଜିତ ହୋଇଥିଲା ?
(କ) ହାଙ୍ଗଝାଉ (ଖ) ନାନଜିଂ (ଗ) ବେଜିଂ (ଘ) ତିଆନ୍‌ଜିନ୍

୨. ୨୦୨୨ର ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ାରେ କେଉଁ ଦେଶ ସର୍ବାଧିକ ପଦକ ଜିତିଛି ?
(କ) ଚୀନ୍ (ଖ) ନରୱେ (ଗ) ଜର୍ମାନୀ (ଘ) ରୁଷିଆ

୩. ୨୦୨୨ର ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ାରେ ସର୍ବାଧିକ ସଫଳତା ହାସଲ କରିଥିବା ସେହି ଦେଶକୁ କେତୋଟି ସ୍ୱର୍ଣ୍ଣ ପଦକ ମିଳିଛି ?
(କ) ୧୪ଟି (ଖ) ୧୪ଟି (ଗ) ୧୫ଟି (ଘ) ୧୬ଟି

୪. ୨୦୨୨ର ଶୀତକାଳୀନ ଅଲିମ୍ପିକ୍‌ର ପୁରୁଷ ଆଇସ୍ ହକି ଖେଳରେ କେଉଁ ଦେଶ ସ୍ୱର୍ଣ୍ଣ ପଦକ ଜିତିଛି ?
(କ) ରୁଷିଆ (ଖ) କାନାଡ଼ା (ଗ) ସ୍ଲୋଭାକିଆ (ଘ) ଫିନ୍‌ଲାଣ୍ଡ

୫. ୨୦୨୨ର ଶୀତକାଳୀନ ଅଲିମ୍ପିକ୍‌ର ମହିଳା ବିଭାଗର ଆଇସ୍ ହକି ପ୍ରତିଯୋଗିତାରେ କେଉଁ ଦେଶ ସ୍ୱର୍ଣ୍ଣ ପଦକ ଜିତିଛି ?
(କ) ସ୍ୱିଡେନ୍(ଖ) କାନାଡ଼ା (ଗ) ଫିନଲାଣ୍ଡ (ଘ) ଜର୍ମାନୀ

୬. ୨୦୨୨ର ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ାରେ ସର୍ବାଧିକ ଚାରିଟି ସ୍ୱର୍ଣ୍ଣ ପଦକ ଜିତିଥିବା ୟୋହାନସ୍ ବୋଏ କେଉଁ ଦେଶର ଖେଳାଳି ?
(କ) ନରୱେ (ଖ) ସ୍ୱିଡେନ୍ (ଗ) ଫିନଲାଣ୍ଡ (ଘ) ଡେନମାର୍କ

୭. ୨୦୨୨ର ଶୀତକାଳୀନ ଅଲିମ୍ପିକ୍‌ର କେଉଁ ଖେଳରେ ୟୋହାନସ୍ ବୋଏ ଚାରିଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି ?
(କ) କ୍ରସ୍‌କଣ୍ଟ୍ରି ସ୍କିଇଂ (ଖ) ନୋରଡିକ୍ ସ୍କିଇଂ
(ଗ) ବାୟାଥେଲନ୍ (ଘ) ସ୍ପିଡ୍ ସ୍କେଟିଂ

୮. ୨୦୨୨ର ଶୀତକାଳୀନ ଅଲିମ୍ପିକ୍‌ରେ ମୋଟ କେତୋଟି ଦେଶ ପଦକ ଜିତିବାରେ ସମର୍ଥ ହୋଇଛି ?
(କ) ୨୮ଟି (ଖ) ୨୯ଟି (ଗ) ୩୦ଟି (ଘ) ୩୧ଟି

୯. ୨୦୨୨ର ଶୀତକାଳିନ ଅଲିମ୍ପିକ୍‌ରେ ଭାଗ ନେଇଥିବା ଏକମାତ୍ର ଭାରତୀୟ ଖେଳାଳିଙ୍କ ନାମ କଣ ?
(କ) ଆରିଫ ମହମ୍ମଦ ଖାନ୍ (ଖ) ନଦୀମ୍ ଇକବାଲ୍
(ଗ) ହିମାଂଶୁ ଠାକୁର (ଘ) ଜଗଦୀଶ ସିଂହ

୧୦. ଶିବା କେଶବନ ଏକମାତ୍ର ଭାରତୀୟ ଭାବେ ଛଅଟ ୱିଣ୍ଟର୍ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିଛନ୍ତି । ସେ କେଉଁ ଖେଳରେ ଭାଗ ନେଉଥିଲେ ?
(କ) ଆଲପାଇନ୍ ସ୍କିଇଂ (ଖ) ସ୍ପିଡ୍ ସ୍କେଟିଂ
(ଗ) ବବ୍‌ସ୍ଲେଜ୍ (ଘ) ଲ୍ୟୁଜ୍

**ଉତ୍ତର**

୧.(ଘ) ୪୦୦୦ କୋଟି, ୨.(କ) ୨୩%, ୩.(ଖ) ୫.୪%, ୪.(ଖ) ୨୦%,୫, ୬.(ଘ) ଜୁଲାଇ, ୭.(ଘ) ୬୮,୦୦୦, ୮.(ଗ) ୫ କୋଟି, ୯.(ଖ) ୨ ବର୍ଷ, ୧୦.(କ) ୩୬.୫ କି.ମି ।

୧.(ଗ) ବେଜିଂ, ୨.(ଖ) ନରୱେ, ୩.(ଘ) ୧୬ଟି, ୪.(ଘ) ଫିନ୍‌ଲାଣ୍ଡ, ୫.(ଖ) କାନାଡ଼ା, ୬.(କ) ନରୱେ, ୭.(ଗ) ବାୟାଥେଲନ୍, ୮.(ଖ) ୨୯ଟି, ୯.(କ) ଆରିଫ ମହମ୍ମଦ ଖାନ୍, ୧୦.(ଘ) ଲ୍ୟୁଜ୍



ଜୀବନର ଶେଷ ଲକ୍ଷ୍ୟ ସୁଖ ନୁହେଁ – ଚରିତ୍ରବତ୍ତା ହିଁ ସମସ୍ତଙ୍କର ଲକ୍ଷ୍ୟହେବା ଉଚିତ୍ ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ସାହିତ୍ୟ, ସାମ୍ବାଦିକତା ତଥା ଅନ୍ୟାନ୍ୟ କ୍ଷେତ୍ରରେ ଦିଆଯାଉଥିବା ପୁଲିତ୍‌ଜର ପୁରସ୍କାର କେଉଁ ଦେଶରେ ପ୍ରଦାନ କରାଯାଇଥାଏ ?
(କ) ଅଷ୍ଟ୍ରେଲିଆ (ଖ) ଗ୍ରେଟ ବ୍ରିଟେନ୍
(ଗ) ଯୁକ୍ତରାଷ୍ଟ୍ର ଆମେରିକା (ଘ) ଦକ୍ଷିଣ ଆଫ୍ରିକା

୨. ନିମ୍ନଲିଖିତ ବିଶ୍ୱପ୍ରସିଦ୍ଧ ଇଂରାଜୀ ସାହିତ୍ୟିକମାନଙ୍କ ମଧ୍ୟରୁ କାହାର ଜନ୍ମ ଭାରତର ଉତ୍ତରାଖଣ୍ଡ ରାଜ୍ୟରେ ହୋଇଛି ?
(କ) ନୀରୋଦ ସି. ଚୌଧୁରୀ (ଖ) ରସ୍କିନ୍ ବଣ୍ଡ
(ଗ) ବିକ୍ରମ ସେଠ୍ (ଘ) ସଲମାନ୍ ରସଦୀ

୩. ୧୯୦୭ରେ ସାହିତ୍ୟ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପାଇଥିବା ରୁଡିୟାଡ୍ କିପ୍‌ଲିଙ୍ଗଙ୍କ ଜନ୍ମ କେଉଁ ଦେଶରେ ହୋଇଥିଲା ?
(କ) ଭାରତ (ଖ) କାନାଡ଼ା (ଗ) ଶ୍ରୀଲଙ୍କା (ଘ) ଅଷ୍ଟ୍ରେଲିଆ

୪. ନିମ୍ନଲିଖିତ ମଧ୍ୟରୁ କେଉଁ କାବ୍ୟଟି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନା ନୁହେଁ ?
(କ) ବୈଦେହିଶ ବିଳାସ (ଖ) ଲାବଣ୍ୟବତୀ
(ଗ) କଳାକୌତୁକ (ଘ) ପ୍ରଣୟବଲ୍ଲରୀ

୫. ଜାବ୍ରୋ ନାମକ ନୃତ୍ୟଟି କେଉଁ କେନ୍ଦ୍ରଶାସିତ ପ୍ରଦେଶର ଏକ ପ୍ରସିଦ୍ଧ ଲୋକନୃତ୍ୟ ଅଟେ ?
(କ) ପଣ୍ଡିଚେରୀ (ଖ) ଆଣ୍ଡାମାନ ଓ ନିକୋବର
(ଗ) ଲଦ୍ଦାଖ୍ (ଘ) ଲାକ୍ଷାଦ୍ୱୀପ

୬. ଭଗବାନ ଆୟାପ୍ପା ସ୍ୱାମୀଙ୍କ ମନ୍ଦିର କେରଳ ରାଜ୍ୟର କେଉଁ ସହରରେ ରହିଛି ?
(କ) ତିରୁଚିରାପଲ୍ଲୀ (ଖ) ଶାବରୀମାଲା
(ଗ) ତିରୁଓ୍ୱନନ୍ତପୁରମ୍ (ଘ) ତ୍ରିଚୁର

୭. ୟୁରୋପର ଖ୍ୟାତନାମା ଚିତ୍ରକର ତଥା ସ୍ଥପତି ପାବ୍ଲୋ ପିକାସୋ କେଉଁ ଦେଶର ନାଗରିକ ଥିଲେ ?
(କ) ଫ୍ରାନ୍ସ (ଖ) ଇଟାଲୀ (ଗ) ଜର୍ମାନୀ (ଘ) ସ୍ପେନ୍

୮. ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରଥଯାତ୍ରା କେବେ ଅନୁଷ୍ଠିତ ହୋଇଥାଏ ?
(କ) ମହା ଶିବରାତ୍ରି (ଖ) ଅଶୋକାଷ୍ଟମୀ
(ଗ) ରାମନବମୀ (ଘ) ଦୋଳପୂର୍ଣ୍ଣିମା

୯. ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମ କେଉଁ ଦିନ ହୋଇଥିଲା ?
(କ) ଦୋଳ ପୂର୍ଣ୍ଣିମା (ଖ) ମକର ସଂକ୍ରାନ୍ତି
(ଗ) ପୌଷ ପୂର୍ଣ୍ଣିମା (ଘ) ମହା ବିଷୁବ ସଂକ୍ରାନ୍ତି

୧୦. ନିମ୍ନଲିଖିତ ମଧ୍ୟରୁ କେଉଁ ସ୍ଥାନଟି ଶ୍ରୀରାଧାଙ୍କ ଜନ୍ମସ୍ଥାନ ଅଟେ ?
(କ) ବୃନ୍ଦାବନ (ଖ) ଗୋକୁଲ୍ (ଗ) ଗୋବର୍ଦ୍ଧନ (ଘ) ବରସାନା

## (୧୫) ଭୂଗୋଳ

୧. ୟୁରୋପ ଓ ଏସିଆ ମହାଦେଶର ସୀମା ନିର୍ଦ୍ଧାରଣ କରୁଥିବା ପର୍ବତମାଳାର ନାମ କ'ଣ ?
(କ) ଆଲ୍‌ପ୍‌ସ (ଖ) ୟୁରାଲ୍ (ଗ) ପିରେନିଜ୍ (ଘ) ରକି

୨. ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଥିବା ଗୋରୁମହିଷାଣି ଓ ବାଦାମପାହାଡ଼ରୁ କେଉଁ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଏ ?
(କ) ଲୁହାପଥର (ଖ) ମାଙ୍ଗାନିଜ୍
(ଗ) ବକ୍‌ସାଇଟ୍ (ଘ) ଚୁନପଥର

୩. ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ରାଜ୍ୟଟି କାନାଡ଼ାର ଉତ୍ତର ପଶ୍ଚିମ ଦିଗରେ ଥିବା ବେରିଂ ପ୍ରଣାଳୀ ନିକଟରେ ଅବସ୍ଥିତ ?
(କ) ଓ୍ୱାସିଙ୍ଗଟନ୍ (ଖ) ଓରେଗନ୍
(ଗ) ମୋଣ୍ଟାନା (ଘ) ଆଲାସ୍କା

୪. ଆଫ୍ରିକା ମହାଦେଶର ଉଚ୍ଚତମ ପର୍ବତଶୃଙ୍ଗ ମାଉଣ୍ଟ କିଲିମାନ୍‌ଜାରୋ କେଉଁ ଦୁଇଟି ଦେଶ ସୀମାରେ ଅବସ୍ଥିତ ?
(କ) କେନିୟା-ତାଞ୍ଜାନିଆ (ଖ) ସୁଦାନ-କେନିୟା
(ଗ) ଇଥିଓପିଆ-ସୋମାଲିଆ (ଘ) ତାଞ୍ଜାନଆ-ଜାମ୍ବିଆ

୫. ନିମ୍ନଲିଖିତ ମଧ୍ୟରୁ କେଉଁ ସାମୁଦ୍ରିକ ସ୍ରୋତଟି ଭାରତ ମହାସାଗରରେ ଅବସ୍ଥିତ ମାଡ଼ଗାସ୍କର ଦ୍ୱୀପ ନିକଟରେ ପ୍ରବାହିତ ହୋଇଥାଏ ?
(କ) ବେଙ୍ଗୁଏଲା ସ୍ରୋତ (ଖ) ଆଗ୍ୟୁଲାସ୍ ସ୍ରୋତ
(ଗ) ମୋଜାମ୍ବିକ୍ ସ୍ରୋତ (ଘ) କ୍ୟୁରାଇଲ୍ ସ୍ରୋତ

୬. ଫ୍‌ନମ୍ ପେନ୍ (Phnom Penh) ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?
(କ) ଥାଇଲାଣ୍ଡ(ଖ) ମ୍ୟାନ୍‌ମାର (ଗ) ଲାଓସ୍(ଘ) କାମ୍ବୋଡ଼ିଆ

୭. ପୃଥିବୀକୁ ସମୁଦାୟ କେତୋଟି ସମୟ କ୍ଷେତ୍ର ବା ଟାଇମ୍ ଜୋନ୍‌ରେ ବିଭକ୍ତ କରାଯାଇଛି ?
(କ) ୨୦ଟି (ଖ) ୨୨ଟି (ଗ) ୨୪ଟି (ଘ) ୨୬ଟି

୮. ରେଶମ ବା Silk ଉତ୍ପାଦନରେ କେଉଁ ଦେଶ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି ?
(କ) ଚୀନ୍ (ଖ) ଭାରତ (ଗ) ରୁଷିଆ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୯. କେଉଁ ଦେଶରେ ଦେଖାଯାଉଥିବା ତୃଣଭୂମି ଅଞ୍ଚଳ ଡାଉନସ୍ ନାମରେ ପରିଚିତ ?
(କ) ଆର୍ଜେଣ୍ଟିନା (ଖ) ଦକ୍ଷିଣ ଆଫ୍ରିକା
(ଗ) ବ୍ରାଜିଲ୍ (ଘ) ଅଷ୍ଟ୍ରେଲିଆ

୧୦. ଭୂମଧ୍ୟ ସାଗର ଓ ଲୋହିତ ସାଗରକୁ ସଂଯୁକ୍ତ କରୁଥିବା ସୁଏଜ୍ କେନାଲ୍ କେଉଁ ଦେଶରେ ଅବସ୍ଥିତ ?
(କ) ଇସ୍ରାଏଲ୍ (ଖ) ଇଜିପ୍ଟ (ଗ) ସାଉଦି ଆରବ (ଘ) ସୁଦାନ୍

**ଉତ୍ତର**

୧.(ଗ) ଯୁକ୍ତରାଷ୍ଟ୍ର ଆମେରିକା, ୨.(ଖ)ରସ୍କିନ୍ ବଣ୍ଡ, ୩.(କ) ଭାରତ, ୪.(ଘ) ପ୍ରଣୟବଲ୍ଲରୀ, ୫.(ଗ) ଲଦ୍ଦାଖ୍, ୬.(ଖ) ଶାବରୀମାଲା, ୭.(ଘ) ସ୍ପେନ, ୮.(ଖ) ଅଶୋକାଷ୍ଟମୀ, ୯.(କ)ଦୋଳ ପୂର୍ଣ୍ଣିମା, ୧୦.(ଘ) ବରସାନା

**୧.**(ଖ) ୟୁରାଲ୍, **୨.**(କ) ଲୁହାପଥର, **୩.**(ଘ) ଆଲାସ୍କା, **୪.**(କ) କେନିୟା-ତାଞ୍ଜାନିଆ, **୫.**(ଖ) ଆଗ୍ୟୁଲାସ୍ ସ୍ରୋତ, **୬.**(ଘ) କାମ୍ବୋଡ଼ିଆ, **୭.(ଗ)** ୨୪ଟି, ୮.(କ) ଚୀନ୍, **୯.**(ଘ) ଅଷ୍ଟ୍ରେଲିଆ, **୧୦.**(ଖ) ଇଜିପ୍ଟ



ଦାନୀ ଦେଇ ଦେଇ ଧନୀ ହୋଇଯାଏ ଏବଂ ଲୋଭୀ ରଖି ରଖି ଦରିଦ୍ର ହୋଇଯାଏ ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଆଇନ ଅମାନ୍ୟ ଆନ୍ଦୋଳନ କେବେ ହୋଇଥିଲା ?
(କ)୧୯୦୯(ଖ)୧୯୩୦ (ଗ)୧୯୩୫ (ଘ)୧୯୪୭

୨. ରାଷ୍ଟ୍ରର କେଉଁ ଉପାଦାନ ଏହାକୁ ଅନ୍ୟ ସଂଘମାନଙ୍କଠାରୁ ପୃଥକ୍ କରାଏ ?
(କ) ଜନସଂଖ୍ୟା (ଖ)ଭୂଖଣ୍ଡ (ଗ)ସରକାର (ଘ)ସାର୍ବଭୌମତ୍ୱ

୩. ଜାତିସଂଘ ନିରାପତ୍ତା ପରିଷଦରେ ମୋଟ ସଦସ୍ୟ ସଂଖ୍ୟା କେତେ ?
(କ)୫ (ଖ) ୧୦ (ଗ)୧୫ (ଘ)୨୦

୪. କେଉଁ ଦେଶର ସମ୍ବିଧାନ ଅଲିଖିତ ସମ୍ବିଧାନର ଉତ୍କୃଷ୍ଟ ଉଦାହରଣ ?
(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ଭାରତ
(ଗ) ଅଷ୍ଟ୍ରେଲିଆ (ଘ) ଇଂଲଣ୍ଡ

୫. ଭାରତୀୟ ରାଷ୍ଟ୍ରସଂଘରେ କେତୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରହିଛି ?
(କ)୨୫,୭ (ଖ) ୨୭,୯ (ଗ)୨୯,୭ (ଘ)୨୯,୯

୬. ରାଜ୍ୟସଭାର ପଦପ୍ରଯୁକ୍ତ ଅଧ୍ୟକ୍ଷ କିଏ ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଉପରାଷ୍ଟ୍ରପତି (ଘ) ପ୍ରଧାନ ବିଚାରପତି

୭. ରାଜ୍ୟସଭା ଓ ବିଧାନ ପରିଷଦ ସଦସ୍ୟମାନଙ୍କ କାର୍ଯ୍ୟକାଳ କେତେ ବର୍ଷ ?
(କ) ୪(ଖ)୫ (ଗ)୬ (ଘ)୭

୮. ବର୍ତ୍ତମାନ ଲୋକସଭାର ସଦସ୍ୟ ସଂଖ୍ୟା ୫୪୫ । ଏହି ବ୍ୟବସ୍ଥା କେଉଁ ଜନଗଣନା ପର୍ଯ୍ୟନ୍ତ ବଳବତ୍ତର ରହିବ ।
(କ)୨୦୨୧ (ଖ)୨୦୨୬ (ଗ)୨୦୧୬ (ଘ)୨୦୩୧

୯. ଉଚ୍ଚନ୍ୟାୟାଳୟର ବିଚାରପତିଙ୍କର ଅବସର ବୟସ କେତେବର୍ଷ ?
(କ) ୬୦ (ଖ)୬୨ (ଗ)୬୫ (ଘ)୫୮

୧୦. ପୁଲିସ ବ୍ୟବସ୍ଥା କେଉଁ ତାଲିକାଭୁକ୍ତ ବିଷୟ ?
(କ) କେନ୍ଦ୍ର (ଖ) ରାଜ୍ୟ (ଗ) କେନ୍ଦ୍ର ଓ ରାଜ୍ୟ (ଘ) ଅବଶିଷ୍ଟ

## (୧୭) କମ୍ପ୍ୟୁଟର ଶିକ୍ଷା

୧. କୌଣସି ଡକ୍ୟୁମେଣ୍ଟକୁ କପି କରିବାପାଇଁ କେଉଁ ସଟ୍‌କଟ୍ କି ବ୍ୟବହାର କରାଯାଏ ?
(କ) Shift+P (ଖ) Cntrl+P
(ଗ) Shift+C (ଘ) Cntrl+C

୨. ଆଲାଇନ୍‌ମେଣ୍ଟ ବଟମ୍ କେଉଁ ଟୁଲ୍‌ବାର୍‌ରେ ଉପଲବ୍ଧ ହୁଏ ?
(କ) ଷ୍ଟାଟସ୍ (ଖ) ଷ୍ଟାଣ୍ଡାର୍ଡ୍
(ଗ) ଫର୍ମାଟିଙ୍ଗ୍ (ଘ) କୌଣସିଟି ନୁହେଁ

୩. ଏଡିଟ୍ ମେନୁର କେଉଁଟି ଏକ ଅପସନ୍ ନୁହେଁ ?
(କ) କଟ୍ (ଖ) କପି
(ଗ) ପେଷ୍ଟ (ଘ) ପେଜ୍ ସେଟ୍‌ଅପ୍

୪. ଟେକ୍ସଟ୍‌ର ରଙ୍ଗ ପରିବର୍ତ୍ତନ କରି ହେବ କି ?
(କ) ହଁ (ଖ)ନାହିଁ
(ଗ) କୌଣସିଟି ନୁହେଁ

୫. ଏମ୍ ଏସ୍-ଏକ୍ସେଲ୍‌ରେ ବର୍ତ୍ତମାନର ସମୟ ରଖିବା ପାଇଁ କେଉଁ ସଟ୍‌କଟ୍‌କି ବ୍ୟବହାର କରାଯାଏ ?
(କ) Cntrl+L (ଖ) Cntrl+;
(ଗ) Cntrl+P (ଘ) Cntrl+V

୬. ଏମ୍ ଏସ୍-ଏକ୍ସେଲ୍‌ର ଫାଇଲ୍‌ର ଡିଫଲ୍ଟ ଏକ୍ସଟେନ୍‌ସନ୍ କେଉଁଟି ?
(କ) XLs (ଖ) XLw
(ଗ) Wk1 (ଘ) 123

୭. PROTOCOL କାହାକୁ ନେଇ ଗଠିତ ?
(କ) TCD/IT (ଖ) TCP/IP
(ଗ) TCP/IT (ଘ) TCT/IP

୮. ୮ ବିଟ୍‌କୁ କ'ଣ କୁହାଯାଏ ?
(କ) ବାଇଟ୍ (ଖ) ଓ୍ୱାର୍ଡ
(ଗ) ରେକର୍ଡ (ଘ) ଫାଇଲ୍

୯. ଅଧିକ ସଂଖ୍ୟକ ଚେକ୍‌କୁ କାହାଦ୍ୱାରା ଶୀଘ୍ର ପ୍ରୋସେସ୍ କରିହୁଏ ?
(କ) OCR (ଖ) MICR
(ଗ) OMR (ଘ) ଉପରୋକ୍ତ ସମସ୍ତ

୧୦. FAT ର ପୂରା ନାମ କ'ଣ ?
(କ)File Access Tape (ଖ)File Allocation Tape
(ଗ)File Allocation Table (ଘ)File Activity Table

### ଉତ୍ତର

**୧.**(ଖ) ୧୯୩୦ , **୨.**(ଘ) ସାର୍ବଭୌମତ୍ୱ, **୩.**(ଗ) ୧୫, **୪.**(ଘ) ଇଂଲଣ୍ଡ, **୫.**(ଗ) ୨୯,୭, **୬.**(ଗ) ଉପରାଷ୍ଟ୍ରପତି, **୭.**(ଗ) ୬,୮୮, (ଖ) ୨୦୨୬, **୯.**(ଖ) ୬୨, **୧୦.**(ଖ) ରାଜ୍ୟ

**୧.**(ଘ) Cntrl+C, **୨.**(ଗ) ଫର୍ମାଟିଙ୍ଗ୍, **୩.**(ଘ) ପେଜ୍ ସେଟ୍‌ଅପ୍, **୪.**(କ) ହଁ, **୫.**(ଖ) Cntrl+;, **୬.**(କ)XLs, **୭.**(ଖ)TCP/IP, **୮.**(କ) ବାଇଟ୍, **୯.**(ଖ) MICR, **୧୦.**(ଖ) File Allocation Tape



ଲୋଭୀଲୋକଙ୍କୁ ଭଗବାନଙ୍କ ଶାସ୍ତି ଯେ, ସେ ନିଜର ସମ୍ପତ୍ତି ଭୋଗ କରିପାରେନାହିଁ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ( a - ୨), (୨, ୫) ଓ (୨, ୧୦) ବିନ୍ଦୁ ତ୍ରୟ ଏକ ସରଳରେଖାରେ ଅବସ୍ଥିତ ହେଲେ "a" ର ମାନ କେତେ ?
(କ) -୨ (ଖ) ୦ (ଗ) ୨ (ଘ) ୩

୨. ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ ୮ ସେ.ମି । ଏହାର ଦୁଇଟି ସମାନ୍ତର ସ୍ପର୍ଶକ ମଧ୍ୟରେ ଦୂରତା କେତେ ସେ.ମି ?
(କ) ୪ (ଖ) ୮ (ଗ) ୧୨ (ଘ) ୧୬

୩. ୨୧ ସେ.ମି ବ୍ୟାସାର୍ଦ୍ଧ ବିଶିଷ୍ଟ ଋପର ଡିଗ୍ରୀ ପରିମାପ ୩୬ ହେଲେ, ଋପଟିର ଦୈର୍ଘ୍ୟ କେତେ ସେ.ମି ହେବ ?
(କ) ୫୨.୮ (ଖ) ୩୯.୬ (ଗ) ୨୬.୪ (ଘ) ୧୩.୨

୪. ନିମ୍ନଲିଖିତ କେଉଁ ସଂଖ୍ୟାକୁ ଦର୍ପଣ ସାମନାରେ ଦେଖିଲେ ସେହି ସଂଖ୍ୟାର କୌଣସି ପରିବର୍ତ୍ତନ ଘଟିବ ନାହିଁ ?
(କ)1331 (ଖ)1381 (ଗ)1881 (ଘ)1818

୫. ୧+ ୩ + ୫ +........ ରେ S କେତେ ?
(କ) ୯୦ (ଖ) ୯୫ (ଗ) ୧୦୫ (ଘ) ୧୦୦

୬. ପ୍ରଥମ କୋଡ଼ିଏଟି ଗଣନ ସଂଖ୍ୟାର ମାଧ୍ୟମାନ କେତେ ?
(କ) ୧୦ (ଖ) ୧୦.୫ (ଗ) ୧୧ (ଘ) ୧୧.୫

୭. ନିମ୍ନ ଲବ୍ଧାଙ୍କମାନଙ୍କର ଗରିଷ୍ଠକ କେତେ ?
୫,୬,୭,୭,୮,୯,୯,୯,୧୦,୧୦,୧୧,୧୨,୧୨,୧୨।
(କ) ଗରିଷ୍ଠକ ନାହିଁ (ଖ) ୧୨ (ଗ) ୯ଏବଂ୧୨ (ଘ) ୯

୮. ସମାନ୍ତର ପ୍ରଗତିରେ ଥିବା ଗୋଟିଏ ଅନୁକ୍ରମର ପ୍ରଥମ ପଦ ୪ ଓ ଶେଷ ପଦ ୭୬। ଏଥିରେ ତିନୋଟି ମଧ୍ୟକ ଥିଲେ ୨ୟ ମଧ୍ୟକଟି କେତେ ?
(କ) ୧୮ (ଖ) ୨୨ (ଗ) ୩୬ (ଘ) ୪୦

୯. ଗୋଟିଏ ମୁଦ୍ରାକୁ ୩୦ ଥର ଟସ୍ କରିବାରୁ 'H' ଯେତେଥର ଆସିଲା ତା'ର ଦୁଇଗୁଣ ଥର 'T' ଆସିଲା। 'T' ର ମୂଲ୍ୟ କେତେ ?
(କ) ୨୦ (ଖ) ୧୦ (ଗ) ୨/୩ (ଘ) ୧/୩

୧୦. କେଉଁ ସଂଖ୍ୟାରେ ୪ଯୋଗ କଲେ କିମ୍ବା ସଂଖ୍ୟାଟିକୁ ୪ ଦ୍ୱାରା ଗୁଣନ କଲେ ସମାନ ଫଳ ମିଳେ ?
(କ)୪ (ଖ)୬ (ଗ) ୪/୩ (ଘ)୧୨

## (୧୯) ସାଧାରଣ ବିଜ୍ଞାନ

୧. ଜାତୀୟ ଗଣିତ ଦିବସ କେବେ ପାଳନ କରାଯାଏ ?
(କ) ୨୩ ଡିସେମ୍ବର (ଖ) ୨୫ ନଭେମ୍ବର
(ଗ) ୨୨ ଜାନୁୟାରୀ (ଘ) ୨୮ ମାର୍ଚ୍ଚ

୨. କେଉଁ ପ୍ରାଣୀଟି ବେଶୀ ଲମ୍ବା ଅଟେ ?
(କ) ଓଟ (ଖ) ଜିରାଫ
(ଗ) ହାତୀ (ଘ) ଘୋଡ଼ା

୩. କେଉଁଠୁ ମଣିଷକୁ ମାର୍ସ କରୋନା ଭାଇରସ ସଂକ୍ରମିତ ହୋଇଥିଲା ?
(କ) ବାଦୁଡ଼ି (ଖ) କୁକୁର
(ଗ) ଓଟ (ଘ) ବିଲେଇ

୪. ନିମ୍ନ ଧାତୁମାନଙ୍କ ମଧ୍ୟରୁ କେଉଁଟିର ନମନୀୟ ଗୁଣ ଅଧିକ ?
(କ) ତମ୍ବା (ଖ) ଲୁହା
(ଗ) ରୂପା (ଘ) ଦସ୍ତା

୫. ମଙ୍ଗଳ ଗ୍ରହରେ କେତୋଟି ଓପଗ୍ରହ ଅଛି ?
(କ) ୨ଟି (ଖ) ୩ଟି
(ଗ) ୪ଟି (ଘ) ୬ଟି

୬. ଗୋଟିଏ ଅଣ୍ଡାରେ କେତେ ଗ୍ରାମ୍‌ର ପୁଷ୍ଟିସାର ଥାଏ ?
(କ) ୩ ଗ୍ରାମ୍ (ଖ) ୪ ଗ୍ରାମ୍
(ଗ) ୫ ଗ୍ରାମ୍ (ଘ) ୭ ଗ୍ରାମ୍

୭. ଅଣ୍ଡାରେ ସାଧାରଣତଃ କେତେ ଗ୍ରାମ୍‌ର ଶ୍ୱେତସାର ଜାତୀୟ ଖାଦ୍ୟ ଥାଏ ?
(କ) ୧ ଗ୍ରାମ୍‌ରୁ କମ୍ (ଖ) ୨ ଗ୍ରାମ୍
(ଗ) ୩ ଗ୍ରାମ୍ (ଘ) ୪ ଗ୍ରାମ୍

୮. ମ୍ୟାଗ୍ନେସିୟମ୍ ପାତକୁ ଜଳାଇବାକୁ କ'ଣ କୁହାଯାଏ ?
(କ) ଦହନ (ଖ) ଜାରଣ
(ଗ) ସଂଶ୍ଲେଷଣ (ଘ) ଉପରୋକ୍ତ ସମସ୍ତ

୯. କେଉଁ ପ୍ରକ୍ରିୟାରେ ଅମ୍ଳଜାନ ଯୋଗ ହୁଏ ?
(କ) ଜାରଣ (ଖ) ବିଜାରଣ
(ଗ) ଜାରଣ - ବିଜାରଣ (ଘ) ସଂଖ୍ୟାରଣ

୧୦. କେଉଁ ପକ୍ରିୟାରେ ହାଇଡ୍ରୋଜେନ୍ ଯୋଗ ହୁଏ ?
(କ) ଜାରଣ (ଖ) ବିଜାରଣ
(ଗ) ଜାରଣ - ବିଜାରଣ (ଘ) ସଂଖ୍ୟାରଣ

### ଉତ୍ତର

୧. (ଗ) ୨ ୨. (ଘ) ୧୬
୩. (ଘ) ୧୩.୨ ୪. (ଗ)୧୮୮୧
୫. (ଘ) ୧୦୦ ୬. (ଖ) ୧୦.୫
୭. (ଗ) ୯ ଏବଂ ୧୨ ୮. (ଘ) ୪୦
୯. (ଗ) ୨/୩ ୧୦.(ଗ)୪/୩

୧.(କ) ୨୩ ଡିସେମ୍ବର, ୨.(ଖ) ଜିରାଫ, ୩.(କ)ବାଦୁଡ଼ି, ୪.(ଗ) ରୂପା, ୫.(କ) ୨ଟି, ୬.(ଘ) ୭ ଗ୍ରାମ୍, ୭.(କ) ୧ ଗ୍ରାମ୍‌ରୁ କମ୍, ୮.(ଘ) ଉପରୋକ୍ତ ସମସ୍ତ, ୯.(କ) ଜାରଣ, ୧୦.(ଖ) ବିଜାରଣ



ଭଗବାନଙ୍କ ଇଚ୍ଛା ପୂର୍ଣ୍ଣହେଉ - କେବଳ ଏତିକି ଯେଉଁଲୋକ ଇଚ୍ଛାକରୁଛି ସେ ନିଶ୍ଚୟ ଶାନ୍ତିରେ ରହିବ।

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ପୁରୀ

୨. ଗଠନ - ୧ ଏପ୍ରିଲ, ୧୯୩୬

୩. କ୍ଷେତ୍ରଫଳ - ୩୪୭୯ ବର୍ଗ.କି.ମି

୪. ଜନସଂଖ୍ୟା - ୧୬୯୭୯୮୩

(କ) ପୁରୁଷ - ୮୬୫୨୦୯

(ଖ) ମହିଳା - ୮୩୨୭୭୪

୫. ଉପଖଣ୍ଡ - ୧

୬. ତହସିଲ- ୧୧ ( ପୁରୀ ସଦର, ପିପିଲି, ଡ଼େଲାଙ୍ଗ, କଣାସ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଗୋପ, ସତ୍ୟବାଦୀ ।)

୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍)- ୧୧ ( ପୁରୀ ସଦର, ପିପିଲି, ଡ଼େଲାଙ୍ଗ, କଣାସ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଗୋପ, ସତ୍ୟବାଦୀ )

୮. ଗ୍ରାମ ପଞ୍ଚାୟତ - 230

୯. ଗ୍ରାମ - 1707

୧୦. [í^í - 23

୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - 1

୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)- ୦୩

୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୧୦୫. କାକଟପୁର (ଅଉ), ୧୦୬. ନିମାପଡ଼ା, ୧୦୭. ପୁରୀ, ୧୦୮, ବ୍ରହ୍ମଗିରି, ୧୦୯. ସତ୍ୟବାଦୀ, ୧୧୦. ପିପିଲି

୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୬୪୩୮୮ (୯୨୪)

୧୫. ସାକ୍ଷରତା ହାର - ୮୫.୩୭%

୧୬.ପୁରୁଷ ସାକ୍ଷରତା ହାର - ୯୧.୮୪%

୧୭. ମହିଳା ସାକ୍ଷରତା ହାର - ୭୮.୬୭%

୧୮.ଜନସଂଖ୍ୟା ବୃଦ୍ଧି ହାର - ୧୩.୦୦%

୧୯.ଜନସଂଖ୍ୟା ଘନତ୍ୱ - ୪୮୮ / ବର୍ଗ କି.ମି

୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୬୩

୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୧୨୮

୨୨. ନିଆଁଲିଭା କେନ୍ଦ୍ର - ୫

୨୩.ଲୋକସଭା ଆସନ ସଂଖ୍ୟା - ୧

୨୪ ଜଙ୍ଗଲ ଜମି - ୧୩୭.୧୦ ବର୍ଗ କି.ମି

୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୧୩.୩୦-ସର୍ବୋଚ୍ଚ ୩୭.୯୦

୨୬. ସାଧାରଣ ବୃଷ୍ଟିପାତ - ୧୪୦୮.୦୮ ମି.ମି.

୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୧୩

୨୮.ପର୍ଯ୍ୟଟନସ୍ଥଳୀ - ଜଗନ୍ନାଥ ମନ୍ଦିର, ସମୁଦ୍ର, ବାଲିହରଚଣ୍ଡୀ ଓ ବିଭିନ୍ନ ପ୍ରକାରର ମନ୍ଦିର

## ମାର୍ଚ୍ଚ, ୨୦୨୨

| ତା. | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ୦୧. | ଘ. ୬.୨୫ | ଘ. ୫.୩୪ |
| ୧୦. | ଘ. ୬.୨୨ | ଘ. ୫.୩୯ |
| ୨୦. | ଘ. ୬.୧୬ | ଘ. ୫.୪୪ |
| ୩୧. | ଘ. ୬.୧୧ | ଘ. ୫.୪୭ |

## ଅପ୍ରେଲ୍ ୨୦୨୨

| ତା. | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ୦୧. | ଘ. ୫.୪୪ | ଘ. ୫.୫୭ |
| ୧୦. | ଘ. ୫.୩୬ | ଘ. ୫.୫୯ |
| ୨୦. | ଘ. ୫.୨୯ | ଘ. ୬.୦୨ |
| ୩୧. | ଘ. ୫.୨୨ | ଘ. ୬.୦୬ |

## ପର୍ବପର୍ବାଣୀ

ତା.୦୧ ମହାଶିବ ରାତ୍ରୀ(ଜାଗର), ସବେ ମେରାଜ (ପୂର୍ବରାତ୍ରି), ଶିବ ଚତୁର୍ଦ୍ଦଶୀ ଓ ବେଢ଼ା
ତା.୦୨ ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ
ତା.୦୩ ଶରଣ ଶେଷ
ତା.୦୪ ଚନ୍ଦ୍ରଦର୍ଶନ
ତା.୦୫ ପଞ୍ଚାୟତିରାଜ ଦିବସ
ତା.୧୩ ଫଗୁ ଦଶମୀ ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଛଚେରୀ ବେଶ
ତା.୧୪ ପାପନାଶିନୀ (ଆମର୍ଦ୍ଦକୀ)ଏକାଦଶୀ, ମାସାନ୍ତ ଓ ହଳ ନିଷେଧ
ତା.୧୫ ମୀନ ସଂକ୍ରାନ୍ତି, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଓ ହ.ନି.
ତା.୧୭ ବରାହ ଦୋଳ, ରାଜାଗ୍ନି, ଓଳକଣା ମେଲଣ ଓ ଚନ୍ଦ୍ରପୂଜା
ତା.୧୮ ଦୋଳପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଶ୍ରୀ ଜୀଉଙ୍କର ରାଜବେଶ
ତା.୧୯ ହୋଲି ଉତ୍ସବ ଓ ସବେ ବରାତ (ପୂର୍ବରାତ୍ରି)
ତା.୨୨ ତାରାତାରେଣି ଯାତ୍ରା ଓ ରାଷ୍ଟ୍ରିୟ ନବବର୍ଷ ଆରମ୍ଭ
ତା.୨୩ ପଞ୍ଚୁଦୋଳ ଓ ସ୍କନ୍ଧ ଷଷ୍ଠୀ
ତା.୨୬ ଶରଣ ଆରମ୍ଭ
ତା.୨୮ ପାପମୋଚନୀ ଏକାଦଶୀ ଓ ହ.ନି
ତା.୩୦ ସ୍ନହୀ ଚତୁର୍ଦ୍ଦଶୀ, ବାରଣୀ ସ୍ନାନ, ଶିବଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା ଓ ଶରଣଶେଷ
ତା.୩୧ ଚନ୍ଦ୍ରକ୍ଷୟ ଓ ନିଶିପାଳନ ଓ ହ.ନି

ତା.୦୧ ମଧୁ ଅମାବାସ୍ୟା, ବାସନ୍ତିକ ନବଦିନାତ୍ମକ ପୂଜାରମ୍ଭ
ତା.୦୨ ହିନ୍ଦୁ ଓ ତେଲୁଗୁ ନବ ବର୍ଷାରମ୍ଭ
ତା.୦୩ ରମ୍‌ଜାନ ରୋଜାରମ୍ଭ
ତା.୦୭ ବାସନ୍ତିକ ବିଲ୍ୱବରଣୋତ୍ସବ
ତା.୦୮ ପୀଠେ-ମୃଣ୍ମୟୀ ବାସନ୍ତୀକ ସପ୍ତମୀ
ତା.୦୯ ପୀଠେ-ମୃଣ୍ମୟୀ ମହାଷ୍ଟମୀ, ସନ୍ଧୀପୂଜା,ଅଶୋକାଷ୍ଟମୀ, ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା
ତା.୧୦ ଶ୍ରୀ ରାମ ନବମୀ, ପୀଠେ-ମୃଣ୍ମୟୀ ବାସନ୍ତୁଳ ନବମୀପୂଜା, ଶିରିଡି ସାଇଙ୍କ ଜୟନ୍ତୀ
ତା.୧୧ ପୀଠେ ବାସନ୍ତୀକ ଦଶହରା
ତା.୧୨ କାମଦା ଏକାଦଶୀ,ମାସାନ୍ତ
ତା.୧୪ ମହାବିଷୁବ ସଂକ୍ରାନ୍ତି, ଶ୍ରୀହନୁମାନ ଜୟନ୍ତୀ, ମେରୁ ଯାତ୍ରା, ଅନଙ୍ଗ ତ୍ରୟୋଦଶୀ,ମହାବୀର ଜୟନ୍ତୀ
ତା.୧୫ ହିଂଗୁଳା ଯାତ୍ରା, ଶ୍ରୀବିଷ୍ଣୁ ଦମନକ ଓ ଶିବ ଚତୁର୍ଦ୍ଦଶୀ
ତା.୧୬ ଚୈତ୍ର ପୂର୍ଣ୍ଣିମା, ଚନ୍ଦ୍ରୋପବାସ
ତା.୧୭ ବୈଶାଖ ବ୍ରତାରମ୍ଭ
ତା.୨୨ ଶରଣ ଆରମ୍ଭ
ତା.୨୬ ବରୁଥିନୀ ଏକାଦଶୀ
ତା.୨୭ ଶରଣ ଶେଷ
ତା.୨୯ ଶିବ ଚତୁର୍ଦ୍ଦଶୀ ଉପବାସ,ବେଢ଼ା
ତା.୩୦ ରୁକ୍ମୁଣା ଅମାବାସ୍ୟା

## ବିଭିନ୍ନ ଦିବସ ପାଳନ

Zi 03 -ag a^ýR« \ai
Zi 04 - RiZíd ieli \ai
Zi 05 - aR _...^idK Rd«í _*idZeiR \ai
Zi 08 - @«RiZíd cjki \ai
Zi 13 - jÉi \ai
Zi 15 -ag LiCU \ai,
Zi 16 - RiZíd UiKiKeY \ai
Zi 20 - @«RiZíd @i^¦ \ai
Zi 21 - ag KaZi \ai ag Rwf \ai
Zi 22 - ag Rk \ai
Zi 23 - ag _iY_iM \ai
Zi 24 - ag ~li \ai
Zi 27 -ag [GUe \ai

ତା ୧ - ଉତ୍କଳ ଦିବସ
ତା ୨ - ବିଶ୍ୱ ଅଟିଜିମ୍ ଦିବସ
ତା ୫ - ବିଶ୍ୱ ନୌବାହିନୀ ଦିବସ
ତା ୭ - ବିଶ୍ୱ ସ୍ୱାସ୍ଥ୍ୟ ଦିବସ
ତା ୧୧ - ଜାତୀୟ ନିରାପଦ ମାତୃତ୍ୱ ଦିବସ
ତା ୧୩ - ରାଜଧାନୀ ପ୍ରତିଷ୍ଠା ଦିବସ
ତା ୧୪ - ଅଗ୍ନିସମ ସେବା ଦିବସ
ତା ୧୭ - ବିଶ୍ୱ ହେମୋଫୋଲିଆ ଦିବସ
ତା ୧୮ - ବିଶ୍ୱ ଐତିହ ଦିବସ
Zi 15 - MW `iAùW
ତା ୨୨ - ଆର୍ନ୍ତଜାତୀକ ପୃଥିବୀ ଦିବସ
ତା ୨୩ - ବିଶ୍ୱ ପୁସ୍ତକ ଓ ସ୍ୱତ୍ତ୍ୱାଧିକାର ଦିବସ
ତା ୨୫ - ବିଶ୍ୱ ମାଲେରିଆ ଦିବସ
ତା ୨୬ - ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ
ତା ୨୮ - ସ୍ୱାଭିମାନ ଦିବସ (ମଧୁସୂଦନ ଜୟନ୍ତୀ)
Zi 29 - ag ^Zý \ai



ସବୁକଥାରେ ଅତି ମାତ୍ରାଟା ଖରାପ - କିନ୍ତୁ ଶୁଦ୍ଧ ଜ୍ଞାନପ୍ରତି ଏହି ନିୟମ ଲାଗୁ ହୁଏନାହିଁ।

# ଆମରି ସତ୍ୟ ଆଜୀବନ ସଦସ୍ୟ



**ଦୟାନିଧି ରାଉତରାୟ**
**ଖୋରଧା**

**AMARISATYA YouTube CHANNEL**
( PLEASE SUBSCRIBE / LIKE / SHARE)

















## ଇ-ପତ୍ରିକା 'ଆମ କବିତା' ଉନ୍ମୋଚନ




ଖୋର୍ଦ୍ଧା,୨୮।୧(ଆ.ପ୍ର): ସ୍ଥାନୀୟ ଆମରି ସତ୍ୟ ପକ୍ଷରୁ ଏକ ମାସିକ ଇ-ପତ୍ରିକା ଜାନୁଆରୀ ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ଆମ କବିତା, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ଦ୍ୱାରା ଉନ୍ମୋଚନ ହୋଇଯାଇଛି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି, ଆମରି ସତ୍ୟ ପ୍ରତିଷ୍ଠାତା ସମ୍ପାଦକ ଡଃ ପ୍ରମୋଦ ଚନ୍ଦ୍ର ଦାସ, ଶିକ୍ଷାବିତ ଜବାହରଲାଲ ସୁବୁଦ୍ଧି, ଓ ରୋଟାରିଆନ ସୌର୍ଯ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ପତ୍ରିକାରେ ୫୦ ଜଣ କବି ଓ କବୟିତ୍ରୀଙ୍କ କବିତା ସ୍ଥାନ ପାଇଛି।




## ଆମରି ସତ୍ୟର ବିଶ୍ୱ ମାତୃଭାଷା ଦିବସ

# ମାତୃଭାଷା ବଞ୍ଚିଲେ ସଭ୍ୟତା ବଞ୍ଚିବ

ଖୋର୍ଦ୍ଧା, ୨୨।୨(ଅପ୍ର): ସମଗ୍ର ବିଶ୍ୱରେ ୭ ହଜାର ୫ଶହ ଅଧିକ ମାତୃଭାଷା ରହିଛି। ତନ୍ମଧ୍ୟରୁ ମୁଖ୍ୟତଃ ୧୨ ଭାଷା ବହୁଳ ଭାବେ ବ୍ୟବହାର ହେଉଛି। କିନ୍ତୁ ଯେଉଁ ଦିନ ଗୋଟିଏ ମାତୃଭାଷା ମରିଯିବ ସେ ଦିନ ଏକ ସଭ୍ୟତା ମରିଯିବ। ତେଣୁ ମାତୃଭାଷାକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଗୁଗୁଲ ମିଟ୍‌ରେ ଆମରି ସତ୍ୟ ଅନୁଷ୍ଠାନ ତରଫରୁ ଆୟୋଜିତ ବିଶ୍ୱ ମାତୃଭାଷା ଦିବସରେ ଏହା କହିଛନ୍ତି ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ। ସେହିପରି ଯେଉଁ ରାଜ୍ୟର ମାତୃଭାଷା ସୁଦୃଢ଼ ସେ ରାଜ୍ୟ ସେହି ପରିମାଣରେ ବିକଶିତ। ଓଡ଼ିଶାର ଆମ୍ଭଭାଷା ଆଦର କ୍ରମଶଃ ହ୍ରାସ ପାଉଥିବା କହିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ବାହାରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ନିଜ ମାତୃଭାଷାକୁ ଭୁଲିଯାଉଥିବା କହିବା ସହ ଓଡ଼ିଶାର ଘରେ ଘରେ ଲୋକମାନେ ପାଶ୍ଚାତ୍ୟ ଭାଷା ବହୁଳ ଭାବେ ବ୍ୟବହାର କରୁଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ଏହା ମାତୃଭାଷା ପାଇଁ ବିପଦ ସହ ମାତୃଭାଷାର ବିକାଶ ରହିବା କହିଥିଲେ। ତେଣୁ ସରକାରୀ ଓ ବେସରକାରୀସ୍ତରରେ ମାତୃଭାଷାକୁ ବହୁଳ ଭାବେ ବ୍ୟବହାର କରିବାକୁ ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଥିଲେ।



ବିଜୁ ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ମାତୃଭାଷା ଗୋଟିଏ ଜାତି ତଥା ସଭ୍ୟତାର ପରିଚିତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମରଜିତ ପଟ୍ଟନାୟକ, ଆଦିତ୍ୟ ନାରାୟଣ ଶତ୍ପଥୀ, ପଦ୍ମିନୀ ପାଣିଗ୍ରାହୀ, ଅନିତା ଦାସ, ବସନ୍ତି ବେଜ, ରଶ୍ମିତା ନାୟକ, କାଶୀନାଥ ଦାସ, କିଶୋର ପାଢ଼ୀରାୟ, ଶ୍ୱେତ ବିଶ୍ୱାଳ, ସୁଜାତା ମହାରଣା ପ୍ରମୁଖ ଯୋଗଦେଇ ମାତୃଭାଷାକୁ ସୁଦୃଢ଼ କରିବାକୁ ସବୁ ମହଲରୁ ଉଦ୍ୟମ ଜରୁରୀ ଥିବା ମତବ୍ୟକ୍ତ କରିଥିଲେ। ତାହାହେଲେ ଆମ ମାତୃଭାଷା ତାହାର ଗୌରବ ବଜାୟ ରଖିବା ସମେତ ବିଶ୍ୱ ଦରବାରରେ ମାତୃଭାଷା ଶକ୍ତିଶାଳୀ ହେବା କହିଥିଲେ। ଶେଷରେ ଡ. ରଶ୍ମୀରଞ୍ଜନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

Postal Regd. No. : PURI-33/2022-24

Volume-12 I Issue No.9 I Monthly I March-2022 I RNI Regn. No. ODI/ODI/2010/350521 I Page-36




Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From